


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-256 ◆SUNDAY ◆15 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୫୬ ◆ରବିବାର ◆୧୫ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ରୋଚକ ସ୍ଥିତିରେ ରାଜ୍ୟସଭା ରାଜନୀତି

# ଆଶା-ଆଶଙ୍କାରେ ତିନି ଦଳ

■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭାର ୩୭ ଟି ଆସନ ପାଇଁ ୧୦ ଟି ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଏହି ୧୦ ଟି ରାଜ୍ୟ ମଧ୍ୟରୁ ଅଧିକାଂଶ ରାଜ୍ୟରେ ଭୋଟ୍ ଗ୍ରହଣର ଆବଶ୍ୟକତା ନ ଥିବା ବେଳେ ଓଡ଼ିଶା, ବିହାର ଓ ହରିୟାଣାରେ ଭୋଟିଂ ପାଇଁ ସ୍ଥିର ହୋଇଛି। ଏହି ୩ଟି ରାଜ୍ୟରେ ଆସନ ସଂଖ୍ୟା ତୁଳନାରେ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ୧୬ ତାରିଖରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଭୋଟ୍ ଗ୍ରହଣ ହେବାକୁ ଥିବା ୩ ଟି ରାଜ୍ୟ ମଧ୍ୟରୁ ଓଡ଼ିଶା ବର୍ତ୍ତମାନ ସବୁଠୁ ଚର୍ଚ୍ଚିତ ରହିଛି। କାରଣ ଓଡ଼ିଶାର ୪ଟି ଆସନ ମଧ୍ୟରୁ ଦୁଇଟି ବିଜେପି ଓ ଗୋଟିଏ ଆସନ ବିଜେଡିକୁ ସହଜ ବିଜୟ ମିଳୁଥିଲେ ମଧ୍ୟ ଚତୁର୍ଥ ଆସନ ପାଇଁ ରୋଚକ ଲଢ଼େଇ ଜାରି ରହିଛି। ଚତୁର୍ଥ ଆସନ ପାଇଁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥନରେ ଡାକ୍ତର ଦତ୍ତେଶ୍ୱର ହୋତା ମିଳିତ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱକୁ ବିଜେପି ସମର୍ଥନ ଦେଇଛି। ଓଡ଼ିଶାରେ ଗୋଟିଏ ଆସନ ଜିତିବା ପାଇଁ ୩୦ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକତା ପଡୁଥିବା ବେଳେ ସଂଖ୍ୟା ଦୃଷ୍ଟିରୁ ଚତୁର୍ଥ ଆସନ ମିଳିତ ପ୍ରାର୍ଥୀଙ୍କ ସପକ୍ଷରେ ରହୁଛି। ଏହା ସତ୍ତ୍ୱେ ବିଜେପି ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ରାଜ୍ୟସଭା ରାଜନୀତି ରୋଚକ ସ୍ଥିତିରେ ଥିବାବେଳେ ଚତୁର୍ଥ ଆସନରେ ପ୍ରାର୍ଥୀଙ୍କ ବିଜୟ ନେଇ ଶାସକ ବିଜେପି, ବିରୋଧୀ ବିଜେଡି ଏବଂ କଂଗ୍ରେସର ନେତୃବୃନ୍ଦ ଆଶା-ଆଶଙ୍କାରେ ରହିଛନ୍ତି।

### ଘୋଡ଼ା ବେପାରରେ ମୁଖ୍ୟମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ କଲା ବିଜେଡି
### ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋଙ୍କ ପତ୍ତା ପାଉନି କଂଗ୍ରେସ
### ଦଳୀୟ ଶୃଙ୍ଖଳା ଭଙ୍ଗକଲେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ



ଅନ୍ୟପଟେ ଘୋଡ଼ା ବେପାରକୁ ଲକ୍ଷ୍ୟ କରି କଂଗ୍ରେସ ନିଜର ୮ ଜଣ ବିଧାୟକଙ୍କୁ ବେଙ୍ଗାଲୁରୁ ସ୍ଥାନାନ୍ତର କରିଥିବା ବେଳେ ନିଜେ ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳ ଭୋଟ୍ ମଙ୍ଗ ଧରିଛନ୍ତି। କିପରି ଦଳର ସମସ୍ତ ୧୪ ବିଧାୟକଙ୍କ ଭୋଟ୍ ମିଳିତ ପ୍ରାର୍ଥୀଙ୍କୁ ଯିବ ସେନେଇ ସେମାନେ ଉଦ୍ୟମ କରୁଛନ୍ତି। ମାତ୍ର ଏହି ସମୟ ମଧ୍ୟରେ ଦଳର ମୋହନା ବିଧାୟକ ଦାଶରଥୀ ଗମାଙ୍ଗଙ୍କର କୌଣସି ପତ୍ତା ମିଳୁ ନଥିବା ଜଣାପଡୁଛି। ଏମିତିକି ପିସିସି କିମ୍ବା ଏଆଇସିସି ପକ୍ଷରୁ ତାଙ୍କ ସହ ଯୋଗାଯୋଗ କରାଯାଉଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ଶ୍ରୀ କାଡାମ କହିଛନ୍ତି। ଏସବୁ ସତ୍ତ୍ୱେ ତାଙ୍କ ଭୋଟ୍ ମିଳିତ ପ୍ରାର୍ଥୀଙ୍କୁ ଯିବ ବୋଲି ଶ୍ରୀ କାଡାମ ଆଶା ରଖିବା ସହ ଯଦି କୌଣସି ବିଧାୟକ ଦଳୀୟ ଶୃଙ୍ଖଳା ଭଙ୍ଗ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ବିଜେଡିର ବରିଷ୍ଠ ବିଧାୟକ ଡଃ ଅରୁଣ ସାହୁ କହିଛନ୍ତି, ବିଜେପିର ସଂଖ୍ୟା ନ ଥାଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଏବଂ ନିଶ୍ଚିତ ଜିତିବାର ଆସ୍ଫାଳନ କରିବା ଅର୍ଥ ଘୋଡ଼ା ବେପାରକୁ ସ୍ପଷ୍ଟ ଇଙ୍ଗିତ କରୁଛି। ବିଜେପିର ଏହି ଆଚରଣ ସୁସ୍ଥ ଗଣତାନ୍ତ୍ରିକ ▶ପୃଷ୍ଠା-୭

## ବିଜେପି କରୁଛି ଘୋଡ଼ା ବେପାର: ନବୀନ



■ ଭୁବନେଶ୍ୱର, ୧୪।୩ (ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ଆଉ ଦିନକ ପରେ ଭୋଟ୍ ଗ୍ରହଣ ହେବ। ଏହା ପୂର୍ବରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟ ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଏହି ସମୟରେ ରାଜ୍ୟରେ ଘୋଡ଼ା ବେପାରକୁ ନେଇ ଜୋରଦାର ଚର୍ଚ୍ଚା ଭିତରେ ବିରୋଧୀ ଦନ ନେତା ନବୀନ ପଟ୍ଟନାୟକ ଆଜି ଶାସକ ବିଜେପିକୁ ନିଶାଣ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ଘୋଡ଼ା ବେପାର କରୁଛି। ବିଜେପିର ୩ ଜଣ ପ୍ରାର୍ଥୀ ଘୋଡ଼ା ବେପାର ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଜିତିବା ପାଇଁ ଏହା କରିବା ଏକ ▶ପୃଷ୍ଠା-୭

**ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଅପରାଧ ସଦୃଶ**

## ମଧ୍ୟପ୍ରାଚ୍ୟରେ ଅସ୍ଥିରତା: ସଙ୍କଟରେ ଜୀବନଜୀବିକା

# ଚାକିରି ଛାଡ଼ି ସ୍ୱଦେଶ ଫେରୁଛନ୍ତି ଭାରତୀୟ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ସମଗ୍ର ବିଶ୍ୱ ଏବେ ଶକ୍ତି ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଛି। ଇସ୍ରାଏଲ ଏବଂ ଆମେରିକାର ଇରାନ ଉପରେ ସମ୍ମିଳିତ ଆକ୍ରମଣ ପରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ମଧ୍ୟପ୍ରାଚ୍ୟ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଆକ୍ରମଣକୁ ନେଇ ଇରାନ ରକ୍ତମୁଖା ହୋଇ ପ୍ରମୁଖ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଯାହା ଫଳରେ ବୈଶ୍ୱିକ ସ୍ତରରେ ଶକ୍ତି ସଙ୍କଟ ଘନେଇଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୫ଦିନ ବିତିଥିବା ବେଳେ ଉପସାଗରୀୟ ଦେଶରେ ଥିବା ଆମେରିକା ନୌସେନା ଘାଟୀକୁ ନିଶାଣ କରି ଇରାନ ଜୋରଦାର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଚାଲିଛି। ଏହି ଯୁଦ୍ଧର ବିଭୀଷିକା ଭାରତୀୟ ଅର୍ଥ ବ୍ୟବସ୍ଥା ପାଇଁ ଘାତକ ହୋଇଛି। ମଧ୍ୟପ୍ରାଚ୍ୟରେ ଜାରି ଏହି ସଂଘର୍ଷ ଲାଗି ବିଦେଶରେ ରହୁଥିବା ଭାରତୀୟ ନାଗରିକ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ମୋଡ଼ି ମକଚି ଦେଇଛି।

ସୂଚନା ଅନୁଯାୟୀ, ଉପସାଗରୀୟ ଦେଶରେ ପ୍ରାୟ ୯୭ ଲକ୍ଷ ଭାରତୀୟ ରହୁଛନ୍ତି। ଭାରତୀୟ ଅର୍ଥନୀତି ପାଇଁ ଏମାନଙ୍କ ଯୋଗଦାନ ଅତୁଳନୀୟ ରହିଛି। ଏହି ଅଞ୍ଚଳରେ ଥିବା ଭାରତୀୟ ନାଗରିକ ପ୍ରତିବର୍ଷ ଦେଶକୁ ୫୦ରୁ ୫୧ ବିଲିୟନ ଡଲାର ଅର୍ଥ ପଠାଇ ଥାଆନ୍ତି। ସାରା



### ବର୍ଷକୁ ପ୍ରାୟ ୫୧ ବିଲିୟନ ଡଲାର ଅର୍ଥ ପଠାଉଛନ୍ତି
### କାରବାର କରିପାରୁନାହାନ୍ତି ଭାରତୀୟ ବ୍ୟବସାୟୀ
### ଯୁଦ୍ଧରେ ୫ ଭାରତୀୟ ନାଗରିକଙ୍କ ମୃତ୍ୟୁ, ୪ ନିଖୋଜ

ବିଶ୍ୱର ଭାରତୀୟମାନେ ପଠାଉଥିବା ଅର୍ଥ (ରେମିଟାନ୍ସ)ର ଏହା ୩୮ ପ୍ରତିଶତ ହୋଇଥିବା ବେଳେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ଯୋଗାଦନ ୩.୫ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ମୋଟ ୧୧୮.୭ ବିଲିୟନ ଡଲାର ଅର୍ଥ ଆସିଥିଲା। ଏଥିରେ ଆମେରିକାରେ ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

# ଉତ୍କଟ ହେଉଛି ଗ୍ୟାସ ସଙ୍କଟ

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପାଇଁ ଭାରତରେ ଏଲ୍‌ପିଜି ସଙ୍କଟ ବୃଦ୍ଧି ପାଇଛି। ଅନେକ ସ୍ଥାନରେ ରୋଷେଇ ଗ୍ୟାସ ମିଳୁନାହିଁ। ଏଥିପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ସବୁ ରାଜ୍ୟରେ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଲାଗି ରହିଛି। ଲୋକେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ବି ଗ୍ୟାସ ପାଉନାହାନ୍ତି। ଏହାକୁ ନେଇ ଗଣ୍ଡଗୋଳ ହେଉଥିବାରୁ ମଧ୍ୟପ୍ରଦେଶରେ ପୁଲିସ ମୁତୟନ କରିବାକୁ ପଡ଼ିଛି। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳର ସ୍ଥିତି ବଳି ଯାଇଛି। ହଠାତ ଗ୍ୟାସ ସରି ଯାଇଥିବା ଲୋକେ କ'ଣ କରିବେ ବାଟ ପାଉ ନାହାନ୍ତି। ବୁକିଂ କରିବାର ଚାରି ପାଞ୍ଚ ଦିନ ଭିତରେ ବି ଗ୍ୟାସ ମିଳୁ ନାହିଁ। ଗ୍ୟାସ ଆସୁ ନ ଥିବା କହି ଏଜେନ୍ସି ଦୋଷ ଛଡ଼େଇ ଦେଉଛନ୍ତି। ମାତ୍ର ସଙ୍କଟର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ କଳା ବଜାରୀ ଆରମ୍ଭ କରିଦେଇଛନ୍ତି। ଯେଉଁ ଗ୍ୟାସ ୧୦୦୦ ଟଙ୍କାରେ ବିକ୍ରି ହେଉଥିଲା ଏବେ ତାହା ୧୮୦୦ ଟଙ୍କା ପାର କରିଯାଇଛି। ଅଧିକ ଟଙ୍କା ହେଲେ ବି ସଙ୍କଟ ପାଇଁ ଲୋକେ ଅର୍ଥ ଦେବାକୁ ପଛାଉ ନାହାନ୍ତି। ମାତ୍ର ଟଙ୍କା ଦେଲେ ବି ଗ୍ୟାସ ମିଳୁନାହିଁ। ଏଭଳି ସ୍ଥିତିରେ ଗ୍ୟାସ ସିଲିଣ୍ଡର ପାଇଁ ଏଜେନ୍ସି ଆଗରେ ଧାଡ଼ିରେ ଛିଡ଼ା ▶ପୃଷ୍ଠା-୭

### ୟୁପି-ପଞ୍ଜାବରେ ସିଲିଣ୍ଡର ପାଇଁ ଲାଇନ ଲାଗି ୨ ମୃତ
### ମଧ୍ୟପ୍ରଦେଶରେ ପୁଲିସ ବାଣ୍ଟିଲା ସିଲିଣ୍ଡର
### ଦିଲ୍ଲୀରେ ଆବର୍ଜନାରୁ ପ୍ରସ୍ତୁତ ଗ୍ୟାସ ବ୍ୟବହାର କରିବେ ହୋଟେଲ
### ୫ ଦିନ ପରେ ବାଣିଜ୍ୟିକ ସିଲିଣ୍ଡର ଯୋଗାଣ ଆରମ୍ଭ

## ୪୧% ବଢ଼ିଲାଣି ଅଶୋଧିତ ତୈଳ ଦର

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଅଶୋଧିତ ତୈଳ ମୂଲ୍ୟରେ ନିଆଁ ଲାଗିଛି। ଏହା ହୁ ହୁ ହୋଇ ବଢ଼ିବାର ଲାଗିଛି। ଯୁଦ୍ଧର ମାତ୍ର ୧୫ ଦିନ ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇଲାଣି। କାରଣ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଯାଇଛି। ହର୍ମୁଜ ଷ୍ଟ୍ରେଟକୁ ବନ୍ଦ କରି ଇରାନ ଶକ୍ତି ସୁରକ୍ଷାକୁ ଅସୁରକ୍ଷା ମଧ୍ୟକୁ ଠେଲି ଦେଇଛି। ଏହାରି ପ୍ରଭାବରେ ବିଶ୍ୱ ଶକ୍ତି ବଜାର, ବିଶେଷ କରି ଏସିଆ ଦେଶ ଉପରେ ଚାପ ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୭ରେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ▶ପୃଷ୍ଠା-୭

**୧୫୦ ଡଲାର୍ ଛୁଇଁବା ଆଶଙ୍କା**


SIKSHA 'O' ANUSANDHAN

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in


## ୬ ମାସ ପରେ ଜେଲରୁ ମୁକୁଳିଲେ ସୋନମ ୱାଙ୍ଗଚୁକ୍



### ଅଟକ ଆଦେଶ ପ୍ରତ୍ୟାହାର କଲେ ସରକାର

■ ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି): ବିଶିଷ୍ଟ ପରିବେଶବିତ୍ ତଥା ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଆଜି ଜେଲରୁ ମୁକୁଳିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ଯେଉଁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବନ୍ଦୀ ଥିଲେ, ସେ ସଂକ୍ରାନ୍ତ ଆଦେଶକୁ କେନ୍ଦ୍ର ସରକାର ଶନିବାର ପ୍ରତ୍ୟାହାର କରିନେବା ପରେ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲ୍‌ରୁ ମୁକ୍ତ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ ଲଦାଖର ଶାନ୍ତି, ସ୍ଥିରତା ଓ ପାରସ୍ପରିକ ବିଶ୍ୱାସର ବାତାବରଣ ସୃଷ୍ଟି କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଓ ସ୍ଥାନୀୟ ▶ପୃଷ୍ଠା-୭


UDGAM - Unclaimed Deposits Gateway To Access inforMation

ନିଜ ବ୍ୟାଙ୍କରେ 10 ବର୍ଷରୁ ଅଧିକ ସମୟ ଧରି ଦାବିହୀନ ଅବସ୍ଥାରେ ପଡ଼ିରହିଥିବା ନିଜର ଟଙ୍କାକୁ ବ୍ୟବହାରଯୋଗ୍ୟ ବନାନ୍ତୁ

UDGAM କୁ ଯାଆନ୍ତୁ ଏବଂ ବ୍ୟାଙ୍କରୁ ଏହାକୁ ଦାବି କରିବାର ଉପାୟ ଜାଣନ୍ତୁ

- UDGAM ପୋର୍ଟାଲରେ ପଞ୍ଜୀକରଣ କରନ୍ତୁ ।
- ଖାତାଧାରକଙ୍କ ନାମ, ବ୍ୟାଙ୍କର ନାମ ଏବଂ ବିବରଣୀ ଯଥା ଜନ୍ମ ତାରିଖ, PAN କାର୍ଡ ଇତ୍ୟାଦି ବ୍ୟବହାର କରି ଖୋଜନ୍ତୁ ।

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

UDGAM ଏକ ଖୋଜିବାର ସୁବିଧା । ଦାବିହୀନ ଜମାରାଶି, ସଂପୃକ୍ତ ବ୍ୟାଙ୍କ (ଗୁଡ଼ିକ)ରୁ ଦାବି କରିବାକୁ ପଡ଼ିବ ।

UDGAM ପୋର୍ଟାଲରେ ବ୍ୟାଙ୍କ ଗୁଡ଼ିକର ତାଲିକା ଉପଲବ୍ଧ ।

ଅଧିକ ସୂଚନା ପାଇଁ, https://rbikehtahai.rbi.org.in/ud କୁ ଯାଆନ୍ତୁ
ମତାମତ ଦେବା ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ସକାଳ
THE SAKALA
www.sakalaepaper.com









# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକାର ସଜବାଜ

## ପଶ୍ଚିମ ଏସିଆ ଅଭିମୁଖେ ଯାତ୍ରା କଲା ୟୁଏସ୍ଏସ୍ ତ୍ରିପୋଲି ଷ୍ଟ୍ରାଇକ୍ ଗ୍ରୁପ୍

ୱାଶିଂଟନ/ ତେହରାନ, ୧୪।୩(ଏଜେନ୍ସି): ଇରାନ ସହ ଚାଲିଥିବା ଭୟାଭୟ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ବଢୁଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଆମେରିକା ଏକ ବଡ଼ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି । ହର୍ମୁଜରେ ତେଲ ଟ୍ୟାଙ୍କରକୁ ସୁରକ୍ଷା ଦେବା ସହିତ ଇରାନରେ ଗ୍ରାଉଣ୍ଡ ଅପରେସନ ପାଇଁ ଆମେରିକା 'ୟୁଏସ୍ଏସ୍ ତ୍ରିପୋଲି' ପଠାଇଛି । ଏହା ଆମେରିକା ନୌସେନାର ଆମ୍ଫିବିୟସ ରେଡ଼ି ଗ୍ରୁପ୍ (ଏଆରଜି)ର ନେତୃତ୍ୱ ନେବ । ଏଥସହିତ ୨୫୦୦ ମେରାଇନ ସୈନ୍ୟ ମଧ୍ୟ ଯାତ୍ରା କରିଛନ୍ତି । 'ୟୁଏସ୍ଏସ୍ ତ୍ରିପୋଲି' ହେଉଛି ଆମେରିକାର ଅନ୍ୟତମ ବୃହତ୍ତମ ଆମ୍ଫିବିୟସ ଆସଲ୍ଟ ଜାହାଜ ବା ଯୁଦ୍ଧ ଜାହାଜ । ଏହା ଏକ ବିମାନବାହୀ ଜାହାଜ ସହ ପ୍ରାୟ ସମାନ । ଏଥିରେ ଅନେକ ହେଲିକପ୍ଟର, ଏମ୍ଭି-୨୨ ଓସପ୍ରେ ଓ ଏଫ-୩୫ବି ଫାଇଟର ଜେଟ୍ ରହିପାରିବ । ଏହି ଷ୍ଟ୍ରାଇକ୍ ଗ୍ରୁପ୍‌ରେ 'ୟୁଏସ୍ଏସ୍ ରୋବାର୍ଟ ସ୍ମଲ୍ସ' (ଗାଇଡେଡ୍ ମିସାଇଲ କ୍ରୁଜର) ଓ ୟୁଏସଏସ୍ ରାଫାଏଲ ପେରାଲ୍ଟା (ଡେଷ୍ଟ୍ରୟର) ସାମିଲ ଅଛି । ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦୦୦୦ରୁ ଅଧିକ ସୈନ୍ୟ ମୁତୟନ ଅଛନ୍ତି । 'ୟୁଏସ୍ଏସ୍ ତ୍ରିପୋଲି' ଆଗାମୀ ଏକର ଦୁଇ ସପ୍ତାହ ମଧ୍ୟରେ ସେଣ୍ଟ୍ରାଲ କମାଣ୍ଡ ଅଞ୍ଚଳରେ ପହଞ୍ଚିବ ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଇରାନ ଆଜି ଆମେରିକା ଘାଟି ଓ ଇସ୍ରାଏଲ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ମାଡ଼ କରିଛି । ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି) ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଇରାନ ଆବୁଧାବିର ଅଲ ଧଫ୍ରା ବେସ୍ ଓ ବାହାରିନ୍‌ର ଶେଖ ଇସା ବେସ୍ ଉପରେ କ୍ରମାଗତ ଭାବେ କ୍ଷେପଣାସ୍ତ୍ର ଆକ୍ରମଣ କରିଚାଲିଛି । ଇରାନ ଦାବି କରିଛି ଯେ ଏହି ଆକ୍ରମଣରେ ଆମେରିକାର ପାଟ୍ରିଅଟ ରାଡାର ସିଷ୍ଟମ, ବିମାନ ଓ ଇନ୍ଧନ ଭଣ୍ଡାରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି । ତେବେ ଆମେରିକା ତରଫରୁ ଏହି ଘଟଣା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକୀୟ ବାୟୁସେନା ଇରାନର ଖାର୍ଗ ଦ୍ୱୀପରେ ଏକ ଶକ୍ତିଶାଳୀ ବୋମା ବର୍ଷଣ କରିଛି । ଖାର୍ଗ ଦୀପ ହେଉଛି ଇରାନ ଅର୍ଥନୀତିର 'କ୍ରାଉନ ଜୁଏଲ' ବା ମୁଖ୍ୟ ତୈଳ ରପ୍ତାନୀ କେନ୍ଦ୍ର । ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ଦ୍ୱୀପରେ ଥିବା ସମସ୍ତ ସାମରିକ ଲକ୍ଷ୍ୟସ୍ଥଳକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରାଯାଇଛି । ଏହାକୁ ମଧ୍ୟପ୍ରାଚ୍ୟ ଇତିହାସର ଅନ୍ୟତମ ଶକ୍ତିଶାଳୀ ବୋମା ବର୍ଷଣ ବୋଲି ବର୍ଣ୍ଣନା କରାଯାଇଛି । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ମାନବିକତା ଦୃଷ୍ଟିକୋଣରୁ ଏପର୍ଯ୍ୟନ୍ତ ଦୀପର ତୈଳ ଭିତ୍ତିଭୂମିକୁ ଧ୍ୱଂସ କରନାହାନ୍ତି । ତେବେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି କଲେ, ଏହି ନିଷ୍ପତ୍ତିକୁ ପୁନର୍ବିଚାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ପୁଣି ତୈଳ ଟ୍ୟାଙ୍କରଗୁଡ଼ିକୁ ସୁରକ୍ଷିତ ଭାବେ ନେବା ପାଇଁ ଆମେରିକା ନୌସେନା ଶୀଘ୍ର ପ୍ରହରା ଆରମ୍ଭ କରିବ ବୋଲି ଟ୍ରମ୍ପ କହିଛନ୍ତି । ତୈଳ ଟ୍ୟାଙ୍କରଗୁଡ଼ିକୁ ସହାୟତା ଦେବାପାଇଁ ଚୀନ ଓ ବ୍ରିଟେନ ଆଗେଇ ଆସିବାକୁ ସେ କହିଛନ୍ତି ।

ଖାର୍ଗ ଦୀପ ଆକ୍ରମଣ ପରେ ଇରାନ ମଧ୍ୟ ଚେତାବନୀ ଦେଇଛି ଯେ ଯଦି ତାଙ୍କ ତୈଳ ଭିତ୍ତିଭୂମୀ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ଆମେରିକା ସହ ସହଯୋଗ କରୁଥିବା ଅଞ୍ଚଳର ଅନ୍ୟ ତୈଳ ଓ ଶକ୍ତି ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ । ଏହି ସଂଘର୍ଷ ପରେ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦର ବୃଦ୍ଧି ପାଇଛି ଓ ଅନ୍ତର୍ଜାତୀୟ ବଜାରରେ ବାରେଲ ପିଛା ୧୦୦ ଡଲାରରୁ ଉପରେ ରହିଛି । ଉଲ୍ଲେଖଥାଉକି, ଖାର୍ଗ ଦ୍ୱୀପ ଇରାନ ପ୍ରାୟ ୯୦ ପ୍ରତିଶତ ଆଶୋଧିତ ତୈଳ ରପ୍ତାନୀ କରିଥାଏ ।

ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଏବେ ଭୟାଭୟ ରୂପ ଧାରଣ କରିଛି ।

ଇତିମଧ୍ୟରେ ଇସ୍ରାଏଲର ପ୍ରତିରକ୍ଷା ବାହିନୀ ଆଜି ଇରାନର ମହାକାଶ ଗବେଷଣା କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରୁଥିବା କାରଖାନାକୁ ଟାର୍ଗେଟ କରିଛି । ଏହି ଗବେଷଣା କେନ୍ଦ୍ରଟି ସାମରିକ ଉପଗ୍ରହ ବିକାଶ ଓ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ବ୍ୟବହୃତ ହେଉଥିଲା । ସେପଟେ ଇରାନ ୟୁଏଇର ବନ୍ଦରଗୁଡ଼ିକ ଉପରେ ଆକ୍ରମଣ କରିଛି । ଫଳରେ ଫୁଜେରା ବନ୍ଦରରେ ଥିବା ତୈଳ ଭଣ୍ଡାରରେ ଅଗ୍ନିକାଣ୍ଡ ଘଟିଛି । ଇରାନ ପକ୍ଷରୁ ପ୍ରେରିତ ଏକ ଡ୍ରୋନ୍‌କୁ ୟୁଏଇର ପ୍ରତିରକ୍ଷା ବ୍ୟବସ୍ଥା ପ୍ରତିହତ କରିଥିଲା । କିନ୍ତୁ ଉକ୍ତ ଡ୍ରୋନର ଭଗ୍ନାବଶେଷ ତୈଳ ଗଚ୍ଛିତ ସ୍ଥାନରେ ପଡ଼ିବାରୁ ନିଆଁ ଲାଗିଛି । ଅଗ୍ନିକାଣ୍ଡ ଯୋଗୁଁ ବନ୍ଦରରେ ଚାଲିଥିବା ତୈଳ ଲୋଡିଂ କାର୍ଯ୍ୟକୁ ବନ୍ଦ କରାଯାଇଛି । ଆମେରିକା ପକ୍ଷରୁ ଖାର୍ଗ ଦ୍ୱୀପରେ ଥିବା ସାମରିକ ଅନୁଷ୍ଠାନ ଉପରେ ଆକ୍ରମଣ କରାଯିବାର କିଛି ଘଣ୍ଟା ପରେ ଇରାନ ଏହି ପ୍ରତିଶୋଧାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅନୁମାନ କରାଯାଇଉଛି । ଏହି ଆକ୍ରମଣ ଦ୍ୱାରା ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷକୁ ଆହୁରି ଜଟିଳ କରିଛି ।

- ■ ଆବୁଧାବି, ବାହାରିନ୍‌ରେ ଥିବା ଆମେରିକା ଘାଟି ଉପରେ ଇରାନର ଆକ୍ରମଣ
- ■ ଇରାନର ତୈଳ କେନ୍ଦ୍ର 'ଖାର୍ଗ ଦ୍ୱୀପ'କୁ ଧ୍ୱସ୍ତ କଲା ଆମେରିକା
- ■ ଇରାନର ମହାକାଶ ଗବେଷଣା କେନ୍ଦ୍ର ଉପରେ ଇସ୍ରାଏଲର ଆକ୍ରମଣ

## ଉପସାଗରୀୟ ଅଞ୍ଚଳରେ ଆକ୍ରମଣ ନ କରିବାକୁ ଇରାନକୁ ହମାସର ନିବେଦନ

ତେହରାନ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଜଣାଶୁଣା ଆତଙ୍କବାଦୀ ସଂଗଠନ ହମାସ ଏବେ ଇରାନକୁ ଏକ ବିରଳ ସର୍ବସାଧାରଣ ଅପିଲ କରିଛି । ଯୁଦ୍ଧରେ ମଧ୍ୟପ୍ରାଚ୍ୟ ତଥା ପଡୋଶୀ ଦେଶଗୁଡ଼ିକୁ ଆକ୍ରମଣ ନ କରିବାକୁ ହାମାସ ଇରାନକୁ ନିବେଦନ କରିଛି । ଉପସାଗରୀୟ ଦେଶଗୁଡ଼ିକୁ ଟାର୍ଗେଟ ନ କରିବାକୁ ହମାସ ଇରାନକୁ ଅନୁରୋଧ କରିଛି । ଏହି ଅନୁରୋଧ ସତ୍ତ୍ୱେ, ହମାସ ସ୍ପଷ୍ଟ କରିଛି ଯେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୋଧରେ ନିଜକୁ ରକ୍ଷା କରିବାର ଅଧିକାର ଇରାନର ରହିଛି । ଇରାନ ଅନ୍ତର୍ଜାତୀୟ ନିୟମ ଓ ଆଇନ୍ ଅନୁଯାୟୀ ଏହି ଆକ୍ରମଣର ଜବାବ ଦେବାକୁ ସ୍ୱାଧୀନ । ହମାସ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରିଛି ଯେ ସେମାନେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଏହି ଯୁଦ୍ଧକୁ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ । କାତାର ଭଳି ଦେଶରେ ହମାସର ବହୁ ନେତା ଅବସ୍ଥାନ କରନ୍ତି । ସେମାନଙ୍କ ଉପରେ ଇରାନର ଆକ୍ରମଣ ହେତୁ ହମାସ ଏହି ନିଷ୍ପତ୍ତି ନେଇଛି । ଏହି ସମ୍ବନ୍ଧରେ ହମାସ ଉପରେ କାତାରର କୂଟନୈତିକ ଚାପ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ହମାସ ଇରାନର ଏକ ପ୍ରମୁଖ ସମର୍ଥକ ରହିଆସିଛି । ପୂର୍ବରୁ ହମାସ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଖାମନେଇଙ୍କ ଉପରେ ଆକ୍ରମଣ ଓ ମୃତ୍ୟୁକୁ ନେଇ ନିନ୍ଦା କରିଥିଲା ।

## ବିବାହ ମଣ୍ଡପରୁ ଗ୍ୟାଙ୍ଗଷ୍ଟର ବରକୁ ଉଠାଇନେଲା ପୁଲିସ

ଭୋପାଳ, ୧୪।୩(ଏଜେନ୍ସି): ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଏକ ଅଭାବନୀୟ ତଥା ନାଟକୀୟ ଘଟଣା ଦେଖିବାକୁ ମିଳିଛି । ସେଠାରେ ପୁଲିସ ବାହାଘର ମଣ୍ଡପରେ ପଶି ଜଣେ ଗ୍ୟାଙ୍ଗଷ୍ଟର ବରକୁ ଗିରଫ କରିବା ସହ ଉଠାଇ ନେଇଛି । ଗିରଫ ହୋଇଥିବା ବରର ନାମ ଆକାଶ ନୀଳକଣ୍ଠ । ସେ ଭୋପାଳରେ ଭୂରା ନାମରେ ପରିଚିତ । ସେ ସହରରେ ସକ୍ରିୟ ଥିବା ଏକ ବେଆଇନ ଗ୍ୟାଙ୍ଗର ନେତା ବୋଲି ପୁଲିସ କହିଛି । ଏହି ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ବେକରେ ଇଲିଗାଲ ବୋଲି ଟାଟୁ କରିଥାନ୍ତି । ଆକାଶ ବିରୋଧରେ ହତ୍ୟା ଓ ଅପହରଣ ସମେତ ୩୧ଟି ମାମଲା ରହିଛି । ସେ ନିକଟରେ ଏକ ମନ୍ଦିରରେ ପୂଜକଙ୍କୁ ଅପହରରଣ କରି ୮ ଲକ୍ଷ ଟଙ୍କା ଦାବି କରିଥିବା ଓ ତାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ତାକୁ ଖୋଜୁଥିଲା । ପୂଜକ ଜଣକ ଖସି ଆସି ପୁଲିସରେ ଅଭିଯୋଗ କରିବା ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା । ବରକୁ ପୁଲିସ ନେଇଯିବା ପରେ, କନ୍ୟା ସୀମା ହାତରେ ମେହେନ୍ଦୀ ଓ ମୁହଁରେ ହଳଦୀ ଲଗାଇ ଥାନାରେ ପହଞ୍ଚିଥିଲେ । ସେ କାନ୍ଦି କାନ୍ଦି ପୁଲିସକୁ ଅନୁରୋଧ କରିଥିଲେ ଯେ, ତାଙ୍କର ଏଥିରେ କୌଣସି ଦୋଷ ନାହିଁ ଏବଂ ତାଙ୍କୁ ବାହଘରର ରୀତିନୀତି ସାରିବା ପାଇଁ ଅନ୍ତତଃ ଦୁଇ ଘଣ୍ଟାର ସମୟ ଦିଆଯାଉ । କିନ୍ତୁ ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖାନ କରିଥିଲା । ପୁଲିସ ଆକାଶ ସହ ଅନ୍ୟ ୫ ଜଣ ସହଯୋଗୀଙ୍କୁ ଗିରଫ କରିଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ ପୁଲିସ ରିମାଣ୍ଡରେ ପଠାଯାଇଛି ।

## ଭଉଣୀକୁ ହତ୍ୟା କରିବା ପରେ ମା'ଙ୍କୁ ହତ୍ୟା ଉଦ୍ୟମ

ମୁରାଦାବାଦ୍, ୧୪।୩(ଏଜେନ୍ସି): ଉତ୍ତରପ୍ରଦେଶର ମୁରାଦାବାଦ୍‌ରେ ଜଣେ ୨୫ ବର୍ଷୀୟ ଇଞ୍ଜିନିୟର ନିଜ ଯାଆଁଳା ଭଉଣୀକୁ ଅତି ନିର୍ମମ ଭାବେ ହତ୍ୟା କରିବା ସହ ମା'ଙ୍କୁ ମଧ୍ୟ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଛନ୍ତି । ଅଭିଯୁକ୍ତ ଭାଇର ନାମ ହେଉଛି ହାର୍ଦ୍ଦିକ ଓ ମୃତ ଭଉଣୀର ନାମ ହିମାଶିଖା । ଦୁହେଁ ଗୁରୁଗ୍ରାମରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ହିମାଶିଖା ଏମ୍‌ବିଏ ପଢୁଥିଲେ, କିନ୍ତୁ ହାର୍ଦ୍ଦିକ ପ୍ରାୟ ଦେଢ଼ ବର୍ଷ ହେବ ଚାକିରି ଛାଡ଼ି ସାମାଜିକ ଗଣମାଧ୍ୟମରେ ସମୟ ବିତାଉଥିଲେ । ହାର୍ଦ୍ଦିକ ସାମାଜିକ ଗଣମାଧ୍ୟମ ଜରିଆରେ ଜଣେ ମହିଳାଙ୍କ ସହ ବନ୍ଧୁତା କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ । ମା ଓ ଭଉଣୀ ତାଙ୍କୁ ସମ୍ପର୍କ ଅପେକ୍ଷା କ୍ୟାରିୟର ଉପାର ଧ୍ୟାନ ଦେବାକୁ ବାରମ୍ବାର ପରାମର୍ଶ ଦେଉଥିଲେ । ଗତ ମାର୍ଚ୍ଚ ୬ରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । କିନ୍ତୁ ଏଥିରେ ଉତ୍ୟକ୍ତ ହୋଇ ହାର୍ଦ୍ଦିକ ନିଜ ମା'ଙ୍କ ଅଫିସ୍‌କୁ ଯାଇଥିଲେ ଓ ଘରକୁ ଚାଲ, ତୁମ ପାଇଁ ଏକ ସରପ୍ରାଇଜ୍ ଅଛି, କହି ତାଙ୍କୁ ଘରକୁ ଆଣିଥିଲେ । ମା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅକୁ ଦେଖି ଚିତ୍କାର କରିବାରୁ ହାର୍ଦ୍ଦିକ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ମା' ନୀଳିମା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ସେ ବିପଦ ମୁକ୍ତ ଅଛନ୍ତି । ପୁଲିସ ୨୪ ଘଣ୍ଟା ମଧ୍ୟରେ ହାର୍ଦ୍ଦିକଙ୍କୁ ଗିରଫ କରିଛି । ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ହିମାଶିଖାଙ୍କ ଶରୀରରେ ୮୪ ଥର ଛୁରା ମାଡ଼ ହୋଇଥିଲା ।

## ଉତ୍ତର କୋରିଆର ଶକ୍ତି ପ୍ରଦର୍ଶନ



ଜାପାନ ସାଗରକୁ ନିକ୍ଷେପ କଲା ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର

ପିୟୋଙ୍ଗୟାଙ୍ଗ, ୧୪।୩(ଏଜେନ୍ସି): ଉତ୍ତର କୋରିଆର ଶନିବାର ପାଖାପାଖି ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଜାପାନ ସାଗର ଉପରକୁ ନିକ୍ଷେପ କରିଛି । ଫଳରେ ଏହି ଘଟଣା ସମଗ୍ର ଏସିଆ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାଜଧାନୀ ପିୟୋଙ୍ଗୟାଙ୍ଗର ସୁନାନ ଅଞ୍ଚଳରୁ ଏହି କ୍ଷେପଣାସ୍ତ୍ରଗୁଡ଼ିକ ନିକ୍ଷେପ କରାଯାଇଥିଲା । ଏଗୁଡ଼ିକ ଜାପାନ ସାଗର ଆଡ଼କୁ ଗତି କରୁଥିଲା । ଏଗୁଡ଼ିକ ଜାପାନର 'ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ' (ଇଇଜେଡ୍) ବାହାରେ ପଡ଼ିଥିବା ଆକଳନ କରାଯାଇଛି । ସୁରକ୍ଷା ଦୃଷ୍ଟିକୋଣରୁ ଜାପାନ ସରକାର ଏକ ଜରୁରୀକାଳୀନ ସଙ୍କଟ ପରିଚାଳନା ଦଳ ଗଠନ କରିଛନ୍ତି । ଏହି ପରୀକ୍ଷଣ ଏପରି ସମୟରେ ହୋଇଛି, ଯେତେବେଳେ ଅମେରିକା ଓ ଦକ୍ଷିଣ କୋରିଆ ମଧ୍ୟରେ ବାର୍ଷିକ ଫ୍ରିଡମ୍ ସିଲ୍ଡ ମିଳିତ ସାମରିକ ଅଭ୍ୟାସ ଚାଲିଛି । ଏହି ସାମରିକ ଅଭ୍ୟାସକୁ ବିରୋଧ କରି ଉତ୍ତର କୋରିଆ ଏହି କ୍ଷେପଣାସ୍ତ୍ର ଛାଡ଼ିଛି । ତେବେ ଦକ୍ଷିଣ କୋରିଆ ଏହାକୁ ଆକ୍ରମଣର ପୂର୍ବ ପ୍ରସ୍ତୁତି ବୋଲି ବିବେଚନା କରିଆସୁଛି । ଏହା ଦ୍ୱାରା ଉତ୍ତର କୋରିଆ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିବା ସହ ଅନ୍ତର୍ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର କରିଥାଏ ।

## ୪ଟି ଆଇଆର୍‌ଏନ୍‌ଏସ୍‌ଏସ୍ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ଭାରତର ସ୍ୱଦେଶୀ ନାଭିଗେସନ ସାଟେଲାଇଟ୍ ସିଷ୍ଟମ (ଏନ୍‌ଏଭିଆଇସି)କୁ ଏକ ବଡ଼ ଝଟ୍‌କା ଲାଗିଛି । ୪ଟି କାର୍ଯ୍ୟରତ ଉପଗ୍ରହ ମଧ୍ୟରୁ ଗୋଟିଏ ବିଫଳ ହୋଇଛି, ଯାହା ଲଞ୍ଚ୍ ହେବାର ପ୍ରାୟ ୧୦ ବର୍ଷ ପରେ ଘଟିଛି ବୋଲି ଇଣ୍ଡିଆନ ସ୍ପେଶ ରିସର୍ଚ୍ଚ ଅର୍ଗାନାଇଜେସନ (ଇସ୍ରୋ) ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ଉପଗ୍ରହ ୨୦୧୬ ମାର୍ଚ୍ଚ ୧୦ରେ ଲଞ୍ଚ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ଏହି ଉପଗ୍ରହ ୩ଟି ଆଣବିକ ଘଡ଼ି ସହିତ କାର୍ଯ୍ୟ କରୁଥିଲା, କିନ୍ତୁ ସମୟ କ୍ରମେ ଏଗୁଡ଼ିକ ଅକାମୀ ହୋଇଥିଲା । ଶେଷରେ, ଏହାର ଏକମାତ୍ର ସକ୍ରିୟ ଆଣବିକ ଘଡ଼ିଟି ବିଫଳ ହେବା ପରେ ଏହି ଉପଗ୍ରହ ନିଜର କାର୍ଯ୍ୟକ୍ଷମତା ହରାଇଛି । ଏନ୍‌ଏଭିଆଇସି ସିଷ୍ଟମ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଓ ସେବା ପ୍ରଦାନ କରିବା ପାଇଁ ଅତିକମ୍‌ରେ ୪ଟି ଉପଗ୍ରହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାରେ ରହିବା ଆବଶ୍ୟକ । ଏହି ଉପଗ୍ରହର ବିଫଳତା କାରଣରୁ ରେଳବାଇ, ସାମରିକ କାର୍ଯ୍ୟ ଓ ସାଧାରଣ ନାଗରିକଙ୍କ ପାଇଁ ନେଭିଗେସନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏହି ଉପଗ୍ରହ ତା'ର ୧୦ ବର୍ଷର କାର୍ଯ୍ୟକାଳ ପୂରଣ କରିବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି । ଏହି ବିଫଳତା ପରେ ଇସ୍ରୋ ପକ୍ଷରୁ ନୂତନ ଉପଗ୍ରହ ଲଞ୍ଚ୍ କରିବା କିମ୍ବା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ କାର୍ଯ୍ୟ କରାଯିବ ବୋଲି ଆଶା କରାଯାଉଛି ।

## ହର୍ମୁଜ୍ ପ୍ରଣାଳୀ ପାର ହେଲା ଭାରତକୁ ଆସୁଥିବା ଦୁଇ ଜାହାଜ



ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ କାରଣରୁ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ମଧ୍ୟରେ, ଭାରତର ଦୁଇଟି ଏଲ୍‌ପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି । ଶିପିଂ କର୍ପୋରେସନ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)ର ଦୁଇଟି ଜାହାଜ 'ଶିବାଳିକ' ଓ 'ନନ୍ଦା' ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ବାହାରିଛନ୍ତି । ଏହି ଜାହାଜଗୁଡ଼ିକରେ ପ୍ରାୟ ୯୨, ୭୦୦ ମେଟ୍ରିକ ଟନ୍ ଗ୍ୟାସ ରହିଛି । ଏହି ସୁରକ୍ଷିତ ଯାତ୍ରା ସମ୍ଭବ ହୋଇଛି ଭାରତର ତୀବ୍ର କୂଟନୈତିକ ପ୍ରୟାସ ଯୋଗୁଁ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ ୪ଥର ଫୋନ୍‌ରେ କଥା ହୋଇଥିଲେ । ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନଙ୍କ ସହ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ । ମୋଟ ୨୮ ଟି ଭାରତୀୟ ପତାକାଧାରୀ ଜାହଜ ଏହି ଅଞ୍ଚଳରେ ଅଟକି ରହିଥିଲା । ସେଥିମଧ୍ୟରୁ ଅନେକ ଏବେ ମଧ୍ୟ ସୁରକ୍ଷିତ ଯାତ୍ରା ପାଇଁ ଅପେକ୍ଷା କରିଛନ୍ତି । ୩ଜଗ ପ୍ରକାଶ' ନାମକ ଆଉ ଏକ ଜାହାଜ ମଧ୍ୟ ସୁରକ୍ଷିତ ଭାବେ ଯାତ୍ରା ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ଶକ୍ତି ସମ୍ବଳର ଅବ୍ୟାହତ ଯୋଗାଣ ଭାରତ ପାଇଁ ସର୍ବାଧିକ ପ୍ରାଥମିକତା ।

## ଭାରତରେ ଅଟକି ରହିଥିବା ବିଦେଶୀ ନାଗରିକଙ୍କ ପାଇଁ ୩୦ ଦିନର ଭିସା ବୃଦ୍ଧି

ଦୁବାଇ, ୧୪।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ଭାରତରେ ଯେଉଁ ନାଗରିକମାନେ ନିଜ ଦେଶକୁ ଫେରିପାରୁନାହାନ୍ତି, ସେମାନଙ୍କ ଭିସା ଅବଧିକୁ ଆଉ ୩୦ ଦିନ ପାଇଁ ବଢ଼ାଇ ଦିଆଯାଇଛି । ଏ ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଫେବୃଆରୀ ୨୮ ପରଠାରୁ ଯଦି କୌଣସି ବିଦେଶୀ ନାଗରିକ ନିଜ ଭିସା ଅବଧିଠାରୁ ଅଧିକ ସମୟ ରହିଛନ୍ତି ଅର୍ଥାତ ଓଭରଷ୍ଟେ କରିଛନ୍ତି, ତେବେ ସେଥିପାଇଁ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ ନାହିଁ । ଯାତ୍ରା ବାଧାପ୍ରାପ୍ତର ସମ୍ମୁଖୀନ ହୋଇଥିବା ବିଦେଶୀମାନଙ୍କୁ ଭାରତ ଛାଡ଼ିବା ପାଇଁ ମାଗଣାରେ 'ଏକଜିଟ୍ ପରମିଟ୍' ପ୍ରଦାନ କରାଯିବ । ପୁଣି ଯଦି କୌଣସି ବିମାନର ଗତିପଥ ପରିବର୍ତ୍ତନ ଯୋଗୁଁ କେହି ବିଦେଶୀ ନାଗରିକ ହଠାତ ଭାରତରେ ପହଞ୍ଚନ୍ତି, ତେବେ ସେମାନଙ୍କୁ ମାଗଣାରେ ଅସ୍ଥାୟୀ ଲ୍ୟାଣ୍ଡିଂ ପରମିଟ୍ ଦିଆଯିବ । ସେହିପରି ଯଦି କେହି ପରିସ୍ଥିତି ଯୋଗୁଁ ଭିସା ସମ୍ପ୍ରସାରଣ ପାଇଁ ଆବେଦନ କରିପାରୁ ନାହାନ୍ତି, ତାହାକୁ ଆଇନ୍‌ର ଉଲ୍ଲଂଘନ ବୋଲି ଧରାଯିବ ନାହିଁ । ସୂଚନା ଯୋଗ୍ୟ ଯେ, ଫେବୃଆରୀ ୨୮ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଯୋଗୁଁ ସାରା ମଧ୍ୟପ୍ରାଚ୍ୟରେ ସୁରକ୍ଷା ସଙ୍କଟ ଦେଖାଦେଇଛି । ଏହି କାରଣରୁ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଛି । ଫଳରେ ବିଦେଶୀ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

## ଭିସା ପାଇବାକୁ ଡକାୟତି ନାଟକ: ଆମେରିକାରେ ୧୧ ଭାରତୀୟ ଗିରଫ



ନୂଆଦିଲ୍ଲୀ/ୱାସିଂଟନ, ୧୪।୩(ଏଜେନ୍ସି): ଆମେରିକାରେ ରହିବା ପାଇଁ ଭିସା ପାଇବା ଆଶାରେ ୧୧ଜଣ ଭାରତୀୟ ନାଗରିକ ମିଳିତ ଭାବେ ନକଲି ସଶସ୍ତ୍ର ଡକାୟତିର ଯୋଜନା କରି ଗିରଫ ହୋଇଛନ୍ତି । ସେମାନଙ୍କ ବିରୋଧରେ ଭିସା ଠକେଇ ଅଭିଯୋଗ ଆସିଛି । ଆମେରିକାରେ ୟୁ- ଭିସା ନାମକ ଏକ ସ୍ୱତନ୍ତ୍ର ସୁବିଧା ରହିଛି । ଯଦି କୌଣସି ବିଦେଶୀ ନାଗରିକ ସେଠାରେ କୌଣସି ଗୁରୁତର ଅପରାଧର ଶିକାର ହୁଅନ୍ତି ଏବଂ ତଦନ୍ତରେ ପୁଲିସକୁ ସାହାଯ୍ୟ କରନ୍ତି, ତେବେ ସେମାନଙ୍କୁ ଏହି ଭିସା ମିଳିଥାଏ । ଏହି ସୁବିଧା ହାସଲ କରିବା ପାଇଁ ଏହି ବ୍ୟକ୍ତିମାନେ ନିଜକୁ ଅପରାଧର ଶିକାର ଭାବେ ଦର୍ଶାଇବାକୁ ଚାହୁଁଥିଲେ । ଏମାନେ ବିଭିନ୍ନ ମଦ ଦୋକାନ, ଫାଷ୍ଟ-ଫୁଡ୍ ରେଷ୍ଟୁରାଣ୍ଟ ଏବଂ କନଭିନିଏନ୍ସ ଷ୍ଟୋରରେ ଅତି କମ୍‌ରେ ୬ଟି ନକଲି ଡକାୟତି କରିଥିଲେ । ଜଣେ ବ୍ୟକ୍ତି ନକଲି ବନ୍ଧୁକ ଧରି ଦୋକାନକୁ ପଶୁଥିଲା ଓ କ୍ୟାସ କାଉଣ୍ଟରରୁ ଟଙ୍କା ନେଇ ଫେରାର ହୋଇଯାଉଥିଲା । ଏହି ସମସ୍ତ ଦୃଶ୍ୟକୁ ସିସିଟିଭି କ୍ୟାମେରାରେ ରେକର୍ଡ କରାଯାଉଥିଲା, ଯେମିତି ଏହା ଏକ ପ୍ରକୃତ ଅପରାଧ ଭଳି ଦେଖାଯିବ । ଡକାୟତି ପରେ ଦୋକାନୀମାନେ ଜାଣିଶୁଣି ୫ ମିନିଟ ବିଳମ୍ବରେ ପୁଲିସକୁ ଖବର ଦେଉଥିଲେ ଓ ଏହା ଦ୍ୱାରା ଡକାୟତ ସହଜରେ ଖସି ପଳାଇବ । ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଯୋଜନାରେ ସାମିଲ ହେବା ପାଇଁ ଆବେଦନକାରୀମାନେ ଟଙ୍କା ଦେଉଥିଲେ । ସେହି ଟଙ୍କାକୁ ମୁଖ୍ୟ ଆୟୋଜକ ଓ ଦୋକାନ ମାଲିକଙ୍କ ମଧ୍ୟରେ ଭାଗ କରାଯାଉଥିଲା । ଯଦି ଭିସା ଠକେଇ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତମାନଙ୍କୁ ୫ ବର୍ଷ ଜେଲଦଣ୍ଡ ଓ ପ୍ରାୟ ୨,୫୦, ୦୦୦ ଡଲାର ଅର୍ଥାତ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ । ଏଫ୍‌ବିଆଇ ଓ ଆମେରିକାର ଇମିଗ୍ରେସନ ବିଭାଗ ମିଳିତ ତଦନ୍ତ ପରେ ଏହି ଜାଲିଆତି ଧରାପଡ଼ିଥିଲା । ଏହି ୧୧ ଜଣ ଭାରତୀୟ ଅତିକମ୍‌ରେ ୬ଟି ନକଲି ଡକାୟତି ଘଟଣା ଯୋଜନା କରିଥିଲେ । ଅଭିଯୋଗ ଅନୁସାରେ ଯେଉଁମାନେ ଏହି ଯୋଜନାରେ ଯୋଗ ଦେଉନଥିଲେ, ସେମାନେ ଟଙ୍କା ଦେଇ ଏଥିରେ ଭାଗ ନେଉ ନ ଥିଲେ । ଏହା ମାଧ୍ୟମରେ ସେମାନେ ନିଜକୁ ଡକାୟତିର ଶିକାର ବୋଲି ଦେଖାଇ ୟୁ-ଭିସା ପାଇବାକୁ ଚେଷ୍ଟା କରୁଥିଲେ । ଏହି ଅଭିଯୁକ୍ତ ମାନେ କେଣ୍ଟକି, ମିଜୋରି, ଓହିୟୋ ରାଜ୍ୟରେ ଗିରଫ ହୋଇଛନ୍ତି ।

**ନାବାଳିକା ଅସଦାଚରଣରୁ ପୁଲିସକୁ ମାଡ଼ ଘଟଣା**

## ୫୯ ଜଣଙ୍କ ନାଁରେ ମାମଲା; ୩୪ ଗିରଫ

ରାଇରଙ୍ଗପୁର, ୧୪।୩ (ସମିସ): ଜଣେ ନାବାଳିକାକୁ ଅସଦାଚରଣ ଘଟଣାକୁ ନେଇ ପୁଲିସକୁ ଗୋଡ଼ାଇ ଆକ୍ରମଣ ଓ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ବହଳଦା ଥାନା ପୁଲିସ ଆଜି ୩୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେଥିମଧ୍ୟରେ ୨୮ଜଣ ମହିଳା ଥିବା ବେଳେ ୬ଜଣ ପୁରୁଷ ରହିଛନ୍ତି। ଏହି ଘଟଣାରେ ପୁଲିସ ୫୯ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବାରୁ ଆଗାମୀ ଦିନରେ ଗିରଫଦାରୀ

**■ ବଢ଼ିବ ଗିରଫଦାରୀ ସଂଖ୍ୟା**
**■ ଆହତ ପୁଲିସଙ୍କ ଚିକିତ୍ସା ଜାରି**

ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ଗିରଫଦାରୀ ଭୟରେ କିଛି ଗ୍ରାମବାସୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଆଜି ଗିରଫ ସମସ୍ତ ଅଭିଯୁକ୍ତମାନଙ୍କୁ ରାଇରଙ୍ଗପୁରସ୍ଥିତ ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ କାରାଗାର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଗୁରୁବାର ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ସଂଖ୍ୟାଲଘୁ ସଂପ୍ରଦାୟର ଜଣେ ଯୁବକ ଅସଦାଚରଣ କରିଥିଲା। ଏ ସଂପର୍କରେ ଜଣାପଡ଼ିବା ପରେ ନାବାଳିକାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ବହଳଦା ବାଇପାସ୍‌ରେ ୨୨୦ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରିସ୍ଥିତି କ୍ରମଶଃ ଜଟିଳ ହେବାରୁ ପୁଲିସ ଓ ତହସିଲଦାର ଘଟଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କୌଣସି କଥାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପୁଲିସ ଲାଠିଚାର୍ଜ କରିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଇଟା, ପଥର ଫିଙ୍ଗିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି, ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ପୁଲିସ ଆହତ ହୋଇଥିଲେ। ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ଫଟୋ ଓ ଭିଡିଓ ଆଧାରରେ ପୁଲିସ ୫୯ ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଆଜି ୩୪ଜଣଙ୍କୁ ଗିରଫ କରିଛି। ଆଗକୁ ଗିରଫଦାରୀ ବୃଦ୍ଧି ପାଇ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି କହିଛନ୍ତି। ଅପରପକ୍ଷେ, ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି।

# ନିଶା ନେଲା ୨ ଜୀବନ

## ସ୍ତ୍ରୀକୁ ଲୁହା ପାଇପ୍‌ରେ ପିଟିପିଟି ମାରିଦେଲା

କରଞ୍ଜିଆ, ୧୪।୩ (ସମିସ): ନିଶା ପୁଣି ଏକ ପରିବାର ଉଜାଡ଼ିଛି। ନିଶାସକ୍ତ ସ୍ୱାମୀ ଏକ ଲୁହା ପାଇପ୍‌ରେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ବାଟପଲସା ପଞ୍ଚାୟତ ସାନଶିଆଳି ନଈ ଗ୍ରାମର ପୁନର୍ବାସ କଲୋନୀରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଇଚ୍ଛାବତୀ ଦେହୁରୀ (୪୫)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବଳଭଦ୍ର ଦେହୁରୀକୁ ଗିରଫ କରିଛି।

ସୂଚନାନୁଯାୟୀ, ଦୁଧିଆଣି ପଞ୍ଚାୟତର ରାମଯୋଡ଼ି ଗ୍ରାମରେ ବସବାସ କରୁଥିବା ଖଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ସ୍ୱେଚ୍ଛାକୃତ ପୁନର୍ବାସ ଯୋଜନାରେ ବନ ବିଭାଗ ପକ୍ଷରୁ ସାନଶିଆଳି ନଈ ଗ୍ରାମରେ କଲୋନୀ କରି ଥଇଥାନ କରାଯାଇଥିଲା। ଶୁକ୍ରବାର ରାତିରେ କଲୋନୀର ବଳଭଦ୍ର ଦେହୁରୀ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଇଚ୍ଛାବତୀଙ୍କ ସହ ପାଟିତୁଣ୍ଡ କରିଥିଲା। ପରେ ଉତ୍ତେଜିତ ହୋଇ ବଳଭଦ୍ର ଏକ ଲୁହା ପାଇପ୍‌ରେ ଇଚ୍ଛାବତୀଙ୍କୁ ଆକ୍ରମଣ କରି ବାମ ଜଂଘ ଓ ମୁଣ୍ଡ ଫଟାଇ ଦେଇଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ରାତିରେ ଇଚ୍ଛାବତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ସକାଳେ ଖବର ପାଇ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, ଉପ-ଆରକ୍ଷୀ ନିରୀକ୍ଷକ, ତଦନ୍ତକାରୀ ଅଧିକାରୀ ସୁଧାଂଶୁ ଶେଖର ସେଠୀ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ପାଇପ ଓ ମୋବାଇଲ ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

## ସାଙ୍ଗକୁ ମିଳିମିଶି ମାରିଦେଲେ

ବଲାଙ୍ଗିର, ୧୪।୩ (ସମିସ): ବଲାଙ୍ଗିର ସଦର ଥାନା ରିନବଚନ ଗାଁରେ ଯୁବକଙ୍କୁ ନିଶାସକ୍ତ ଅବସ୍ଥାରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ରିନବଚନ ଗାଁର ଦୀପକ ନାଏକ(୨୬)। ଶୁକ୍ରବାର ରାତିରେ କାମରୁ ଫେରି ଦୀପକ ସାଙ୍ଗମାନଙ୍କ ସହ ଭୋଜିଭାତ କରିଥିଲେ। ସେମାନେ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।



ଦୀପକ ନିକଟସ୍ଥ ଏକ ଗୋଦାମରେ କାମ କରନ୍ତି। ହୋଲି ସମୟରେ ସ୍ଥାନୀୟ କିଛି ଯୁବକଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଅବଶ୍ୟ ସେ ଘଟଣା ସମାଧାନ ହୋଇଥିଲା। ଶୁକ୍ରବାର ସେ କାମରୁ ଫେରିବା ପରେ ଘରୁ କିଛି ସମୟ ପରେ ଆସୁଛି କହି ବାହାରକୁ ଯାଇଥିଲେ। ଗାଁରେ ସକାଳୁ ଏକ ବାହାଘର ଥିଲା। ସନ୍ଧ୍ୟାରେ ସେ ସାଙ୍ଗମାନଙ୍କ ସହ ଭୋଜିଭାତ କରି ନିଶା ଆସର ଜମାଇଥିବା ଆଲୋଚନା ହେଉଛି। ଏହି ସମୟରେ କୌଣସି ଏକ ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ହତ୍ୟା ପରେ ତାଙ୍କ ଶବକୁ ଏକ ଜମିରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ରାତିରେ ସେ ଘରକୁ ନ ଫେରିବାରୁ ତାଙ୍କ ଦୁଇ ଭାଇ ଖୋଜାଖୋଜି କରିଥିଲେ। ଜମିରେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ଏକାଧିକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଯଦିଓ ଏହି ଘଟଣାର କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ, ତଥାପି ପୁଅକୁ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାରଲୋକେ ଦାବି କରିଛନ୍ତି।

## ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ ପଦୋନ୍ନତିରେ ବାଧକ ନୁହେଁ: ହାଇକୋର୍ଟ

କଟକ, ୧୪।୩ (ସମିସ): କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ଆଧାରରେ ଜଣେ କର୍ମଚାରୀଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପଦୋନ୍ନତିରୁ ବଞ୍ଚିତ ଜଣେ ଗ୍ରୁପ୍-ଡି' ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହ ଅଯଥାରେ ଏହି ମାମଲା ଅଦାଲତ ପର୍ଯ୍ୟନ୍ତ ଟଣାଯାଇଥିବାରୁ ପ୍ରତିପକ୍ଷ ରାଜ୍ୟ ସରକାର ୨୫ହଜାର ଟଙ୍କା ତଣ୍ଡ ରାଶି ଆବେଦନକାରୀ କର୍ମଚାରୀଙ୍କୁ ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିରଞ୍ଜନ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ପିଛିଲା ଭାବେ ଗତ ୨୦୧୪ ମସିହାରୁ ପଦୋନ୍ନତି ପ୍ରଦାନ କରାଯିବ। ସେହିଭଳି ଜରିମାନା ଅର୍ଥ ଦେବାରେ ବିଳମ୍ବ ହେଲେ ପ୍ରଥମ ମାସ ପାଇଁ ଦୈନିକ ୨୫୦ ଟଙ୍କା ଓ ପରବର୍ତ୍ତୀ ମାସ ପାଇଁ ଦୈନିକ ୫୦୦ ଟଙ୍କା ଲେଖାଁଏ ଦାୟୀ ଅଧିକାରୀଙ୍କ ଦରମାରୁ ଜରିମାନା ଆଦାୟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

**ଆବେଦନକାରୀଙ୍କୁ ସରକାର ଗଣିବେ ୨୫ ହଜାର ତଣ୍ଡ**

ମାମଲାରେ ସେକ୍ସପିୟର, ରବୀନ୍ଦ୍ରନାଥ ଟାଗୋର ଏବଂ ଶ୍ରୀମଦ ଭଗବଦ୍ ଗୀତାର ପ୍ରସଙ୍ଗ ଉଦ୍ଧାର କରି ଜ୍ଞାନ ଆହରଣର ମହତ୍ତ୍ୱ ବୁଝାଇଥିଲେ ହାଇକୋର୍ଟ। ଓଡ଼ିଶା ଛୁଟି ନିୟମ ଅନୁଯାୟୀ 'ଷ୍ଟଡି ଲିଭ୍' ନେବା ଏବଂ ବିନା ଛୁଟିରେ ପାଠ ପଢ଼ିବା ଦୁଇଟି ଭିନ୍ନ କଥା। ଯଦି ଜଣେ ବ୍ୟକ୍ତି ନିଜ କାର୍ଯ୍ୟରେ ବାଧା ସୃଷ୍ଟି ନକରି ନିଜର ଜ୍ଞାନ ବୃଦ୍ଧି କରୁଛନ୍ତି, ତେବେ ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଜଣେ ବ୍ୟକ୍ତିର 'ଜୀବନ ଧାରଣ ଅଧିକାର'ର ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଜଣେ ଗ୍ରୁପ୍-ଡି' କର୍ମଚାରୀ (ପିଅନ) ୨୦୧୪ ମସିହା ପଦୋନ୍ନତି କମିଟି (ଡିପିସି) ଦ୍ୱାରା ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ଥିଲେ। ମାତ୍ର ଚାକିରି କରିଥିବା ବେଳେ ସେ ବିନା ଅନୁମତିରେ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା ହେତୁ ଏହି ଆଧାରରେ ତାଙ୍କୁ ପଦୋନ୍ନତି ଦିଆଯାଇନଥିଲା। ଏହା ବିରୋଧରେ ସେ ପ୍ରଥମେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଏବଂ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରୁ ମାମଲାଟି ପୁଣିଥରେ ଶୁଣାଣି ପାଇଁ ହାଇକୋର୍ଟଙ୍କୁ ଆସିଥିଲା।

## ଜେଲ୍‌ରେ 'ଆଜୀବନ' କଏଦୀଙ୍କ ଆତ୍ମହତ୍ୟା

ବଲାଙ୍ଗିର,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ଜେଲ୍‌ରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଶନିବାର ଭୋର୍ ସାଢ଼େ ୪ଟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ, ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ୍ ଗୋପାଳ। ସ୍ତ୍ରୀ ରଜନୀ ସାହୁ (୨୬)କୁ ହତ୍ୟା ଅଭିଯୋଗରେ ପୁଲିସ ତାଙ୍କୁ ୨୦୨୧ ଜୁନ୍ ୭ରେ ଗିରଫ କରିଥିଲା। ୨୦୨୩ରେ କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ନିକଟରେ ସେ ଜଣେ ଅନ୍ତେବାସୀଙ୍କୁ ମରଣାନ୍ତକ ଆକ୍ରମଣ କରଥିଲେ। ଏହା ପରେ ତାଙ୍କୁ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ତାଙ୍କ ଆତ୍ମହତ୍ୟା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତାଙ୍କ ପରିବାରଲୋକ ମଧ୍ୟ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଆତ୍ମହତ୍ୟା କରିନାହାନ୍ତି, ତାଙ୍କ ସହ ଅନ୍ୟ କିଛି ଘଟଣା ଘଟିଛି ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ପରିବାରଲୋକ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶବ ରଖି ନ୍ୟାୟ ମାଗିଥିଲେ। ବାପା ସୁଦର୍ଶନ ସାହୁ, ମା' ଦହନା ସାହୁ ଓ ଭାଇ ବିବେକ ସାହୁ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।



**■ ସ୍ତ୍ରୀକୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ**
**■ ସ୍ୱତନ୍ତ୍ର ସୁରକ୍ଷାବଳୟରେ ଥିଲେ**
**■ ଅନ୍ତେବାସୀଙ୍କୁ ଆକ୍ରମଣ କରିଥିଲେ**
**■ ଶବ ରଖି ଜିଲ୍ଲାପାଳଙ୍କ ଅଫିସ ଆଗରେ ପରିବାରଲୋକଙ୍କ ଧାରଣା**

ଜେଲ୍‌ର ଉଚ୍ଚ ସୁରକ୍ଷା ବ୍ଲକ୍-୧ର ୱାର୍ଡ ନଂ - ୨ରେ ସେ ରହୁଥିଲେ। କାନ୍ଥରେ ଲାଗିଥିବା ଏକ ପଙ୍ଖାଝୁଲା କ୍ଲାମ୍ପରେ ଗାମୁଛା ଧଡିକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୫ଟା ୩୦ରେ ଜେଲ୍ ଅଧୀକ୍ଷକ ଏ ସଂପର୍କରେ ସୂଚନା ପାଇଥିଲେ। ପରେ ଅଧୀକ୍ଷକ ଉମାଶଙ୍କର ମାଝୀ ୱାର୍ଡକୁ ଯାଇଥିଲେ। ପରେ ଜେଲ୍‌ରେ ନିୟୋଜିତ ଫାର୍ମାସିଷ୍ଟ ଶିବ ନାରାୟଣ କବିଙ୍କୁ ଡକାଇ ସେ ଜୀବିତ ନା ମୃତ ତାହା ପରୀକ୍ଷା କରାଇଥିଲେ। ଗୋପାଳ ମୃତ ବୋଲି ଫାର୍ମାସିଷ୍ଟ ଜଣକ ଆଶଙ୍କା କରିବା ପରେ ଜେଲ୍ ଅଧୀକ୍ଷକ ପୁଲିସକୁ ଖବର ଦେଇଥିଲେ। ଏହା ପରେ କୌଣସି ଡାକ୍ତରୀ ରିପୋର୍ଟକୁ ଅପେକ୍ଷା ନକରି ଅଧୀକ୍ଷକ ଶ୍ରୀ ମାଝୀ ପଞ୍ଚନାମା କରାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୪୦ରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଅତି ନିକଟରେ ଥିବା ଜିଲ୍ଲା ମୁଖ୍ୟାଳୟକୁ ନ ନେବା, ଫାର୍ମାସିଷ୍ଟ ମୃତ ଘୋଷଣା କରିବା, ବିନା ଡାକ୍ତରୀ ରିପୋର୍ଟରେ ପଞ୍ଚନାମା କରାଇବାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଯୌତୁକ ପାଇଁ ସେ ତାଙ୍କ ସ୍ତ୍ରୀକୁ ହତ୍ୟା କରିଥିବା ସଦର ଥାନାରେ ଶାଳକ ଅଭିଯୋଗ କରିଥିଲେ। ଏହି ଘଟଣାର ଶୁଣାଣି କରି ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଜଜ (ପ୍ରଥମ) ୨୦୨୩ ନଭେମ୍ବର ୨୯ ତାରିଖରେ ତାଙ୍କୁ ଆଜୀବନ କାରାଦଣ୍ଡଦେଶ ଶୁଣାଇଥିଲେ। ସେହିଦିନଠାରୁ ଗୋପାଳ ବଲାଙ୍ଗିର ଜେଲ୍‌ରେ ରହିଥିଲେ। ଗତ ଫେବୃୟାରୀ ୨୦ ତାରିଖରେ ସର୍ତ୍ତମୂଳକ ଜାମିନରେ ଘରକୁ ଯାଇ ମାର୍ଚ୍ଚ ୭ ତାରିଖରେ ଫେରିଥିଲେ।

**ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ**

## ୧୫୬ଟି ମାମଲାର ସମାଧାନ ଓ ୧୨.୮୩ କୋଟି ଟଙ୍କାର କ୍ଷତିପୂରଣ ସ୍ଥିରୀକୃତ

କଟକ, ୧୪।୩ (ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟି ଆନୁକୂଲ୍ୟରେ ଆଜି ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରୀଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ମାମଲାର ବିଚାର କରାଯାଇଥିଲା। ଏହି ଲୋକ ଅଦାଲତରେ ମୋଟ ୧୫୬ଟି ମାମଲାର ଫଇସଲା କରାଯାଇଛି। ମାମଲାଗୁଡ଼ିକରେ ମୋଟ ୧୨ କୋଟି ୮୩ ଲକ୍ଷ ୨୪ ହଜାର ୧୭୨ ଟଙ୍କା କ୍ଷତିପୂରଣ ଆକାରରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟତଃ ବୀମା ଦାବି, ଚେକ୍-ବାଉନ୍ସ, ବିଦ୍ୟୁତ୍ ସମ୍ବନ୍ଧୀୟ ବିବାଦ, ଜମି ଅଧିଗ୍ରହଣ ଏବଂ ପାରିବାରିକ ମାମଲାଗୁଡ଼ିକର ସମାଧାନ କରାଯାଇଥିଲା। ମୋଟ ୮ଟି କୋର୍ଟରେ ମାମଲାଗୁଡ଼ିକ ବିଚାର କରାଯାଇଥିଲା। ଜଷ୍ଟିସ କେ. ଆର୍. ମହାପାତ୍ର, ଜଷ୍ଟିସ ବି.ପି ରାଉତରାୟ, ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ କୁମାର.ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ. ଏସ. ରମଣ, ଜଷ୍ଟିସ ସଂଜୟ କୁମାର. ମିଶ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତ ରଂଜନ ଦାଶ ଓ ଜଷ୍ଟିସ ଶିବଶଙ୍କର ମିଶ୍ର ମାମଲାଗୁଡ଼ିକ ବିଚାର କରିଥିଲେ। ଏହି ଅଦାଲତରେ ନ୍ୟାସନାଲ ଇନସ୍ୟୁରାନ୍ସ, ନ୍ୟୁ-ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ ଓ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ସମେତ ବିଭିନ୍ନ ଘରୋଇ ବୀମା କମ୍ପାନୀ, ବ୍ୟାଙ୍କ ଅଧିକାରୀ, ଜମି ଅଧିଗ୍ରହଣ ଅଧିକାରୀ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶଶୁରଙ୍କ ଘର ଗାଁ ନିକଟ କୂଅରୁ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି,୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାଜୋଟ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁର ଚାଷ ଜମିରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି।



ମୃତ ବ୍ୟକ୍ତିଜଣଙ୍କ ହେଲେ, ରାୟପୁର ରାଜେନ୍ଦ୍ରନଗର ଥାନା ତେଲିବନ୍ଧା ପୁରେନା ଗାଁର ପରମାନନ୍ଦ ଯାଦବ। ସାହାଜୋଟ ନିକଟ ପାତଲପଡ଼ାରେ ତାଙ୍କ ଶଶୁର ଘର। ପୁଲିସ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀ କୂଅରୁ ମୃତଦେହ ଉଦ୍ଧାର କରିଥିଲେ। ସୂଚନାଯୋଗ୍ୟ, ସେ କାମ କରିବା ପାଇଁ ଗତ ୭ତାରିଖ ଦିନ ଶଶୁର ଘର ଗାଁ ପାତଲପଡ଼ା ଆସିଥିଲେ। ବୁଧବାର ଶଶୁରଘରୁ ବାହାରି ଥିଲେ ମଧ୍ୟ ଘରେ ପହଞ୍ଚିନଥିଲେ। ଏନେଇ ତାଙ୍କ ଶଶୁର ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

## ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଳାକୁ ଉପେକ୍ଷା ସରକାରଙ୍କ ହୀନମନ୍ୟତା: ବିଜେଡି

ଭୁବନେଶ୍ୱର,୧୪।୩(ସମିସ): ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓଡ଼ିଶାର ୨୫ଜଣ ବରପୁତ୍ରଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବରେ ଘୋଷଣା କରିଛି। କିନ୍ତୁ ଏହି ତାଲିକାରେ କବି ପଦ୍ମଶ୍ରୀ ଡ. ମାୟାଧର ମାନସିଂହଙ୍କ ଗାଁ ନନ୍ଦଳା ସ୍ଥାନ ପାଇନାହିଁ। ସରକାରଙ୍କ ଏହି ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରିଛନ୍ତି ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା। ଏକ ପ୍ରେସ୍ ବିବୃତ୍ତିରେ ବିଜୁ ଜନତା ଦଳର ଉପସଭାପତି ଶ୍ରୀ ଦାସବର୍ମା କହିଛନ୍ତି ଯେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ନନ୍ଦଳା ଗ୍ରାମ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ ଏନ୍ତୁଡ଼ିଶାଳ। ନିଜ କବିତା ମାଧ୍ୟମରେ ଡ. ମାନସିଂହଙ୍କ ପ୍ରେମ, ଜୀବନବାଦ ଓ ସୌନ୍ଦର୍ଯ୍ୟର ଯେଉଁ ନୂଆ ସୃଜନ କୋଣାର୍କ ଗଢ଼ିଛନ୍ତି, ତାହାର ମୂକସାକ୍ଷୀ ନନ୍ଦଳା ଏକ ଆଧୁନିକ ତୀର୍ଥକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଧୂପ, ସାଧବଝିଅ,



ହେମଶସ୍ୟ, ପଲ୍ଲୀସନ୍ଧ୍ୟା, ମହାନଦୀରେ ଜ୍ୟୋତ୍ସ୍ନା ବିହାର, ଦହନ ସୁଖ, ରୂପଦେବତା, କୋଣାର୍କ, ଉପେକ୍ଷିତା, ନିକ୍ୱଣ, ଶୁଭଦୃଷ୍ଟି, ଜେମା, କମଳାୟନ, 'ଦୂରେ ରହ' ଭଳି କାଳଜୟୀ କାବ୍ୟକୃତିର ସ୍ରଷ୍ଟା ତଥା ପ୍ରଥମ ପୂର୍ଣ୍ଣାଙ୍ଗ 'ଓଡ଼ିଆ ସାହିତ୍ୟ ଇତିହାସ'ର ରଚୟିତା ଡ. ମାନସିଂହଙ୍କ ପ୍ରତି ରାଜ୍ୟ ବିଜେପି ସରକାରର ବୈମାତୃକ ମନୋଭାବ କାହିଁକି ବୋଲି ଶ୍ରୀ ଦାସବର୍ମା ପ୍ରଶ୍ନ କରିଛନ୍ତି। ଏହାସହିତ ସାଂସ୍କୃତିକ ଓ ସାରସ୍ୱତ ବିବିଧତାରେ ସମୃଦ୍ଧ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀକୁ ବର୍ତ୍ତମାନର ସରକାର ଓ ଜନପ୍ରତିନିଧି ଜାଣିଶୁଣି ବାରମ୍ବାର ଅବହେଳା କରିଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅସ୍ମିତାର ମିଥ୍ୟା ଆସ୍ଫାଳନ କରୁଥିବା ଡବଲ ଇଞ୍ଜିନ ସରକାର ଓଡିଆ ଅସ୍ମିତାର ଅନ୍ୟତମ ପରିଚାୟକ ଡ. ମାନସିଂହଙ୍କ ଗ୍ରାମକୁ ତୁରନ୍ତ ଏତିହ୍ୟ ଗ୍ରାମ ତାଲିକାଭୁକ୍ତ କରିବାକୁ ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

## ନିଯୁକ୍ତି ବୟସ ୪୨କୁ ବଢ଼ାଇଲା ପିଏସ୍‌ୟୁ

ଭୁବନେଶ୍ୱର,୧୪।୩(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ବଢ଼ାଇଥିଲେ ମଧ୍ୟ ପିଏସ୍‌ୟୁଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରୁନଥିଲେ। ଏକାଧିକବାର ଖବର ପ୍ରକାଶ ପାଇବା ଏବଂ ଆଶାୟୀଙ୍କ ଅସନ୍ତୋଷ ପରେ ପ୍ରାୟ ୧୦ ମାସ ପରେ ବୟସ ବୃଦ୍ଧି କରାଯାଇଛି। ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପିଏସ୍‌ୟୁମାନଙ୍କୁ ଏନେଇ ଅବଗତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ଜୁନ୍ ୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବୟସ ବଢ଼ାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରାଯାଇଥିବାରୁ ବହୁ ଆଶାୟୀ ଉପକୃତ ହେବେ। ବୟସ ବଢ଼ାଇବାକୁ ବହୁ ଦିନରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ଆଶାୟୀ ସୁନିଲ କୁମାର ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ଗହୀରମଥାରେ ୫ ଶହରୁ ଊର୍ଦ୍ଧ୍ୱ ଅଲିଭ୍-ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

ରାଜନଗର, ୧୪।୩ (ସମିସ): ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ସାତଭାୟା, ନାସୀ-୨, ପେଣ୍ଠ, ଯଉଡିଆ, ଚିଞ୍ଚିରି ମୁହାଣ ଆଦି ସ୍ଥାନରେ ଅଲିଭ୍‌ରିଡ୍‌ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆଜି ସୁଦ୍ଧା ୫୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇସାରିଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେତେକ ଅଣ୍ଡାକୁ ସଂଗ୍ରହ କରାଯାଇ ବନବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଥିବା ବେଳେ ଆଉ କେତେକ ଅଣ୍ଡାକୁ ବିଲୁଆ, କୁକୁର ଓ ପକ୍ଷୀ ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି।

ଯେଉଁ ଆକୃତିର ଗାତ ଖୋଳି ଓ ଯେତିକି ଗଭୀର ଗାତ ଖୋଳି କଇଁଛମାନେ ଅଣ୍ଡା ଦେଇଥା'ନ୍ତି, ବନ ବିଭାଗ ପକ୍ଷରୁ ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ





ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ଘୋଡ଼ାଇ ଦେଇ ଯତ୍ନ ନେଇଥା'ନ୍ତି। ଯେପରି ମା' କଇଁଛ ଗାତ ଖୋଳି ଅଣ୍ଡା ଦେଇଥିଲା ଓ ଗାତକୁ ବାଲି ଘୋଡ଼ାଇଥିଲା, ଠିକ୍ ସେହିପରି ଭାବେ ବନ ବିଭାଗ କର୍ମଚାରୀମାନେ ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ଗାତ ଖୋଳି ରଖୁଛନ୍ତି ଓ ମାର୍ଚ୍ଚ ୧୪ ତାରିଖ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ-ରିଡଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠାରୁ ୫୦୦ ମିଟର ମଧ୍ୟରେ ସାତସଭାୟାରୁ ନାସୀ-୨ ଯାଏଁ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି ଓ ପାଗ ଅନୁକୂଳ ସହ କୂଳକୁ ଅଲିଭରିଡଲେ କଇଁଛ ଆସୁଥିବାରୁ ଗଣଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ବଡ଼ କଥା ହେଲା, କଇଁଛମାନଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗହୀରମଥାର ସାତଭାୟା ଓ ଅନ୍ୟ କେତେକ ସ୍ଥାନରେ ଶହଶହ କଇଁଛ ମରିବା ଘଟଣା ବନ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଓବିସିସି କାମର ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

## ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

ପୁରୀ, ୧୪।୩ (ସମିସ): ଆଗକୁ ରଥଯାତ୍ରା। ଏହା ପୂର୍ବରୁ ପୁରୀରେ ଚାଲିଥିବା କେତେକ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଓବିସିସି ଦ୍ୱାରା କାର୍ଯ୍ୟାନ୍ୱୟନ କରାଯାଉଛି। ସମୀକ୍ଷା ବୈଠକରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ, ଯଥା ବଲ୍ଲଭ ଘର, ତୁଣିଆ ମହଲ ଏବଂ ରୋଷଘର ଆନେକ୍ସି ନିର୍ମାଣ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଘୋଷଯାତ୍ରା ପୂର୍ବରୁ ଏହି ସମସ୍ତ କାର୍ଯ୍ୟ ସମାପ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ତ ନୂତନ ନିର୍ମାଣ କାର୍ଯ୍ୟ ପାରମ୍ପରିକ କଳିଙ୍ଗଶୈଳୀର ସ୍ଥାପତ୍ୟକଳା ଅନୁସାରେ କରାଯିବାକୁ ଉଲ୍ଲେଖ କରାଯାଇଥିଲା।

ବୈଠକରେ ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟର (ଜେବିପିସି) ଏବଂ ବାସେଳି ସାହି ଧର୍ମଶାଳାର ବକେୟା କାର୍ଯ୍ୟମାନଙ୍କ ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଓବିସିସି ପକ୍ଷରୁ ଏହି କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରାଯିବ ବୋଲି କୁହାଯାଇଛି। ଏଥିସହ ଜଗନ୍ନାଥବଲ୍ଲଭ ପ୍ରମୋଦ ଉଦ୍ୟାନ ଓ ମାଟିତୋଟାରେ ଆଦର୍ଶ ଗୁରୁକୁଳ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳଗୁଡ଼ିକରେ ଶୀଘ୍ର ବାଉଣ୍ଡାରୀ ବାଡ଼ ଲଗାଇବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପମାନଙ୍କ ସମୟୋପଯୋଗୀ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଓ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ। ଆସନ୍ତା ସପ୍ତାହରେ ଗଜପତି ମହାରାଜା ଏବଂ ଅନ୍ୟାନ୍ୟ ବୈଷୟିକ କମିଟି ସଦସ୍ୟମାନେ ଏହି କାର୍ଯ୍ୟମାନଙ୍କର ଅଗ୍ରଗତି ସମୀକ୍ଷା କରିବେ। ଏହି ବୈଠକରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ ଶାହା, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ



**ତୁରୁମୁଙ୍ଗା, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଶନିବାର ବନ ବିଭାଗ ଦୁଇ ଜଣଙ୍କୁ ଗିରଫ କରିଛି। ଜଙ୍ଗଲ ସୁରକ୍ଷା ଅଭିଯାନ ସମୟରେ ବନ କର୍ମଚାରୀମାନେ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗୋପପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକ ଓ ବାସୁଦେବ ନାୟକ। ସେମାନେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଉଥିବା ବେଳେ ପୋଇପାଣି ବନରକ୍ଷୀ ରାଜେଶ ଜେନା ଚଢ଼ଉ କରି ଧରିଥିଲେ। ଗୋଟିଏ ମାଚିସ ଓ ଗୋଟିଏ ଟାଙ୍ଗିଆ ଜବତ କରାଯାଇଥିବା ବେଳେ ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇବା ଫଳରେ ବନ୍ୟପ୍ରାଣୀ ଓ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବାରୁ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି।

## ହାଟଡ଼ିହୀରେ ନାହାଁନ୍ତି ସ୍ଥାୟୀ ତହସିଲଦାର

● ସମସ୍ୟା ଭୋଗୁଛନ୍ତି ଲୋକ

**ହାଟଡ଼ିହୀ,୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ତହସିଲଦାର ନଥିବାରୁ ସାଧାରଣ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ବର୍ତ୍ତମାନ ଆନନ୍ଦପୁର ତହସିଲର ଅତିରିକ୍ତ ତହସିଲଦାର ମନୋଜ କେରକେଟ୍ଟା ଅସ୍ଥାୟୀ ଭାବେ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ଦାୟିତ୍ୱରେ ରହିଛନ୍ତି। ଏହାସହିତ ହାଟଡ଼ିହୀ ଉପନିବନ୍ଧକ (ସବ୍‌ରେଜିଷ୍ଟ୍ରାର) କାର୍ଯ୍ୟାଳୟ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ସବ୍‌ରେଜିଷ୍ଟ୍ରାର ନଥିବାରୁ ତହସିଲଦାରଙ୍କୁ ଏହି ଦାୟିତ୍ୱ ମଧ୍ୟ ପାଳନ କରିବାକୁ ପଡୁଛି। ଫଳସ୍ୱରୂପ ଜମି ରେଜିଷ୍ଟ୍ରି ସମ୍ବନ୍ଧୀୟ କାମଗୁଡ଼ିକ ସଠିକ୍ ସମୟରେ ସମ୍ପନ୍ନ ହୋଇପାରୁନାହିଁ। ବିଶେଷକରି କବଲା (ଜମି ରେଜିଷ୍ଟ୍ରି) କାମ ଦୀର୍ଘଦିନ ଧରି ଅଟକି ରହିଥିବାରୁ ଲୋକମାନେ ବହୁତ ଅସୁବିଧାରେ ପଡୁଛନ୍ତି। ଲୋକମାନେ ଅନଲାଇନ୍‌ରେ କବଲା ପାଇଁ ବାରମ୍ବାର ସ୍ଲଟ ବୁକିଂ କରୁଥିଲେ ମଧ୍ୟ କାମ ସଫଳ ହେଉ ନଥିବାରୁ ସେମାନେ ଅଯଥାରେ ଅର୍ଥ ଓ ସମୟ ଖର୍ଚ୍ଚ କରି ନିରାଶ ହେଉଛନ୍ତି। ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ପାଇଁ ଜଣେ ସ୍ଥାୟୀ ତହସିଲଦାର ଓ ସ୍ୱତନ୍ତ୍ର ସବ୍‌ରେଜିଷ୍ଟ୍ରାର ନିଯୁକ୍ତ କରିବାକୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି, ଯାହାଦ୍ୱାରା ସାଧାରଣ ଲୋକଙ୍କର କବଲା ଓ ଜମିଜମା ସମ୍ପର୍କିତ ତହସିଲ କାର୍ଯ୍ୟ ଠିକ୍ ସମୟରେ ହୋଇପାରିବ।

## ଡ୍ରୋନ୍ ସର୍ଭେରେ ଚିହ୍ନଟ ହେଲା ଜଙ୍ଗଲ ନିଆଁ



**ତୁରୁମୁଙ୍ଗା, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଧୀନ ପାଟଣା ସେକ୍ସନର ତୋଣ୍ଡ ବିଟ୍ ଅଟେଇ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଲାଗିଥିବା ନିଆଁକୁ ଡ୍ରୋନ ସର୍ଭେ ମାଧ୍ୟମରେ ଚିହ୍ନଟ କରାଯାଇ ସଫଳତାର ସହ ନିଆଁକୁ ଆୟତ୍ତ କରିଛି ବନବିଭାଗ। ବନ ବିଭାଗ ପକ୍ଷରୁ ଆଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯାଇ ଡ୍ରୋନ ମାଧ୍ୟମରେ ଜଙ୍ଗଲ ଅଞ୍ଚଳରେ ନିଆଁର ସ୍ଥାନ ଚିହ୍ନଟ କରାଯାଇଥିଲା। ପରେ ବନ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ବ୍ଲୋଅର ମେସିନ୍ ସାହାଯ୍ୟରେ ନିଆଁକୁ ନିୟନ୍ତ୍ରଣ କରି ଲିଭାଇଥିଲେ। ଏହି ଅଭିଯାନରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ କେନ୍ଦୁଝର ବନଖଣ୍ଡର ଭୌଗଳିକ ସୂଚନା କେନ୍ଦ୍ରର ନିହାର ରଞ୍ଜନ ଦାସ ଓ ଅଗ୍ନି ନିର୍ବାପକ ଦଳ ସହଯୋଗ କରିଥିଲେ। ତୁରନ୍ତ ପଦକ୍ଷେପ ଫଳରେ ବଡ଼ଧରଣର ଜଙ୍ଗଲ ଅଗ୍ନିକାଣ୍ଡ ଓ ବନ୍ୟପ୍ରାଣୀ କ୍ଷତି ରୋକାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପୁଣି ବିଚ୍ଛିନ୍ନ ହେବ ପାଞ୍ଚ ପଞ୍ଚାୟତ!

**କଚ୍ଛପ ଗତିରେ ହନୁମନ୍ତିଆ ପୋଲ ନିର୍ମାଣ କାର୍ଯ୍ୟ**

**ତେଲକୋଇ, ୧୪।୩(ସମିସ):**



ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ହନୁ ମନ୍ତିଆ ନାଳ ଉପରେ ନୂତନ ପୋଲ ନିର୍ମାଣ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ଓ ମନ୍ଥର ଗତିରେ ହେଉଥିବା ଅଭିଯୋଗ ହୋଇଛି। ଚଳିତ ଗ୍ରୀଷ୍ମ ମଧ୍ୟରେ ପୋଲ କାର୍ଯ୍ୟ ନ ସରିଲେ ବର୍ଷା ଋତୁରେ ଲୋକେ ବହୁ ହୀନସ୍ତା ହେବା ଆଶଙ୍କା କରାଯାଉଛି। ଡାଇଭରସନ ରାସ୍ତା ଅତି ନିମ୍ନମାନର ଓ କମ୍ ଉଚ୍ଚତା ବିଶିଷ୍ଟ ହୋଇଥିବାରୁ ବର୍ଷା ଦିନରେ ତାହା ଧୋଇ ହୋଇଯିବା ଜଳ ଜଳ ଦେଖାଯାଉଛି। କାରଣ ପ୍ରତି ବର୍ଷ ବର୍ଷା ଋତୁରେ ପୁରୁଣା ପୋଲ ଉପରେ ୫ ଫୁଟ ଉଚ୍ଚ୍ଚରେ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ତେବେ ନିର୍ମାଣାଧୀନ ଡାଇଭର୍ସନ ରାସ୍ତା ଧୋଇ ହୋଇଗଲେ ତେଲକୋଇ ଅଞ୍ଚଳ ବିଚ୍ଛିନ୍ନ ହେବା ସହିତ ଲୋକେ ଦୁର୍ଦ୍ଦଶା ଭୋଗିବା ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ମାର୍ଚ୍ଚ ମାସ ଅଧାପନ୍ତରିଆ ହୋଇସାରିଥିବା ବେଳେ ଆଉ ଦୁଇ ମାସ ପରେ ଅର୍ଥାତ୍ ଜୁନ ମାସ ଶେଷ ସୁଦ୍ଧା ବର୍ଷା ଆରମ୍ଭ ହୋଇଯିବ। ଉକ୍ତ ନାଳରେ ଜଳସ୍ରୋତ ପ୍ରଖର ହେବା ସହିତ ଜଳସ୍ତର ମଧ୍ୟ ବୃଦ୍ଧି ପାଇଥାଏ। ବର୍ତ୍ତମାନ ସୁଦ୍ଧା ପୁରୁଣା ପୋଲକୁ ଭଙ୍ଗାଯାଉଛି। ନୂତନ ପୋଲ ନିର୍ମାଣ ପାଇଁ ଖୋଳାଖୋଳି ମଧ୍ୟ ହୋଇନାହିଁ। ଫଳରେ ଆଗାମୀ ଦୁଇ ତିନି ମାସ ମଧ୍ୟରେ ପୋଲ ନିର୍ମାଣ କାର୍ଯ୍ୟ ସରିବା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥଳେ ଆହୁରି ଦୁଇ ମାସ ପୂର୍ବରୁ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଭଲ ହୋଇଥାଆନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ହେତୁ ତେଲକୋଇବାସୀ ଗତ ବର୍ଷ ଭଳି ବାଉଁଶ ଯୋରା ପୋଲର କଷ୍ଟ ଭୋଗିବେ ବୋଲି ଅଭିଯୋଗ ହୋଇଛି।

ପ୍ରକାଶ ଥାଉକି, ୨୦୨୪/୨୫ ବର୍ଷରେ ଲୋକନାଥପୁର ନିକଟ ବାଉଁଶଯୋରା ପୋଲ ନିର୍ମାଣ ଆରମ୍ଭ ହୋଇଥିଲା। ସଠିକ୍ ସମୟରେ ନିର୍ମାଣ କାର୍ଯ୍ୟ ନ ସରିବାରୁ ବର୍ଷା ଦିନେ ସଂପୃକ୍ତ ପୋଲର ଡାଇଭରସନ ରାସ୍ତା ଧୋଇ ହୋଇଗଲା। ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଲୋକେ ଦୀର୍ଘ ଏକ ମାସ ଦୁର୍ଦ୍ଦଶା ଭୋଗିଥିଲେ। ଗମନାଗମନ ପାଇଁ ଲୋକେ ବିକଳ୍ପ ରାସ୍ତାରେ ଦୀର୍ଘ କିମି ରାସ୍ତା ବୁଲି ବୁଲି ଯାଉଥିଲେ। ଚଳିତ ବର୍ଷ ପୁଣି ଏହି ସମସ୍ୟା ଉପୁଜିଲେ ବ୍ଲକର ୪ରୁ ୫ଟି ପଞ୍ଚାୟତ ମୁଖ୍ୟାଳୟରୁ ବିଚ୍ଛିନ୍ନ ହେବା ସହିତ ଲୋକଙ୍କ ଭେଳା ବୁଡ଼ିବା ଆଶଙ୍କା କରାଯାଉଛି। ଅଞ୍ଚଳବାସୀଙ୍କ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବର୍ଷା ଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଅଟକ

**ତୁରୁମୁଙ୍ଗା, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳରେ ଜଣେ ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପାଟଣା ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଘରେ ନାବାଳିକାଙ୍କୁ ଯୁବକ ଜଣଙ୍କ ଏକୁଟିଆ ପାଇ ଅସଦାଚରଣ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣି ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତୁରନ୍ତ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ନାବାଳିକାର ଡାକ୍ତରୀ ମାଇନା ପାଇଁ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ, ଘଟଣାର ସତ୍ୟତା ନେଇ ପୁଲିସ ତଦନ୍ତ ଜାରି ରଖିଛି। ପାଟଣା ଥାନାଧିକାରୀ କିରଣ ସାହୁ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା କହିଛନ୍ତି।

## କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ



**କେନ୍ଦୁଝର/ଚମ୍ପୁଆ, ୧୪।୩(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ,ହାଟଡିହୀ, ତେଲକୋଇ ଓ ଘଟଗାଁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛିଫ ଏହି ଲୋକ ଅଦାଲତରେ ସମୁଦାୟ ୫୨୯୨ଟି ମକଦ୍ଦମା ସମାଧାନ କରାଯାଇ ୧୩ କୋଟି ୩୭ ଲକ୍ଷ ୮୬ ହଜାର ୭୩୪ ଟଙ୍କା ଆଦାୟ ହୋଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାସ, ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଘ୍ନେଶ୍ୱର ରାଓ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସମସ୍ତ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୫୮ଟି ମାମଲାର ସମାଧାନ ହୋଇ ୩୪ ଲକ୍ଷ ୪୨ ହଜାର ୭୨୨ ଟଙ୍କା, ମଟରଯାନ ଦୁର୍ଘଟଣା ୫୧ଟି ମାମଲା ସମାଧାନ ହୋଇ ୪ କୋଟି ୭୪ ଲକ୍ଷ ୫୦୦୦ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୯ଟି ମାମଲାର ସମାଧାନ ହୋଇ ୧୮ ହଜାର ୮୩୯ ଟଙ୍କା, ରାଜସ୍ୱ ମକଦ୍ଦମା ୪୯୨୬ ଟି ମାମଲାର ସମାଧାନ ହୋଇ ୭ ଲକ୍ଷ ୮୪ ହଜାର ୮୩୨ ଟଙ୍କା ୮୦ ପଇସା, ଦେୱାନୀ ମକଦ୍ଦମା ୫୯ଟି ମାମଲାର ସମାଧାନ ହୋଇ ୫ କୋଟି ୫ ଲକ୍ଷ ୭୨ ହଜାର ୫୫୩ ଟଙ୍କା ୩୪ ପଇସା, ଫୌଜଦାରୀ ମକଦ୍ଦମା ୧୩୬ଟି ମାମଲାର ସମାଧାନ ହୋଇ ୩ କୋଟି ୩ ଲକ୍ଷ ୮୩ ହଜାର ୯୫୦ ଟଙ୍କା ଆଦାୟ ହୋଇଥିଲା। ପ୍ରାକ୍ ଲୋକ ଉପଯୋଗୀ ସେବା ୪୦ଟି ସମାଧାନ ହୋଇ ୧୧ ଲକ୍ଷ ୪୫ ହଜାର ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ୧୧ଟି ମାମଲା ଫଇସଲା ହୋଇ ୨୪ ହଜାର ଟଙ୍କା ଆଦାୟ ହୋଇଥିଲା। ଖାଉଟି ବିଭାଗର ୨ଟି ମକଦ୍ଦମା ଫଇସଲା ହୋଇ ୯ ହଜାର ୮୩୭ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ଆସିଷ୍ଟାଣ୍ଟ ନାଜିର ନିର୍ମଳ ନାୟକ, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ପଦ୍ମଲୋଚନ ବାରିକ,ଅର୍ଚ୍ଚନା ଦାସ, ସୁନିଲ ମହାନ୍ତ, ହାଡିବନ୍ଧୁ ମିଶ୍ର, କୃଷ୍ଣପ୍ରିୟା ସେଠୀ, ପୂର୍ଣ୍ଣଚନ୍ଦ୍ର ରାଜ, ରେଣୁଦେବୀ ସିଂ, ପ୍ରାଧିକରଣର କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ଶିଶିର ସାହୁ ସହଯୋଗ କରିଥିଲେ।

ସେହିପରି କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଚଳିତ ବର୍ଷର ୧ମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସ୍‌ଡିଜେଏମ୍ ଦୀପକ ସାଠୁଆ, ଜେଏମ୍‌ଏଫ୍‌ସି ସୁସ୍ମିତା ମିଶ୍ର ଏବଂ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। କୋର୍ଟରେ ବିଚାରଧୀନ ଥିବା ୧ଟି ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ କେସ୍ ବାବଦକୁ ୧୫ ଲକ୍ଷ ୮୦ ହଜାର ଟଙ୍କା ପକ୍ଷ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ସେହିପରି ସର୍ବମୋଟ ୯୯ଟି ମାମଲାରୁ ୨୪ଟି ମାମଲାର ଫଏସଲା କରାଯାଇ ୪୮ ଲକ୍ଷ ୭୭ ହଜାର ୨ ଶହ ୨୩ ଟଙ୍କା ୨୩ ପଇସା ଆଦାୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କମିଟିର ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିଲେ।

## ୨୭ରୁ ସେନାବାହିନୀ ପକ୍ଷରୁ ତିନିଦିନିଆ ଆଦର୍ଶ ସ୍ୱାସ୍ଥ୍ୟ ଶିବିର



### ଉଚ୍ଚସ୍ତରୀୟ ସମନ୍ୱୟ ଓ ପ୍ରସ୍ତୁତି ବୈଠକ

**କେନ୍ଦୁଝର/ଆନନ୍ଦପୁର, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲାରେ ପୂର୍ବତନ ସେନା କର୍ମଚାରୀ, ବୀର ନାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ ବୃହତ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେବାକୁ ଯାଉଛି। ଚଳିତ ମାର୍ଚ୍ଚ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାବାହିନୀର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ କରିବା ପରେ ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ଶିବିର ପାଇଁ ଚୟନ କରିଛନ୍ତି। ଏହି ସ୍ଥାନଟି ୧୪ ନମ୍ବର ଓଡ଼ିଶା ଏନସିସି ବାଟାଲିୟନ ନିକଟରେ ଥିବାରୁ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସୁଥିବା ହିତାଧିକାରୀଙ୍କ ପାଇଁ ଯାତାୟାତ ସୁବିଧାଜନକ ହୋଇଥିବାରୁ ଏହାକୁ ସ୍ଥିର କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେନା ପ୍ରାକ୍ତନ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଶିବିର ସ୍ଥାନକୁ ଆଣିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ସରକାରୀ ବସର ବ୍ୟବସ୍ଥା କରାଯିବ। ଜିଲ୍ଲା ସୈନିକ କଲ୍ୟାଣ ଅଧିକାରୀ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ଏହି ମେଡିକାଲ କ୍ୟାମ୍ପର କିଛି ମୁଖ୍ୟ ଲକ୍ଷ୍ୟ ହେଲା ସେନା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବୀମା ପଞ୍ଜୀକରଣ ବୃଦ୍ଧି, ପେନସନ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ, ବୀର ନାରୀ ଓ ସେନା ବିଧବାମାନଙ୍କ ସୁବିଧା ଅସୁବିଧା ବୁଝିବା, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତା କରିବା ଆଦି ରହିଛି। ଏହି ପଦକ୍ଷେପ ଦ୍ୱାରା ଜିଲ୍ଲାରେ ସାମରିକ ଓ ବେସାମରିକ ସମନ୍ୱୟ ଅଧିକ ସୁଦୃଢ଼ ହେବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାର୍ଗେ, ଲେଫ୍ଟନାଣ୍ଟ କର୍ଣ୍ଣଲ ସନ୍ତୋଷ ପଣ୍ଡା, ଡେପୁଟି କଲେକ୍ଟର, ଶ୍ୱେତଲିନା ସାହୁ, ସୁବେଦାର ମେଜର ଚନ୍ଦ୍ରମଣି ଦଳେଇ, ସୁବେଦାର ମେଜର ସୁଧାଂଶୁ ଶେଖର ମହାକୁଡ଼, ଡାକ୍ତର ପ୍ରଦୀପ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଂଜନ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ୱାରେଣ୍ଟ ଅଫିସର ସନ୍ତୋଷ ତ୍ରିପାଠୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇ ବିଶେଷଜ୍ଞ ଚିକିତ୍ସକଙ୍କ ନିକଟରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପରାମର୍ଶ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ସେହିପରି ଏହି ସ୍ୱାସ୍ଥ୍ୟ ଶିବିର ପରିଚାଳନା ପରିପ୍ରେକ୍ଷୀରେ ପୂର୍ବତନ ସୈନିକ ସଂଘ କେନ୍ଦୁଝର ଜିଲ୍ଲାସ୍ତରୀୟ ସମାବେଶ ସୈନିକ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘ ଉପସଭାପତି ଚନ୍ଦ୍ରମଣି ଦଳେଇଙ୍କ ସଂଯୋଜନାରେ ସମ୍ପାଦକ ସନ୍ତୋଷ ତ୍ରିପାଠୀ ସମସ୍ତ ସଦସ୍ୟ ଓ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଷ୍ଟେସନ ହେଡକ୍ୱାଟର ମୁଖ୍ୟ କର୍ଣ୍ଣଲ ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ଏହି ସମାବେଶରେ କେନ୍ଦୁଝର ଚମ୍ପୁଆ ଆନନ୍ଦପୁର ଘଟଗାଁ ଢେଙ୍କିକୋଟ ଶୁକ୍ଳି ତେଲକୋଇ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ସଂଘ ସଭାପତି ତ୍ରିଲୋଚନ ଦାଶ ମୁରଲୀଧର ମିଶ୍ର ଗଗନ ସିଂହ ଜଗବନ୍ଧୁ ଜେନା ଶ୍ରୀକାନ୍ତ ବାରିକ ହାଡିବନ୍ଧୁ ସାହୁ ଶାନ୍ତନୁ ଶତପଥୀ ରବୀନ୍ଦ୍ର ରାଉତଙ୍କ ସମେତ ଶତାଧିକ ପୂର୍ବତନ ସୈନିକ ଯୋଗଦେଇଥିଲେ। ବଳଭଦ୍ର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନନ୍ଦପୁର ମହୋତ୍ସବ ପାଇଁ ଲେଖା ଆବଶ୍ୟକ



**ଆନନ୍ଦପୁର, ୧୪।୩(ସମିସ):** ଆନନ୍ଦପୁର ମହୋତ୍ସବ ୨୦୨୬ ପାଇଁ ଲେଖା ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଆନନ୍ଦପୁର ମହୋତ୍ସବ ଆସନ୍ତା ଏପ୍ରିଲ୍ ୭ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବ ସ୍ମରଣିକା ପାଇଁ କେନ୍ଦୁଝର ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ଉପରେ ଲେଖା ମୁଖ୍ୟତଃ ହୋଇଥିବା ଆବଶ୍ୟକ। ଆସନ୍ତା ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ଉପଜିଲ୍ଲାପାଳ ଆନନ୍ଦପୁର କାର୍ଯ୍ୟାଳୟରେ ଦେବା ସହ ମହୋତ୍ସବ ଇ-ମେଲ୍‌ରେ ପଠାଇ ପାରିବେanandmahotsav2026@gmail.com ମେଲ୍‌ରେ ଦେଇପାରିବେ।

## ୧୪ ବର୍ଷ ଧରି ପଦୋନ୍ନତି ଓ ପୋଷ୍ଟିଂ ସମାନ ଜାଗାରେ

**ଆନନ୍ଦପୁର, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକରେ କାମ ଦେଉନି ଗାଦି ମଡ଼ାଙ୍କ ପାଇଁ ମୋହନ ସରକାରଙ୍କ ନିର୍ଦ୍ଦେଶାନାମା। ଘସିପୁରା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଏଭଳି ଉଦାହରଣ ନଜରକୁ ଆସିଛି। ଘସିପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୫୮/୨୬.୨.୨୦୨୬ ଆରଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ, ଘସିପୁରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ ପ୍ରିୟଦର୍ଶିନୀ ସେଠୀ ୧୩.୦୬.୨୦୧୨ରେ ନିଯୁକ୍ତି ପାଇଥିଲେ। ସରକାରୀ ଚାକିରିରେ ଏହା ତାଙ୍କର ପ୍ରଥମ ପୋଷ୍ଟିଂ ରହିଥିଲା। ପରବର୍ତ୍ତୀ ସମୟରେ ୨୮.୦୨.୨୦୨୨ରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେହି ସମାନ ସ୍ଥାନ ଘସିପୁରାରେ ପୋଷ୍ଟିଂ ପାଇଥିଲେ। ୧୦ ବର୍ଷ ଧରି କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ପରେ ଏବେ ୪ ବର୍ଷ ଧରି ସହକାରୀ ଯନ୍ତ୍ରୀ ଭାବେ ସେ ଘସିପୁରା ବ୍ଲକ୍‌ର ଦାୟିତ୍ୱରେ ରହିଛନ୍ତି। ପାଖାପାଖି ୧୪ ବର୍ଷ ଜଣେ ସରକାରୀ ଅଧିକାରୀ ଗୋଟିଏ ସ୍ଥାନରେ ରହିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରିକି ତାଙ୍କର ପହଞ୍ଚ ରାଜନେତାଙ୍କଠାରୁ ଆରମ୍ଭ କରି ବଡ ବଡ ଅଧିକାରୀଙ୍କଠାରେ ରହିଥିବା ମଧ୍ୟ ଅଭିଯୋଗ ହେଉଛି। ସରକାରୀ କାର୍ଯ୍ୟର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ସରକାର ଜଣେ ଅଧିକାରୀ ହୁଅନ୍ତୁ ଅବା ସରକାରୀ କର୍ମଚାରୀ ହୁଅନ୍ତୁ ଗୋଟିଏ ସ୍ଥାନରେ ୩ ବର୍ଷର କାର୍ଯ୍ୟ ସମୟ ପୂରଣ ହୋଇଥିଲେ ତାଙ୍କର ଅନ୍ୟତ୍ର ବଦଳି କରାଯିବାର ବ୍ୟବସ୍ଥା ରହିଛି। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଅଧିକାରୀ କିପରି ଗୋଟିଏ ସ୍ଥାନରେ ଦୀର୍ଘ ୧୪ ବର୍ଷ ଧରି ନିଜ ସିଟ୍‌କୁ ଜାବୁଡି ଧରିଛନ୍ତି ତାହାକୁ ନେଇ ଚର୍ଚ୍ଚା ରହିଛି।

## ଚୋରା ମହୁଲି ମଦ ବିରୋଧରେ ମହିଳାଙ୍କ ଗର୍ଜନ

**ତୁରୁମୁଙ୍ଗା, ୧୪।୩(ସମିସ):**



କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡା ବ୍ଲକର ବାଲିତୋଟା ଗ୍ରାମରେ ଚୋରା ଦେଶୀ ମହୁଲି ମଦ ବିକ୍ରି ଦିନକୁ ଦିନ ବଢୁଥିବାରୁ ଗ୍ରାମର ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ମଦ ସେବନକୁ କେନ୍ଦ୍ର କରି ଅପରାଧ ଓ ପାରିବାରିକ ଅଶାନ୍ତି ବୃଦ୍ଧି ପାଉଥିବା ଅଭିଯୋଗ ମଧ୍ୟରେ ମହିଳାମାନେ ଏକତ୍ରିତ ହୋଇ ଶନିବାର ସଚେତନତା ରାଲି କରି ଚୋରା ମଦ ବିକ୍ରି ବନ୍ଦ ଦାବି ଉଠାଇଛନ୍ତି। ଦୁଇ ଦିନ ପୂର୍ବରୁ ବେଆଇନ ମହୁଲି ମଦ ଚଢ଼ଉ ସମୟରେ ପୁଲିସ ଉପରେ ଆକ୍ରମଣ ଘଟଣା ପରେ ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ଏହାପରେ ମହିଳାମାନେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ ଧରି ମଦ ବିରୋଧୀ ରାଲି କରିଛନ୍ତି। ରାଲି ସମୟରେ ସେମାନେ ଲୋକଙ୍କୁ ମଦ ବିକ୍ରି ନ କରିବା ଓ ମଦ ସେବନରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ସମାଜକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଗ୍ରାମର ସାବିତ୍ରୀ ମହାନ୍ତ, ସୀମାମଣି ମହାନ୍ତ, ଚିନା ନାଏକ, କମଳା ମହାନ୍ତ, ରଜନୀ ନାଏକ, ଖିରଦୀନି ମହାନ୍ତ, ନଳିନୀ ମହାନ୍ତ, ଚିତ୍ରି ନାଏକ, ଭବାନୀ ନାଏକ, ବିନ୍ଦୁ ନାଏକ, ବିଣା ନାଏକ, ସେବତୀ ମହାନ୍ତ, ସାରଥୀ ମହାନ୍ତ, ନନ୍ଦିନୀ ନାଏକ, ରୁକ୍ମଣି ମହାନ୍ତ, ନିରାଶ ମହାନ୍ତ, ମାଳତୀ ମହାନ୍ତ, ସରସ୍ୱତୀ ମହାନ୍ତ, ଚମ୍ପା ମହାନ୍ତ, ମଲ୍ଲି ମହାନ୍ତ, ତାରାମଣି ନାଏକ କହିଛନ୍ତି।

## ଅବକାରୀ ଓ ପୁଲିସ ଚଢ଼ଉ: ବ୍ୟାପକ ମହୁଲି ଓ ପୋଚ ନଷ୍ଟ

**ତେଲକୋଇ, ୧୪।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା କରମଙ୍ଗୀ ପଞ୍ଚାୟତର ହଳଦୀପାଣି ଗ୍ରାମରେ ଆଜି ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ



ଚଢ଼ଉ କରାଯାଇ ବ୍ୟାପକ ମହୁଲ ପୋଚ ଓ ମହୁଲି ମଦ ନଷ୍ଟ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ତେଜରାଜ୍ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଅଭିରାମ ବେହେରା, ତେଲକୋଇ ଥାନାଧିକାରୀ ଅଞ୍ଜନ ପାତ୍ରଙ୍କ ସହିତ ଏକ ସ୍ୱତନ୍ତ୍ର ଟିମ୍ ହଳଦୀପାଣି ଗ୍ରାମରେ ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକଙ୍କ ଉପସ୍ଥିତିରେ ଚଢ଼ଉ କରିଥିଲେ। ୫ ହଜାର କେଜି ମହୁଲ ପୋଚ ନଷ୍ଟ ଏବଂ ୭ ଶହ ଲିଟର ଦେଶୀ ମହୁଲି ମଦ ନଷ୍ଟ କରାଯାଇଛି। ଏହି ଘଟଣାରେ ଚଢ଼ଉ ଟିମ୍ କାହାରିକୁ ଗିରଫ କରି ପାରିନାହିଁ। କେବଳ ୨୦ରୁ ଅଧିକ ଡ୍ରମ ଜବତ କରିଛି। ଅନ୍ୟପଟେ ତେଲକୋଇ ଥାନାଞ୍ଚଳରେ ବିଦେଶୀ ମଦ ପ୍ରତ୍ୟକ ଗ୍ରାମର ଛକରେ ଥିବା ତେଜରାତି ଦୋକାନ ଓ ହୋଟେଲରେ ଖୁଲମ୍‌ଖୋଲା ବିକ୍ରି କରାଯାଉଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିରବ ସାଜିବା ବିଭାଗୀୟ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାସହିତ ଦେଶୀ ମହୁଲି ଘରେ ଘରେ ବିକ୍ରି ହେବାରେ ଲାଗିଛି। ଏପରିକି ତେଲକୋଇ ଥାନାଞ୍ଚ୍ଳରେ ଥିବା ଖୋଦ୍ ତେଲକୋଇରେ ସୀକୃତିପ୍ରାପ୍ତ ଦେଶୀ ମହୁଲି ମଦ ଭାଟି ମାଲିକ ଖୁଲମ୍‌ଖୋଲା ବେଆଇନ ଭାବେ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗାଁ ଗାଁ ଘରକୁ ଘର ମଦ ଯୋଗାଉଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ମଦ ମାଫିଆମାନେ ଭାଟିରୁ ମଦ ଆଣି ବିକ୍ରି କଲେ ଅବକାରୀ ବିଭାଗ କିମ୍ବା ପୁଲିସ ସେମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ କିନ୍ତୁ ଯେଉଁ ଗରିବ ଆଦିବାସୀ ନିଜେ ମହୁଲି ମଦ ପ୍ରସ୍ତୁତ କରି ଘରେ ରଖି ସେବନ କରୁଛି ସେଇଠି ମଦ ମାଫିଆଙ୍କ ଇସାରାରେ ଅବକାରୀ ବିଭାଗ ଚଢଉ କରୁଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ କାହା ଅନୁକମ୍ପା ଓ ଛତ୍ରଛାୟାରେ ବିଭିନ୍ନ ଛକ ବଜାର ଓ ଗ୍ରାମାଞ୍ଚଳରେ ମଦ ମାଫିଆମାନେ ବିଦେଶୀ ଓ ଦେଶୀ ମଦର ବେଆଇନ କାରବାର ଚଳାଇଆସୁଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସଂପୃକ୍ତ ମଦ ମାଫିଆଙ୍କ ପ୍ରତି ଅବକାରୀ ଓ ପୁଲିସ ବିଭାଗ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା କେବଳ ଦେଖିବାକୁ ବାକି ରହିଛି।



## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ମୟୂରଭଞ୍ଜର ୭ ବିଦ୍ୟାଳୟ

# ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ ଏକର ଜାଗା ସାଜିଛି ପ୍ରତିବନ୍ଧକ

**ବାରିପଦା, ୧୪ ।୩(ସମିସ)**

ପ୍ରଖ୍ୟାତ ଓଡ଼ିଆ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ଶିକ୍ଷାବିତ୍ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଗତ ଜାନୁଆରୀ ୭ ତାରିଖରେ ଶୁଭାରମ୍ଭ ହୋଇଛି । ରାଜ୍ୟର ପ୍ରାଥମିକ ଶିକ୍ଷା ସୁବିଧା କ୍ଷେତ୍ରରେ ପଛୁଆ ଥିବା ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ଏହାର ଉଦ୍ଦେଶ୍ୟ । ୨୦୨୫-୨୬ରୁ ୨୦୨୮-୨୯ ମଧ୍ୟରେ ସମଗ୍ର ରାଜ୍ୟରେ ୨୨୦୦ ବିଦ୍ୟାଳୟ ସ୍ଥାପନ ଲକ୍ଷ୍ୟ ରଖାଯାଇ ଥିବାବେଳେ ଏଥିପାଇଁ ରାଜ୍ୟ ସରକାର ୧୨, ୦୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଗତ ଜାନୁଆରୀ ୭ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରି ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ୪୯କୋଟି ଟଙ୍କାରେ ୭ଟି ବିଦ୍ୟାଳୟରେ ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ସେଗୁଡିକ ମଧ୍ୟରେ ବହଳଦା ବ୍ଲକ ଗମ୍ଭାରିଆ ପଞ୍ଚାୟତର ଗମ୍ଭାରିଆ ସରକାରୀ ହାଇସ୍କୁଲ ରହିଛି । ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୯ ଛାତ୍ରଛାତ୍ରୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତେବେ ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ ଏକର ଜାଗା ପ୍ରତିବନ୍ଧକ ହେଉଥିବା ଜଣାପଡ଼ିଛି ।



### ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ପଛୁଆ ପଞ୍ଚାୟତ ସାମିଲ

ସେହିପରି ବିଜାତଳା ବ୍ଲକ ରାଇହରି ପଞ୍ଚାୟତର ପଳାଶବଣି ସରକାରୀ ଉପ୍ରା ବିଦ୍ୟାଳୟ, ଜାମଦା ବ୍ଲକ ତାଳଗାଁ ପଞ୍ଚାୟତର କାଣ୍ଡସୋର ସରକାରୀ ହାଇସ୍କୁଲ, ଯଶିପୁର ବ୍ଲକ ଚାକିଡି ପଞ୍ଚାୟତର ଚାକିଡି ସରକାରୀ ଉପ୍ରା ସ୍କୁଲ, ଖୁଣ୍ଟା ବ୍ଲକ ବଡପଥରା ପଞ୍ଚାୟତର ବଡପଥରା ପଞ୍ଚାୟତ ହାଇସ୍କୁଲ, ରରୁଆଁ ବ୍ଲକ ନୂଆଗାଁ ପଞ୍ଚାୟତର ନୂଆଗାଁ ସରକାରୀ ହାଇସ୍କୁଲ ଓ ସାରସକଣା ବ୍ଲକ ପାକଟିଆ ପଞ୍ଚାୟତର ପାକଟିଆ ସରକାରୀ ଉପ୍ରା ସ୍କୁଲ ସାମିଲ ହୋଇଛି । ଏଥିରେ ଯଥାକ୍ରମେ ୩୯୩, ୨୩୮, ୨୨୮, ୧୩୧, ୧୯୦ ଓ ୨୬୦ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ଭିତ୍ତିଭୂମି, ମାଗଣା ପରିବହନ ଆଦି ବ୍ୟବସ୍ଥା ରହିବ । ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଏହା ଏକ ମାଇଲଖୁଣ୍ଟ ହେବ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସର୍ବବୃହତ୍ତ ମୟୂରଭଞ୍ଜ ଜିଲ୍ଲାରୁ ଅଧିକରୁ ଅଧିକ ପଞ୍ଚାୟତରେ ଏପରି ସ୍କୁଲ ସ୍ଥାପନ ପାଇଁ ଦାବି କରାଯାଉଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ପଞ୍ଚାୟତର ସର୍ବାଧିକ ପ୍ରାଥମିକ ଛାତ୍ରଛାତ୍ରୀ ଥିବା ଓ ବିଦ୍ୟାଳୟ ନାମରେ ସର୍ବନିମ୍ନ ୨ଏକର ଜମି ଉପଲବ୍ଧ ହେବା ନିୟମାବଳୀ ମୁଣ୍ଡବ୍ୟଥାର କାରଣ ସାଜିଛି । କେତେକ ସ୍ଥାନରେ ରାଜନୈତିକ ହସ୍ତକ୍ଷେପ ଓ ଉଦ୍ଦିଷ୍ଟ ନିୟମାବଳୀ ଉଲ୍ଲଂଘନ ପାଇଁ ଗାଁ ଗାଁରେ ବିବାଦ ଆରମ୍ଭ ହୋଇଛି ।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ

# କେହି କଲେନି ନାମାଙ୍କନ ପ୍ରତ୍ୟାହାର

**ବାରିପଦା, ୧୪ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଚଳିତ ମାସ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ୨୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଯାଞ୍ଚରେ ୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ପରେ ୨୨ ଜଣ ବୈଧ ପ୍ରାର୍ଥୀଙ୍କ ତାଲିକା ଗୁରୁବାର ପ୍ରକାଶ ପାଇଥିଲା । ତେବେ କାର୍ଯ୍ୟକାରୀ କମିଟି ସଦସ୍ୟ (ମହିଳା) ପଦ ପାଇଁ ନାମାଙ୍କନ ପତ୍ର ନାକଚ ହୋଇଥିବା ମଧୁସ୍ମିତା ସେଠୀଙ୍କ ପ୍ରାର୍ଥିପତ୍ର ପୁନଃ ଯାଞ୍ଚ ଆବେଦନ କ୍ରମେ ବୈଧ ଘୋଷଣା ହୋଇଛି । କେହି ନାମାଙ୍କନ ପ୍ରତ୍ୟାହାର କରି ନ ଥିବାରୁ ନିର୍ବାଚନ ମଇଦାନରେ ୨୩ ଜଣ ପ୍ରାର୍ଥୀ ରହିଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମହାନ୍ତି କହିଛନ୍ତି । ଏଣୁ ସଭାପତି ପଦ ପାଇଁ ଜ୍ୟୋତିପ୍ରକାଶ ରଥ ଓ ପ୍ରବୀର କୁମାର ବସାଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି ।

### ଉପସଭାପତି, କୋଷାଧ୍ୟକ୍ଷ ଓ ମହିଳା କାର୍ଯ୍ୟକାରୀ କମିଟି ସଦସ୍ୟା ଅପ୍ରତିଦ୍ୱନ୍ଦ୍ୱୀ

ସେହିପରି ସମ୍ପାଦକ ପଦ ପାଇଁ ଜ୍ଞାନରଞ୍ଜନ ଜେନା ଓ ବିପ୍ଳବ ବାରିକ ମଧ୍ୟରେ, ଯୁଗ୍ମ ସମ୍ପାଦକ (କଲ୍ୟାଣ) ପାଇଁ ସ୍ୱରୂପ କୁମାର ମିଶ୍ର ଓ ରତିକାନ୍ତ ସାହୁଙ୍କ ମଧ୍ୟରେ, ଯୁଗ୍ମସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ ଓ ମନୋଜ କୁମାର ମହାନ୍ତ ମଧ୍ୟରେ, ଯୁଗ୍ମସମ୍ପାଦକ (ପାଠାଗାର) ପାଇଁ କୃଷ୍ଣଚନ୍ଦ୍ର ମହାନ୍ତି ଓ ସତ୍ୟନାରାୟଣ ବେହେରାଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି । କାର୍ଯ୍ୟକାରୀ କମିଟି (ଅଣସଂରକ୍ଷିତ) ୩ଟି ପଦ ପାଇଁ ଗିରିଶ୍ଚନ୍ଦ୍ର ମହାପାତ୍ର, ବୈଦ ପ୍ରକାଶ ପାରିକ, ଅନ୍ତର୍ଯ୍ୟାମୀ ବେହେରା, ଦେବରାଜ ମିଶ୍ର, ଗୌତମ ରାୟ ଓ ବିଶାଳ କୁମାର ରାମ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ତେବେ ଉପସଭାପତି ପାଇଁ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଏକମାତ୍ର ଆଶାୟୀ ଓ କାଯ୍ୟକାରୀ କମିଟି ମହିଳା ପାଇଁ ସଂରକ୍ଷିତ ୫ଟି ପଦ ପାଇଁ ମଧୁସ୍ମିତା ସେଠୀ, ସ୍ୱପ୍ନା ମହାନ୍ତି, ବୈଜୟନ୍ତୀ ବାସ୍କେ, ସସ୍ମିତା ଘୋଷାଲ ଓ ରୂପଶ୍ରୀ ବାରିକ ୫ ଜଣ ଥିବାରୁ ନିର୍ବାଚନ ହେବନାହିଁ । ଜିଲ୍ଲା ଓକିଲ ସଂଘର ୬୯୬ ଜଣ ବୈଧ ଭୋଟରଙ୍କୁ ନେଇ ୨୮ ତାରିଖ ପୂର୍ବାହ୍ନ ସାଢେ ୭ଟାରୁ ଅପରାହ୍ନ ୩ଟା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏହାପରେ ଅପରାହ୍ନ ୪ଟାରୁ ଭୋଟ ଗଣନା ହୋଇ ଫଳାଫଳ ପ୍ରକାଶ ପାଇବ ।

## ରାଷ୍ଟ୍ରୀୟ ଲୋକ ଅଦାଲତ

# ୪, ୩୨୧ଟି ମାମଲାର ବିଚାର, ୨.୯୫ କୋଟି ଟଙ୍କା ଆଦାୟ



**ବାରିପଦା, ୧୪ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ୧୨ ହଜାର ୫୬୮ଟି ମାମଲା ମଧ୍ୟରୁ ୪ ହଜାର ୩୨୧ଟି ମାମଲାର ଅପୋଷ ବିଚାର ହୋଇ ୨ କୋଟି ୯୪ ଲକ୍ଷ ୮୫ ହଜାର ୬୬୬ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି ।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୬ ହଜାର ୮୨୭ଟି ମାମଲା ମଧ୍ୟରୁ ୮୦୯ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୨୨ ଲକ୍ଷ ୧୮ ହଜାର ୯୫୯ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୫ ହଜାର ୭୪୧ଟି ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୫୮ଟି ମଧ୍ୟରୁ ୩ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୨ଟି ମାମଲା ମଧ୍ୟରୁ ୨୪ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୬୬ଟିରୁ ୧୫ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୯୭ଟିରୁ ୧୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୧୧୪ଟି ମାମଲା ମଧ୍ୟରୁ ୩୮ଟି, ରାଜସ୍ୱ ମାମଲା ୩ ହଜାର ୪୪୯ଟି ମଧ୍ୟରୁ ୨ ହଜାର ୪୫୬ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୭ଟି ମଧ୍ୟରୁ ୪୫ଟି, ଖାଉଟି ମାମଲା ସମ୍ବନ୍ଧୀୟ ୭ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧ ହଜାର ୨୬୫ଟି ମଧ୍ୟରୁ ୯୧୫ଟି ମିଶାଇ ୩ ହଜାର ୫୧୨ଟି ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୭୨ଲକ୍ଷ ୬୬ ହଜାର ୭୦୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ସିନିୟର ସିଭିଜ ଜଜ (ଏଲଆର ଓ ଏଲଟିଭି) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଏସଡିଜେଏମ ଜୁଐେଲ ପଟ୍ଟନାୟକ, ଜେଏମଏଫସି-୧(କଗ ଟେଙ୍କି) ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତି, ଜେଏମଏଫସି ସୀମା ଅଗ୍ରୱାଲ, ଜେଏମଏଫସି (ଏଲଆର ଓ ଏଲଟିଭି) ଶୁଭ୍ରାଂଶୁ ଠାକୁରଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ଓ ସରକାରୀ ଓକିଲ ଉମାକାନ୍ତ ରାଉତ, ଆଇନଜୀବୀ ସତ୍ୟନାରାୟଣ ବେହେରା, କମଳ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର, ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ, ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କିସାନ ବ୍ରଦର୍ସ ଚାମ୍ପିଅନ, ସମାଡିହି ଏଫ୍‌ସି ରନର୍ସଅପ୍

**ବାରିପଦା, ୧୪ ।୩(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ବାରିପଦାର କିସାନ ବ୍ରଦର୍ସ ୬-୫ ଟାଇବ୍ରେକର ଗୋଲରେ ମୟୂରଭଞ୍ଜର ସମାଡ଼ିହି ଏଫସିକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ଜାତୀୟ ରେଫରୀ ସନ୍ତୋଷ କୁମାର ରାଉତ, ଦିଲ୍ଲୀପ ପ୍ରଧାନ, ଦୀପକ ଖୁଣ୍ଟିଆ ଓ ରାଜୀବ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ । ମନୋଜ ପାତ୍ର, ଶୁଭଦ୍ରା ହେମ୍ବ୍ରମ ଓ ରଜତ ତିରିଆ ଧାରା ବିବରଣୀ ପ୍ରଦାନ କରିଥିଲେ । ଚାମ୍ପିଅନ ଦଳକୁ ଦେଢ଼ ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୧ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଝାଡ଼ଖଣ୍ଡର ବ୍ଲାକ ପାନ୍ଥର ଓ ବିହାରର ଲିଭାରପୁଲ ଦଳକୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । କମିଟିର ଯୁଗ୍ମସମ୍ପାଦକ ବିନୋଦ ସିଂ ବାବୁଙ୍କ ପକ୍ଷରୁ ଶ୍ରେଷ୍ଠ ଖେଳାଳି ଭାବେ ଛୁଟୁ ମୁର୍ମୁ, ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସଞ୍ଜୟ ହେମ୍ବ୍ରମ, ଶ୍ରେଷ୍ଠ ଡିଫେନ୍ସ ଭାବେ ଗୁମାନ ସିଂହ ଓ ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ସୁକୁଲ ମୁର୍ମୁଙ୍କୁ ବାଇସାଇକଲ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା ।




ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ମୟୂରଭଞ୍ଜ ଫୁଟବଲର ପୂର୍ବ ଗୌରବକୁ ଫେରାଇ ଆଣିବ ବୋଲି ଆଶା ପୋଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ପୃଷ୍ଠପୋଷକ ପ୍ରୀତିଶ ବସା ଓ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଶିଳ୍ପପତି ଅଶୋକ ତ୍ରିପାଠୀ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଦାସଙ୍କ ସମେତ ଆୟୋଜନ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରି, ସାଂଗଠନିକ ସମ୍ପାଦକ ଅମର ସେଠୀ, ଲଲାଟେନ୍ଦୁ ବେହେରା, ବିଜୟ ଦାସ, କଲ୍ୟାଣ ସିହ୍ନା, ବିଶ୍ୱଜିତ ନାୟକ, କୈଳାସ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରି, ପ୍ରଦୀପ ମିସ୍ତ୍ରି, ବିଜୟ ଦାସ, କବି ବିଷ୍ଣୁ ଶତପଥୀ, ସନ୍ତୋଷ ବରାଜ, ଅବନୀ ମହାନ୍ତି, ରାଜୀବ ଜେନା, ଭରତ ନାୟକ, ଅଶୋକ ବେହେରା, ଶ୍ରବଣ ମିସ୍ତ୍ରି, ମହାଦେବ ପାତ୍ର, ହରପ୍ରସାଦ ପାତ୍ର, କପିଳ ଖଣ୍ଡେଲୱାଲ, ତରୁଣ ପାଲବାବୁ, ଜୟନ୍ତ ନାୟକ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏ ଅବସରରେ ବିଶିଷ୍ଟ ଫୁଟବଲ ଖେଳାଳି ସେଙ୍ଗେଲ ସିଂ ସୋରେନ, ଅମୂଲ୍ୟ ମିଶ୍ର, ଯଦୁନାଥ ମାଝୀ, ଜୟକୃଷ୍ଣ ପାତ୍ର, ନୌସାଦ ଅଲ୍ଲୀ, ଭୁବନ ସାହୁ ଓ ବିଭୂତି ମହାନ୍ତିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭୁଲ ଚିକିତ୍ସା ଯୋଗୁଁ ଛାତ୍ରୀ ଗୁରୁତର

# ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କରଞ୍ଜିଆ, ୧୪।୩(ସମିସ):** ଡାକ୍ତରଙ୍କ ଭୁଲ ଚିକିତ୍ସା ଓ ଅନାବଶ୍ୟକ ଇଞ୍ଜେକ୍ସନ ଯୋଗୁଁ ଛାତ୍ରୀ ଗୁରୁତର ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । କରଞ୍ଜିଆ ବ୍ଲକ ପକାମୁଣ୍ଡା ଗ୍ରାମର ଗୋଲ ଲୋହାରଙ୍କ ଝିଅ ପାର୍ବତୀ ଲୋହାର (୧୪) କରଞ୍ଜିଆ ବାଳିକା ଉଚ୍ଚବିଦ୍ୟାଳୟ ହଷ୍ଟେଲରେ ରହି ସପ୍ତମ ଶ୍ରେଣୀରେ ପଢ଼ନ୍ତି । ସେ ୩/୪ ଦିନ ହେବ ଅସୁସ୍ଥ ଥିଲେ । ଆଜି ତାଙ୍କ ପରିବାର ଲୋକ ତାଙ୍କୁ କରଞ୍ଜିଆ ବାଳକ ଉଚ୍ଚ ବିଦ୍ୟାଳୟ ନିକଟରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ନୃସିଂହ ଚରଣ ସାମଲଙ୍କ ଘରକୁ ନେଇ ଚିକିତ୍ସା କରାଇଥିଲେ । ସେଠାରେ ଡାକ୍ତର ସାମଲ ତାଙ୍କ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ ଓ ରକ୍ତ ପରୀକ୍ଷା ରେ ମ୍ୟାଲେରିଆ ପଜିଟିଭ ରିପୋର୍ଟ ଆସିଥିଲା । ଡାକ୍ତର ତାଙ୍କୁ ଏକ ସାଲାଇନ ଓ ଇଞ୍ଜେକ୍ସନ ଦେବାକୁ ପ୍ରେସକ୍ରିପସନରେ ଲେଖିଥିଲେ । ପରିବାର ଲୋକେ ତାଙ୍କୁ ନେଇ ସାଲାଇନ ଓ ଇଞ୍ଜେକ୍ସନ ଦେଇଥିଲେ । ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ଛାତ୍ରୀ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ । ପରିବାର ଲୋକ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ । ଡାକ୍ତରଖାନାରେ ଡ୍ୟୁଟିରେ ଥିବା ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତ ଛାତ୍ରୀଙ୍କ ପରୀକ୍ଷା ଓ ତାଙ୍କୁ ପ୍ରଦାନ କରାଯାଇଥିବା ପ୍ରେସକ୍ରିପସନ ଓ ଔଷଧ ଦେଖି ଭୁଲ ଇଞ୍ଜେକ୍ସନ ଯୋଗୁଁ ଏଭଳି ଘଟିଥିବା ପ୍ରକାଶ କରିଥିଲେ । ବର୍ତ୍ତମାନ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଥିବାବେଳେ ଛାତ୍ରୀ ବିପଦ ମୁକ୍ତ ଥିବା ସୂଚନା ମିଳିଛି । ଏହା ପୂର୍ବରୁ ଡାକ୍ତର ସାମଲଙ୍କ ଦ୍ୱାରା ଭୁଲ ଚିକିତ୍ସା ଯୋଗୁଁ ଗତବର୍ଷ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ନାମରେ ବାରମ୍ବାର ଭୁଲ ଚିକିତ୍ସା ଓ ଔଷଧ ପ୍ରଦାନ ଅଭିଯୋଗ ବାରମ୍ବାର ହୋଇଆସୁଛି । ଏଣୁ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି ।



## ମିଳୁନି ରନ୍ଧନ ଗ୍ୟାସ, ଉପଭୋକ୍ତା ହନ୍ତସନ୍ତ

# ଶସ୍ତାରେ କିରାସିନି ଯୋଗାଇ ଦେବାକୁ ଦାବି

**ବେତନଟୀ, ୧୪।୩(ସମିସ):** ରନ୍ଧନ ଗ୍ୟାସର ଦର ବୃଦ୍ଧି ହୋଇଥିବାବେଳେ ରନ୍ଧନ ଗ୍ୟାସ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାରୁ ବେତନଟୀର ଖାଉଟି ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏଣୁ ରୋଷେଇ ଘରର ସଙ୍କଟ ଟାଳିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ସୁଲଭ ମୂଲ୍ୟରେ କିରାସିନି ଯୋଗାଣକୁ ଅଗ୍ରାଧିକାର ଦିଆଯିବାକୁ ବେତନଟୀ ବ୍ଲକ କଂଗ୍ରେସ ମହିଳା ସଂଗଠନ ଓ ବିଜେଡିର ମହିଳା ସଂଗଠନ ବ୍ଲକ ଯୋଗାଣ ଅଧିକାରୀଙ୍କ ମାଧ୍ୟମରେ କିରୋସିନ ଯୋଗାଇ ଦେବାକୁ ଦାବି କରାଯାଇଛି । ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବାକୁ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ଉପସଭାପତି ମାଧବୀ ସେନାପତି ଦାବି କରିଛନ୍ତି ।

## କାଠମାଫିଆଙ୍କ ଅଭିନବ ଉପାୟରେ ଚୋରି

# ଉପରେ ଆକାଶୀ କାଠ, ଭିତରେ ୪ ଲକ୍ଷ ଟଙ୍କାର ଶାଳଗଣ୍ଡି

**ମୋରଡ଼ା, ୧୪ ।୩(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ବାରିପଦା-ଚିତ୍ରଡା ରାଜ୍ୟ ରାଜପଥର ବାଘୁଆଷୋଳ ନିକଟରେ ଏକ କାଠ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାଇରଙ୍ଗପୁର ବନାଞ୍ଚଳରୁ ଏକ ୧୨ ଚକିଆ ଟ୍ରକ ଯୋଗେ ଆକାଶୀ ଓ ମୂଲ୍ୟବାନ ଶାଳ ଗଣ୍ଡି ବେଆଇନ ଭାବେ ଗତକାଲି ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ରେଞ୍ଜ ଆଡକୁ ଯାଉଥିବାବେଳେ ଉକ୍ତ ରେଞ୍ଜ ଅଧୀନ ବାରିପଦା-ଚିତ୍ରଡା-ଅମର୍ଦା ୬୧ ନମ୍ବର ରାଜ୍ୟ ରାଜପଥର ବାଘୁଆଶୋଳ ନିକଟରେ ଉକ୍ତ ଟ୍ରକର ଚକ ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉକ୍ତ ଟ୍ରକ୍‌ରେ ଶାଳ କାଠ ଗଣ୍ଡି ଥିବା ସୂଚନା ପାଇ ଘଟଣାସ୍ଥଳରେ ଏସସିଏଫ ମେହେରବାନ ଅଲ୍ଲୀ, ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହିତ କାଠ ବୋଝେଇ ଟ୍ରକକୁ ଜବତ କରିଛନ୍ତି । ତେବେ ଆକାଶିଆ କାଠର ଅନୁମତି ଥିବାବେଳେ ଟ୍ରକରେ ଶାଳ ଗଣ୍ଡି ରହିଛି । ଏସବୁର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ ରେଞ୍ଜର ଘନଶ୍ୟାମ ସିଂଙ୍କୁ ପଚାରିବାରୁ ଉକ୍ତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ କାଠ ସହିତ ଜବତ କରାଯାଇ ଜାମସୁଳି ବିଟ୍‌ରେ ରଖାଯାଇଥିବାବେଳେ ଆରଟିଓଙ୍କୁ ଚିଠି କରାଯାଇଛି । ଗାଡ଼ି ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ ତାଙ୍କ ନାମରେ ମାମଲା ରୁଜୁ କରାଯିବା ସହିତ ଓଡ଼ିଶା ଫରେଷ୍ଟ ରୁଲ ୧୯୭୨ ଅନୁସାରେ ଆକ୍ଟ ୫୬ ଲଗାଯିବ ବୋଲି କହିଛନ୍ତି ।



- ଚକା ଫାଟିଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗଛକୁ ଧକ୍କାଦେଲା ଟ୍ରକ୍
- ଡ୍ରାଇଭର ଓ ହେଲପରକୁ ଅଟକ ରଖି ତଦନ୍ତ କରୁଛି ବନ ବିଭାଗ

## ଜଣଙ୍କୁ ଗୁରୁତ୍ୱ, ଗଣଙ୍କୁ ଉପେକ୍ଷା

# ବସ୍ତିକୁ ନାହିଁ ରାସ୍ତା, ବାସିନ୍ଦାଙ୍କ ଅସନ୍ତୋଷ

**ବେତନଟୀ, ୧୪।୩ (ସମିସ)**

ବଦଳିଲାନି ବେତନଟୀ ବ୍ଲକର ଭାଗ୍ୟ । ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଏବେ ସାଧାରଣ ଲୋକଙ୍କ ପାଇଁ ପ୍ରହସନ ପାଲଟିଛି । ବେତନଟୀ ପଞ୍ଚାୟତରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟକୁ ଦେଖିଲେ ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏସ.ଏସ. ମହୁଲିଆ ଅଞ୍ଚଳରେ ଅଶ୍ୱନୀ ଦାସଙ୍କ ଘରଠାରୁ ପ୍ରଫୁଲ୍ଲ କବାଟଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ମାତ୍ର ଆଶ୍ଚର୍ଯ୍ୟର ବିଷୟ, ଏହି ରାସ୍ତାଟି କେବଳ ଜଣେ କୁଜି ନେତା ବା ଠିକାଦାରଙ୍କ ସ୍ୱାର୍ଥ ରକ୍ଷା କରୁଥିବାବେଳେ ନିକଟରେ ଥିବା ଇନ୍ଦିରାନଗରର ପ୍ରାୟ ୪ ଶହ ଅଧିବାସୀ ବର୍ଷ ବର୍ଷ ଧରି କାଦୁଅ ପଚପଚ ରାସ୍ତାରେ ଯାତାୟାତ କରୁଥିବା ଅଭିଯୋଗ ହେଉଛି ।




ଇନ୍ଦିରାନଗରରେ ବର୍ଷାଦିନେ ସ୍କୁଲ ପିଲା ଓ ଗର୍ଭବତୀ ମହିଳା ଆଣ୍ଠୁଏ ପାଣିରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ସେଥିପ୍ରତି ପଡୁନାହିଁ । ସେହିପରି ବିକାଶର ଆଉଏକ ନମୁନା ଦେଖିବାକୁ ମିଳିଛି ଜନଶୂନ୍ୟ ଅଞ୍ଚଳରେ ଥିବା ବେତନଟୀ ଏକ ପରିତ୍ୟକ୍ତ ପୋଖରୀ କ୍ଷେତ୍ରରେ । ଜନସାଧାରଣଙ୍କ ବ୍ୟବହାରରେ ଆସୁ ନ ଥିବା ଏହି ପୋଖରୀ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶାର ୩ଟି ଯୋଜନାରେ ୨୮ ଲକ୍ଷ ୫୦ ହଜାର ଟଙ୍କା, ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ୧୦ ଲକ୍ଷ ଟଙ୍କା, ବିଧାୟକ ପାଣ୍ଠିରୁ ୪ ଲକ୍ଷ ଟଙ୍କା, ସମୁଦାୟ ୪୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଥିବା ସୂଚନା ଫଳକରୁ ଜଣାପଡ଼ିଛି । କିନ୍ତୁ ବିଡ଼ମ୍ବନାର ବିଷୟ, ବେତନଟୀ ବଜାରର ମୁଖ୍ୟ ଜଳାଶୟ ସୁଖିଲାହାର ବନ୍ଧକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଯେଉଁ ଜଳାଶୟ ଉପରେ ହଜାର ହଜାର ଲୋକ ଓ ପଶୁପକ୍ଷୀ ନିର୍ଭର କରନ୍ତି, ତାହା ଏବେ ପଙ୍କ ଓ ଦଳରେ ଭର୍ତ୍ତି ହୋଇ ଶୁଖିବାକୁ ବସିଲାଣି । ଡବଲ ଇଞ୍ଜିନ ସରକାରଙ୍କୁ ନେଇ ଚା’ ଖଟିଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଏବେ ଗୋଟିଏ ଆଲୋଚନା ଏହା କ’ଣ ବାସ୍ତବରେ ବିକଶିତ ଓଡ଼ିଶା? ଲୋକଙ୍କ କହିବା ଅନୁଯାୟୀ, ବିଜେପି ସରକାର ବିକାଶର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ । କିନ୍ତୁ ବାସ୍ତବରେ ଏହା କେବଳ ଦଳୀୟ କର୍ମକର୍ତ୍ତା, ବିଧାୟକ, ସାଂସଦ ଓ ତାଙ୍କ ପୋଷା ଠିକାଦାରଙ୍କ ବିକାଶରେ ସୀମିତ ରହିଯାଇଛି । ସାଧାରଣ ଲୋକଙ୍କ ଟିକସ ଟଙ୍କାରେ କୁଜି ନେତାଙ୍କ ପକେଟ୍ ଗରମ ହେଉଛି । ଅଥଚ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗରିବ ଜନତା । ଏ ସରକାର ଲୋକଙ୍କର ନା କେବଳ ନିଜ ଦଳର ବୋଲି ବେତନଟୀର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଭଞ୍ଜପୁର-ପୁରୀ ଟ୍ରେନ୍ ବାତିଲ ନେଇ ଅସନ୍ତୋଷ

**ବେତନଟୀ, ୧୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଭଳି ଏକ ଉପାନ୍ତ ଅଞ୍ଚଳରୁ ସପ୍ତାହକୁ ମାତ୍ର ଦୁଇଦିନ ଚଳାଚଳ କରୁଥିବା ଟ୍ରେନ ନମ୍ବର ୦୮୦୧୧ ଓ ପୁରୀ-ଭଞ୍ଜପୁର ଟ୍ରେନ ନଂ ୦୮୦୧୨ ଅପ୍‌ଡାଉନ ଦୁଇଟି ଯାକ ଟ୍ରେନ ତିନି ମାସ ପାଇଁ ପୂର୍ବତଟ ରେଳ ଡିଭିଜନ ବାତିଲ କରିଥିବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜଗନ୍ନାଥ ଦର୍ଶନାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଟ୍ରେନ୍ ମାର୍ଚ୍ଚ ୧୪ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି । ପୁରୀ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବା ହେତୁ ଏହି ଟ୍ରେନ ସହିତ ଅନ୍ୟାନ୍ୟ କେତେକ ଟ୍ରେନ ମଧ୍ୟ ବାତିଲ କରାଯାଇଥିବା କୁହାଯାଇଛି । ରେଳ ବୋର୍ଡର ନିଷ୍ପତ୍ତିକ୍ରମେ ଏହି ଟ୍ରେନଟି ଅଳ୍ପ କେତେଦିନ ତଳେ ନିୟମିତ କରାଯାଇଥିବା ଖବର ପ୍ରକାଶିତ ହେବା ପରେ ଜିଲ୍ଲାବାସୀ ଆନନ୍ଦିତ ହୋଇଥିଲେ । ମାତ୍ର ତିନିମାସ ପାଇଁ ବନ୍ଦ ହେବା ଯୋଗୁଁ ପୁରୀଗାମୀ ଭକ୍ତଙ୍କୁ ଏହା ନିରାଶ କରିଛି । ମାତ୍ର ବାଙ୍ଗିରିପୋଷି-ପୁରୀ ସକାଳ ଏକ୍ସପ୍ରେସ ଟ୍ରେନଟି ପୂର୍ବତଟ ନିୟମିତ ଚଳାଚଳରେ କୌଣସି ପ୍ରତିବନ୍ଧକ ଲଗାଯାଇ ନ ଥିବା ଜଣାଯାଇଛି ।



# ଗୋଟିଏ ଆକ୍ରାନ୍ତ ଛାଇ



ଲିପ୍‌ସା ପଟେଲ

ବିବେକ ନଥିଲା ସମୟତକ ଖୁବ୍ ଓଜନିଆ ଲାଗେ ଲିପିକାକୁ। ବିବେକ ବିନା ଦିନଟି ସରେନି। ତାଙ୍କ ସହ ମନ ଖୋଲି କଥା ହେବାକୁ କେତେ ଦୀର୍ଘ ପ୍ରତୀକ୍ଷା ତାହା କେବଳ ଲିପିକା ହିଁ ଜାଣେ। ବିବେକ କ'ଣ ଏତିକି ବୁଝିପାରନ୍ତିନି? ଏତେ ଦକ୍ଷ, ବୟସ୍କ ଓ ସାବଲୀଳ ମଣିଷଟିଏ କେମିତି ଏତେ ଅବୁଝା ଭଳି ବ୍ୟବହାର କରନ୍ତି ଯେ !!! ହୁଏତ ସେ ନିଜର ସବୁ ଭାବାବେଗକୁ ନିଜ ମନ ତଳେ ହିଁ ଲୁଚେଇ ରଖିବାକୁ ଚାହାନ୍ତି। ବିବେକଙ୍କର ଏଇସବୁ ଗୁଣ ପାଇଁ ଲିପିକା କଥା କଥାକେ ଚିଡ଼ି ଯାଏ। କାହିଁକି ଦେଖା ହେଲା ଏମିତି ଏକ ଅଜବ ମଣିଷ ସହ ବୋଲି ସେ ଦିନଟିକୁ ବହେ ଗାଳିଦିଏ।

ବିବେକ ସବୁବେଳେ ନିଜ ବୟସରୁ କମ୍ ହିଁ ଜଣା ପଡୁଥିଲେ। ତାଙ୍କୁ ଦେଖି କେହି ବି ତାଙ୍କର ସଠିକ୍ ବୟସ ଆକଳନ କରିପାରୁନଥିଲେ। ସ୍କୁଲ, କଲେଜ, ଚାକିରି, ଏମିତିକି ବିବାହ ପ୍ରସ୍ତାବ ପାଇଁ ଖୋଜାଖୋଜି କରି ଝିଅ ଦେଖା ବେଳେ ମଧ୍ୟ ସେଇ ସମାନ କଥା। ଅନେକ ଝିଅ ତାଙ୍କୁ ନିଜ ବୟସରୁ କମ୍ ଜଣାପଡୁଛନ୍ତି କହି ମନା କରିଦେଇଥିଲେ। ଶେଷରେ କାହା ହାତ ଧରି ସଂସାର ଗଢ଼ିବାର ସ୍ୱପ୍ନ ବି ସ୍ୱପ୍ନ ହୋଇ ରହିଗଲା। ମଜା ମଜାରେ ଲିପିକା ବି କହୁଥିଲା ବିବେକ କୁଆଡ଼େ ଖୁବ୍ ପିଲାଳିଆ ବୁଦ୍ଧିର ମଣିଷ। ତେଣୁ ତାକୁ ହିଁ ବୟସ୍କା ପାଲଟି ବିବେକଙ୍କର ସବୁ ଚିନ୍ତା କରିବାକୁ ପଡ଼ିବ। ତଥାପି ସେଇଠି ଗୋଟିଏ ପ୍ରଶ୍ନ ସାମ୍ନାରେ ସେ ଅଟକି ଯାଏ। କେଉଁ ଅଧିକାର, କେଉଁ ସମ୍ପର୍କର ଦ୍ୱାହି ଦେଇ ସେ ଏସବୁ କରିବ? ବିବେକ ତାଙ୍କର ସମ୍ପର୍କକୁ କେବେ ପ୍ରେମର ସ୍ୱରୂପ ଦେଇନାହାନ୍ତି କି ଅବା କୌଣସି ସାମାଜିକ ସ୍ୱୀକୃତି ଦେବା ପାଇଁ ତାଙ୍କ ପାଖରେ ଲିପିକା ଆଗ୍ରହ ଦେଖିନି। ପ୍ରତିଥର କହନ୍ତି, "ଏମିତିରେ ତ ସବୁ ଠିକ୍ ଠାକ୍ ଚାଲିଛି। ଅଯଥା କଥା ଭାବି ମୁଣ୍ଡ ଖରାପ କରନି।"

ସେ କେବେ ଲିପିକା ମୁହଁକୁ ସିଧାସଳଖ ଚାହିଁ କଥା ହୁଅନ୍ତିନି; ଯଦି କେବେ ଚାହିଁବେ, ତାହା ବି ମାତ୍ର କ୍ଷଣକ ପାଇଁ। ତାଙ୍କୁ କିଛି ପ୍ରଶ୍ନ କରିବାର ଥିଲେ ବି ସେ ଟି.ଭି. ଆଡ଼କୁ ଚାହିଁ ପଚାରୁଥିବେ। ଲିପିକାକୁ ଏସବୁ ଜମା ଭଲ ଲାଗେନି। ସେ ବି ଦେଖେଇ ଦେଖେଇ କହେ, ଜୀବନ୍ତ ମଣିଷଠୁ ଏଇ ନିର୍ଜୀବ ଟି.ଭି.ର ମୂଲ୍ୟ ବେଶୀ। ସେତିକିବେଳେ ବିବେକଙ୍କର ଲାଜୁଆ ହସରେ କାହିଁକି କେଜାଣି ଅଜଣା କମ୍ପନରେ ଲିପିକାର ଛାତି ଥରି ଉଠେ। ଅନାୟସରେ ତା' ଆଖି ବିବେକଙ୍କର ଅବୟବ ଚାରିଆଡ଼େ ଥରେ ଘୂରି ଆସେ। ମନେ ମନେ ଭାବେ, ଇଏ କ'ଣ ମୋର ସେଇ ଇପ୍‌ସିତ ପୁରୁଷ?

ବିବେକଙ୍କ ତା' ଉପରେ ବିଶ୍ୱାସ ଲିପିକାକୁ ଏତେ ବାଟ ଚଳେଇ ନେଉଛି। ସମାଜ ଆଗରେ ସଳଖି ଛିଡ଼ା ହେବା ଶିଖେଇଛି। ସେ ଯେବେ ଉଦାସ ହୁଏ, ଯେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼େ ସେତେବେଳେ ମନେପଡ଼େ ବିବେକ ହିଁ କହନ୍ତି, "ତା'ର ନକ୍ଷତ୍ରଟିଏ ଭଳି ଜଳିବା ଥୟ।" ସେମାନେ ମାସ ମାସ ଧରି କଥା ହୁଅନ୍ତିନି। ନିଜ ନିଜ କାମର ବ୍ୟସ୍ତତା ଭିତରେ କେତେବେଳେ କେମିତି ଗୋଟେ ଦି'ଟା ମେସେଜ୍। କେବେ କେବେ ଦୁହେଁ ଦୁହିଁଙ୍କ ଉପରେ ଅଭିମାନ କରନ୍ତି ଅଥଚ ଦୁହେଁ ଜାଣନ୍ତି ଦୁହିଁଙ୍କର ଆଶା ଓ ବିଶ୍ୱାସ ସେମିତି ଅତୁଟ ଥାଏ। ବିବେକ ସବୁବେଳେ କହନ୍ତି, ଯେତେ ଦିନ ହେଉ ଯଦି କଥାବାର୍ତ୍ତା ବନ୍ଦ ହୋଇଯାଇଛି ତଥାପି ପରବର୍ତ୍ତୀ ମୁହୂର୍ତ୍ତରେ ଗୋଟିଏ ଆତ୍ମୀୟତାଭରା ଉଚ୍ଚାରଣ ବାରି ହୋଇପଡୁ। ଜୀବନକାଳରେ ଅନେକ ରାଗରୁଷା ଭିତରେ ବି ଯେତେବେଳେ କେହି କାହାକୁ ଡାକିଲେ, 'ହଁ' ବୋଲି ସ୍ୱରଟିଏ ଶୁଭୁ।

ହଠାତ୍ ସବୁ ଅନ୍ତରଙ୍ଗତାରେ ପୂର୍ଣ୍ଣଚ୍ଛେଦ ପକାଇଲା ପରି ବିବେକ ଦୂରେଇ ଯାଉଥିଲେ। ତାଙ୍କଠାରୁ ଆଉ ଫୋନ୍, ମେସେଜ୍ ଆସୁନଥିଲା। ଲିପିକା ନିଜ ଆଡୁ ଫୋନ୍ କିମ୍ବା ମେସେଜ୍ କଲେ ସେଥିରେ ବି ବିବେକଙ୍କ ଉଦାସୀନତା ଦେଖି ଲିପିକାର ଛାତି ଭିତରେ ଏକ ଅଜଣା ସୁନାମିର ଲହଡ଼ି ବାରମ୍ବାର କୂଳ ଲଙ୍ଘୁଥିଲା, ଯାହାକୁ ସମ୍ଭାଳିବା ଏବେ ତା' ପକ୍ଷେ ଅସମ୍ଭବ! ସେ ଏବେ ସିଧାସଳଖ ବିବେକ ସହ କଥାବାର୍ତ୍ତା କରିବା ପାଇଁ ଚାଲିଗଲା।

ସଫା ସଫା କହୁନ, କ'ଣ ହୋଇଛି? ହଠାତ୍ ଏମିତି କାହିଁକି ତୁମର ବ୍ୟବହାର ବଦଳିଗଲା? ବିବେକ ନିରୁପାୟ, ନିରୁତ୍ତର। ଅନେକ ସମୟର ନିରବତା ପରେ ମୁହଁ ଖୋଲିଲେ, ଏତିକି କହିବାକୁ "ତୁମେ ସବୁକିଛି ଭୁଲି ଦୂରେଇ ଯାଅ। ତୁମେ ଚାଲିଯାଅ ଲିପିକା।"

ଲିପିକାର ବାକିଥିବା କୋହତକ ଚିପୁଡ଼ି ହୋଇପଡ଼ିଲା ଦୁଇ ଆଖିରୁ। ସେ ଆଉ କିଛି କହିବା ଅବସ୍ଥାରେ ନଥିଲା। ବିବେକ ତା' ଲୁହ ପୋଛିଦେଇ କହିଲେ "ସଂସାରଯାକର ବଗିଚା ତୁମର ହେଉ। ତୁମେ ଏମିତି ହିଁ ପ୍ରଜାପତି ପରି ଉଡୁଥାଅ। ତୁମେ ଯେଉଁଠି, ଯାହା ସହିତ ଖୁସିରେ ରହିଲେ, ମୋର ବି ସେଥିରେ ଖୁସି। ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ମୁଁ ତ ଏମିତି ହିଁ ରହିଥିବି !!!"

ଲିପିକା କିଛି କହିଲାନି। ତାକୁ ଲାଗିଲା, କିଛି ସମୟ ପାଇଁ ବନ୍ଦ ହୋଇଗଲା ହୃଦୟର ସ୍ପନ୍ଦନ ଆଉ ଏଇ ଚଳନ୍ତା ପୃଥିବୀ। ସେଇ କ୍ଷଣି ହିଁ ସେ ବିବେକଙ୍କ ହାତକୁ ଚାପି ଧରିଲା। ନୀରବରେ ଅନେକ କଥା କହିଗଲା ତା' ଲୁହ ଢଳ ଢଳ ଆଖି। ଚୁପ୍‌ଚାପ୍ ଫେରିଗଲା ସେ। ବିବେକ ଦେଖୁଥିଲେ, ଭସା ବାଦଲ ସବୁ ମନ୍ଦଗତିରେ ଆଗେଇ ଯାଉ ଯାଉ ଅପସରିଗଲେ; କିନ୍ତୁ ଲିପିକା ଥରୁଟିଏ ବି ପଛକୁ ଫେରି ଚାହିଁଲାନି। ବିବେକ ମନେ ମନେ ହସି ହସି କହୁଥିଲେ, ତୁମ ପରି ସ୍ୱାଭିମାନୀ ଝିଅଟିଏକୁ ପ୍ରଥମ ଥର ଜୀବନରେ ଭେଟିଥିଲି। ତୁମ ସହିତ ବିତିଥିବା ସମୟ ମନେରହିବ ଲିପିକା।

ଆଜି ବିବେକଙ୍କର ଫଟୋ ତଳେ ଆବିର୍ଭାବ ଏବଂ ତିରୋଧାନ ତାରିଖ ମଝିରେ ହିଁ ଅଟକି ଯାଇଛି ତାଙ୍କର ବୟସ। ହଁ, ସବୁଦିନ ପାଇଁ ସେ ଅନ୍ତିମ ବୟସ ପଇଁଚାଳିଶ ବର୍ଷରେ ହିଁ ଅଟକିଗଲେ। ଲିପିକା ହାତ ଯୋଡ଼ି ବିବେକଙ୍କର ଫଟୋକୁ ଚାହିଁ କହୁଥିଲା, "ଏତେ ଦୁରାସାଧ୍ୟ ବ୍ୟାଧିରେ ବି ତୁମେ ମୋତେ ଖୋଜିଲନି। ମୋତେ ନିଜର ବୋଲି ଥରୁଟିଏ ବି ଭାବିଲନି। ସବୁ କଷ୍ଟ ଏକା ଏକା ସହିଗଲ। ମୁଁ କ'ଣ କେବେ ବି ତୁମକୁ ମନେ ପଡ଼ିଲିନି ବିବେକ? ଚିରଦିନ ପାଇଁ ତୁମେ କେବଳ ସ୍ମୃତି ହୋଇ ନୁହେଁ, ବରଂ ମୋ ମନରେ ଗୋଟିଏ ଆକ୍ରାନ୍ତ ଛାଇ ହୋଇ ରହିବ ଯାହାକୁ ମୁଁ ବଞ୍ଚିଥିବା ଭିତରେ କେବେ ସୁଦ୍ଧା ମୋ ଠାରୁ ଦୂରେଇ ଦେଇ ପାରିବିନି।" ■

ଭବାନୀପାଟଣା

## ପୁସ୍ତକ ପରିଚୟ

### ଜହ୍ନର ଲୁଚକାଳି

ତୁଷାରକାନ୍ତ ମହାନ୍ତି



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

କେତେବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ କବି ମୁଗ୍ଧ ହୋଇଛନ୍ତି, ପୁଣି କେବେ ସାମାଜିକ ବିଧି ବ୍ୟବସ୍ଥା ତାଙ୍କୁ ବ୍ୟଥିତ କରିଛି। ହୃଦୟର ଅସୁମାରୀ ଆବେଗ ଓ କ୍ଷୋଭ ପ୍ରତିଫଳିତ ହୋଇଛି ତୁଷାରକାନ୍ତ ମହାନ୍ତିଙ୍କ 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକର 'ଜହ୍ନର ଲୁଚକାଳି', 'ମା' ମାଟି ଓ ମମତା', 'ପହିଲି ବରଷା', 'ପ୍ରିୟା ତୁମେ ଅନନ୍ୟା', 'ମିଳନର ଅନୁଚିନ୍ତା', 'ପିତାମାତା ବଡ଼ ଦେବତା', 'ଅରାଜକତା', 'ଫୁଲେଇ ନାନୀ', 'ସ୍ମୃତିପଥେ', 'ଚାନ୍ଦିନୀ', 'ପ୍ରତାରଣା', 'ଜନମଭୂଇଁ', 'ଦେଶ ବନ୍ଦନା', 'ମିଛ ମାୟା ସଂସାର', 'ତମେ ମୋ ମନର', 'ଷୋଳଟି ବସନ୍ତ', 'ପ୍ରେମର ସମାଧି', 'ଜହ୍ନ ତୁ ଲାଜେ ଲାଜେ', 'ସାଧବ ବୋହୂ', 'ପ୍ରେମ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ପ୍ରକୃତିପ୍ରୀତି, ମାନବୀୟ ପ୍ରେମ, ମଣିଷର ଆଶା, ଆକାଂକ୍ଷା, ସାମାଜିକ ବିଧି ବ୍ୟବସ୍ଥା, ସାଂପ୍ରତିକ ଘଟଣାବଳୀର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଅନେକ କବିତାରେ। କବି ନିଜ ହୃଦୟର ଆନନ୍ଦ, ବ୍ୟଥା ଓ ବେଦନାକୁ ପ୍ରକାଶ କରିଛନ୍ତି କବିତା ମାଧ୍ୟମରେ। ନିଆରା ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା କବିତାଗୁଡ଼ିକକୁ ଅଧିକ ସୁଖପାଠ୍ୟ କରିଛି। 'ଜହ୍ନର ଲୁଚକାଳି' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ମାଆ

ସଂପାଦନା

ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁ



ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର-୭ ୬୦୦୧୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ମାଆ ହେଉଛି ସ୍ନେହମୟୀ, ମମତାମୟୀ, ବାତ୍ସଲ୍ୟମୟୀ। ମାତୃତ୍ୱ ଲାଭ କରିବା ଏକ ନିଆରା ଅନୁଭବ। ଜଗତରେ ମାଆର ବିକଳ୍ପ ନାହିଁ। ଓଡ଼ିଶାର ଅନେକ କବିଙ୍କ କଲମ ମୁନରୁ ମାଆକୁ ନେଇ ଝରି ପଡ଼ିଛି ଅଜସ୍ର କବିତା। ସେଭଳି କିଛି ମନଛୁଆଁ କବିତାକୁ ନେଇ ଭାଗୀରଥି ବେହେରା ଓ ଡ. ସହଦେବ ସ୍ୱାଇଁଙ୍କ ସଂପାଦନାରେ ପ୍ରକାଶ ପାଇଛି 'ମାଆ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ ବିଦେଶୀ ନାୟକଙ୍କ 'ବୋଉ', ଭାଗୀରଥି ବେହେରାଙ୍କ 'ବୋଉ ମୋ ସଞ୍ଜୀବନୀ', ଡ. ମମତାରାଣୀ ନାୟକଙ୍କ 'ବାତ୍ସଲ୍ୟମୟୀ ମାଆ', ନିରାକାର ଦାସଙ୍କ 'ବୋଉ', ଦେବେନ୍ଦ୍ର କୁମାର ବାଉରୀଙ୍କ 'ମାଆ–ମୋର ସ୍ରଷ୍ଟା', ଲିପ୍‌ସା ପଟେଲଙ୍କ 'ଫାଳେ ଜହ୍ନ, ଫାଳେ ଜୀବନ', ରୋହିତ କୁମାର ଦାଶଙ୍କ 'ମା'ର ଋଣ', ଡ. ସ୍ୱର୍ଣ୍ଣଲତା ଲେଙ୍କାଙ୍କ 'ମା', ଡକ୍ଟର ଶୁଭେନ୍ଦୁ ମେହେରଙ୍କ 'ମା', ନିରୁପମା ବେହେରାଙ୍କ 'ବୋଉ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ମା'ର ମହନୀୟତା, ତ୍ୟାଗ, ତିତିକ୍ଷା, ବାତ୍ସଲ୍ୟ ମମତା ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି। 'ମାଆ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଦୃଶ୍ୟାନ୍ତର



ସଂଜିତ କୁମାର ବଳ

ସେ ଦେଖେ, ଦେଖିପାରେନା।
କାଲି ତା' ସକାଳ ପିନ୍ଧିଥିଲା
କୋଉ ରଙ୍ଗର ପୋଷାକ
ଆଜି ଆସିଚି କୋଉ ରଙ୍ଗରେ,
ପବନ ଯାହା ଲେଖିଥିଲା
ତା' ଭୋରବେଳାର ପିଠିରେ
ବଦଳାଇ ଦେଲାକି
ଆଲୁଅ ବଦଳିବା ପରେ !

ଯାହାସବୁ ସେ ଦେଖିବ ବୋଲି
ଭାବିଥିଲା, ଦିଶିଲାନି, ତା' କାଲିର
ମୁହଁ ଲାଗିଥିଲା ପାଳଭୂତ ପରି
ତା' ସମୟ ମୁଣ୍ଡରୁ ଶିଙ୍ଗ ବାହାରି
ତାକୁ ମାଗିଥିଲା ମାଟି, ଯାହାକୁ
ଖୋଳି ସେଥିରେ ତା' ଶୂନ୍ୟତାକୁ
ସାଇତିବା ପରି ଗଢ଼ାଇ ପାରିବ କଳସୀ।

ସେ ଫେରେଇ ଦେଇଥିଲା ସମୟକୁ
ଯେବେ ତା'ର ମନେ ହେଇଥିଲା
ଶୂନ୍ୟତା ହିଁ ତା' ଭାବନାକୁ
ମାଟି ଫଳାଇବା ଶିଖାଇଚି,
ଯୋଉ ମାଟିର ରଙ୍ଗ ପାଇଁ ଧାଉଁଥିବା
ହରିଣ ପୋଷା ମାନିବା ପରି
ସେ ଖରାକୁ କମନୀୟ କରିପାରୁଚି।

କେବେକେବେ ପଡ଼ିଯାଏ ଭାବନାରେ
ଯେବେ ତା' ଆଲୁଅ ଓ ଛାଇ
ପହଞ୍ଚିଯାନ୍ତି ଗୋଡ଼ାଗୋଡ଼ି ହେଇ,
ମୁଣ୍ଡ ଆଡ଼କୁ ତା' ଅଧା ଦେହ ଆଲୁଅକୁ
ସେ ଦେଇଦିଏ, ବାକି ଅନ୍ଧାରୁ
ପାଦ ଯାଏ ଅଧିକାର କରିନିଏ ଛାଇ।

ସେଥିପାଇଁ ଯାହା ଦେଖି
ତା' ପାଖେ ପହଞ୍ଚିବାକୁ ଚାହିଁଲେ
ଯାଇପାରେନା ଛାଇର ପ୍ରତିବାଦରେ,
ଯାହା ନଦେଖିବ ବୋଲି ବାରମ୍ବାର
ବୁଜିଯାଏ ଆଖି, ସେଇଠିକି
ଟାଣିନିଏ ପାଦ ଛାଇର ଆଗ୍ରହରେ।

ସେ ଦେଖେ, ଦେଖିପାରେନା
ରଙ୍ଗସବୁ କେମିତି ଓହ୍ଲାଇ ଯାଏ
ତା' ହସରୁ, ଲୁହରୁ,
ତା' ଶୋଷ ଓ ପାଣି ଭିତରେ ଥିବା
ଦୂରତାରୁ, ସେ ଆଉଥରେ
ରଙ୍ଗକୁ ଚଢ଼ାଇ ପାରେନା
ଚଢ଼ାଇବା କୌଶଳ ଶିଖି ନଥିବାରୁ।

ସେ ନିଜ ବିଶ୍ୱସ୍ତତାର
ମୁଣ୍ଡ ନୁଆଇଁ ଠିଆ ହୁଏ ତା'
ରାତିର ସୁଧାର ଶୀତଳତା ସାମ୍ନାରେ
ହୁଁ ମାରେ ତା' ପ୍ରତିଟି କଥାରେ,
ଯେମିତି ରାତି ଗାଢ଼ ହେଲେ
ସେ ଶୁଣି ପାରିବ ତା' ସ୍ୱପ୍ନ
ଆଉ ଅନ୍ଧାରର କଥାବାର୍ତ୍ତା, କାହିଁକି
ଦରଆଉଜା ରହିଯାଏ ଦୃଶ୍ୟସବୁ
କାହା ଅନ୍ତରର ଅନ୍ତରଫଳରେ। ■

ସା: ମୂଷାଙ୍ଗ, ପୋଷ୍ଟ: କୋହ୍ଲ
ତିହିଡ଼ି, ଜିଲ୍ଲା -ଭଦ୍ରକ
ମୋ: ୮୨୪୯୦୮୧୯୨୭



## ପ୍ରଶ୍ନକାଳ



ନୃସିଂହ ତରାଇ

ଢେର୍ ଦିନରୁ
ଖୋଜୁଛି ଶବ୍ଦ
ଓ ସଜେଇବାର କାଇଦା,
ସେମାନଙ୍କ ମୁଁହ।
ଯେଉଁମାନେ ଆଲୁଅ ସବୁକୁ
ଗର୍ଭସ୍ଥ କଳାପରେ
ଘୋଡ଼େଇ ହେଇଛନ୍ତି
ଆଉ ଗୋଟେ ଅନ୍ଧାର।
ସପ୍ତମ ଶ୍ରେଣୀ
ସୁନା ଝିଅର
କ'ଣ ନାହିଁ
ଦ୍ରୌପଦୀର ଭାଗ୍ୟ?
ଶୂନ୍ୟରେ ମିଳେଇ ଯାଉଥିବା
ଚିତ୍କାର ସବୁକୁ
କେଉଁ କବି
ସଜେଇ ପାରିବ ତ ଆସ !
କିଏ ସେ
ଭରଣା କରିବ
ନିଗିଡ଼ି ଯାଇଥିବା
ପୋଷ ପୋଷ କଅଁଳ ରକ୍ତ
ବିକଳ ଅନୁନୟ?
କିଏ ହେବ
ତା' ପକ୍ଷ ଧର,
କିଏ ହେବ
ତା' ଲୁହର ଅଂଶୀଦାର?? ■

ମୋ: ୭୯୭୮୩୮୧୨୧୩



# ଆଧୁନିକ ଓଡ଼ିଆ କବିତାରେ ମିଥ୍



ଡକ୍ଟର ଦିଗମ୍ବର ଗିରି

ମିଥ୍ ଶବ୍ଦଟି ଗ୍ରୀକ୍ ଭାଷାର 'Mythos' ରୁ ଉତ୍ପନ୍ନ। ଏହାର ଅର୍ଥ ହେଉଛି 'କଥା' ପୌରାଣିକ ଗଳ୍ପ। ସାଧାରଣ ଅର୍ଥରେ ମିଥ୍ ହେଉଛି ଏମିତି ଗଳ୍ପ, ଯାହା ସମ୍ପୂର୍ଣ୍ଣ ଇତିହାସ ନୁହେଁ କିନ୍ତୁ ସମାଜର ବିଶ୍ୱାସ, ଧାର୍ମିକ ଭାବନା, ନୀତି ଓ ସଂସ୍କୃତିକୁ ବ୍ୟକ୍ତ କରେ। ପ୍ରକୃତିର ସୃଷ୍ଟି ରହସ୍ୟ ଦେବଦେବୀ କିପରି ମନୁଷ୍ୟଙ୍କ ସହିତ ସମ୍ପର୍କିତ, ବଜ୍ରପାତ, ଭୂମିକମ୍ପ ଆଦି ପ୍ରାକୃତିକ ଘଟଣାକୁ ଲୋକମାନେ ଦେବତାଙ୍କ କ୍ରୋଧ ବୋଲି ବିଶ୍ୱାସ କରୁଥିଲେ। ରାମାୟଣ, ମହାଭାରତରେ ଦେବତା ଓ ଅସୁରମାନଙ୍କ ଯୁଦ୍ଧ, ଅବତାର ପ୍ରସଙ୍ଗ ଭଳି ବହୁ ଗଳ୍ପ ରହିଛି। ଏହିସବୁ ଗଳ୍ପ ସହିତ ରୀତି, ନୀତି, ପରମ୍ପରା, ଧର୍ମ, ଜୀବନର ମୂଲ୍ୟବୋଧର କଥା ମଧ୍ୟ ରହିଛି। ମୋଟ ଉପରେ କହିବାକୁ ଗଲେ ମିଥ୍ ଗଳ୍ପଗୁଡ଼ିକରେ ସମାଜ ନିଜ ଆସ୍ଥା ଓ ଚେତନାକୁ ପ୍ରକାଶ କରିଥାଏ।

ଆଧୁନିକ କବିତାରେ 'ମିଥ୍' ପ୍ରୟୋଗ କେବଳ ପୌରାଣିକ କାହାଣୀର ପୁନରାବୃତ୍ତି ନୁହେଁ, ବରଂ ଏହା ଏକ ସୃଜନଶୀଳ ରୂପାନ୍ତରଣ। ବେଦ, ଉପନିଷଦ, ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ରମାନଙ୍କ ସହିତ ସାମ୍ପ୍ରତିକ ସମାଜର ସଙ୍କଟ, ଯୁଦ୍ଧ ମନୋଭାବ, ନୈତିକ ଦ୍ୱନ୍ଦ୍ୱ, ଅସ୍ଥିରତା, ମାନବିକ ମୂଲ୍ୟବୋଧକୁ ବୁଝାଇବା ପାଇଁ ଆଧୁନିକ କବି ଦ୍ରୌପଦୀ, କର୍ଣ୍ଣ, ଅର୍ଜୁନ, ଗାନ୍ଧାରୀ, ଧୃତରାଷ୍ଟ୍ର, ଭୀମ, ବେଲାଳସେନ, ଅଭିମନ୍ୟୁ ପ୍ରଭୃତି ଚରିତ୍ରଙ୍କୁ ନେଇ ମନୋବୈଜ୍ଞାନିକ ଭାବନାରେ ଉପସ୍ଥାପନ କରି ମାନବର ଅନ୍ତଃଦ୍ୱନ୍ଦ୍ୱକୁ ସାର୍ବଜନୀନ ଅର୍ଥବୋଧରେ ପ୍ରକାଶ କରିଛନ୍ତି।

ମିଥ୍ ସାଂସ୍କୃତିକ ଆତ୍ମ ପରିଚୟର ଆଧାର। ସାରଳା ମହାଭାରତରେ ସାରଳା ଦାସ ପୌରାଣିକ ମିଥ୍ (କଥା) ମାଧ୍ୟମରେ ଲୋକ ଜୀବନରେ ଅପୂର୍ବ ସମନ୍ୱୟ କରିଛନ୍ତି। ସାରଳା ଦାସଙ୍କ ମହାଭାରତୀୟ ପରମ୍ପରା, ଆଧୁନିକ କବିତାରେ ଏହାର ପୁନଃ ସୃଷ୍ଟି ଦ୍ୱାରା ଜାତୀୟ ଐତିହ୍ୟକୁ ସ୍ମରଣ କରିବା ସହିତ ସମକାଳୀନ ସମସ୍ୟା ସହିତ ଅସ୍ମିତା, ରାଜନୈତିକ ବିକୃତି, ଅବକ୍ଷୟ ମୂଲ୍ୟବୋଧ, ସତ୍ୟ, ତ୍ୟାଗ, ଆଦର୍ଶ, ସାହିତ୍ୟିକ ଓ ସାମାଜିକ ଦୃଷ୍ଟିରେ ଗଭୀର ସୂଚନା ଦେଇଥାଏ। ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ମିଥ୍‌ର ସୃଜନାତ୍ମକ ଦିଗ ଆଉ ଏକ ନୂତନ ରୂପ। ଠିକ୍ ସେହିପରି ମଧ୍ୟଯୁଗୀୟ ପୌରାଣିକ କାବ୍ୟ ଓ ପରେ ପରେ ଆଧୁନିକ ସାହିତ୍ୟରେ ମିଥ୍ ନିତ୍ୟ ନୂତନ ଅର୍ଥ ଓ ପ୍ରତୀକରେ ବହୁଳ ଭାବେ ପ୍ରୟୋଗ ହୋଇଛି।

ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଆଧୁନିକ ଓଡ଼ିଆ କବିତାରେ ମିଥ୍ ପ୍ରୟୋଗର ଏକ ଅପୂର୍ବ ଦୃଷ୍ଟାନ୍ତ। ରାଧାକୃଷ୍ଣ ମିଥ୍‌କୁ ସେ ପୌରାଣିକ କାହାଣୀ ଭାବେ ନୁହେଁ, ବରଂ ଆଧୁନିକ ମନୋବୈଜ୍ଞାନିକ ଓ ଅସ୍ତିତ୍ୱବାଦୀ ପ୍ରସଙ୍ଗରେ ପୁନଃସୃଷ୍ଟି କରିଛନ୍ତି। ରମାକାନ୍ତଙ୍କ ଦୃଷ୍ଟି ଓ ସୃଷ୍ଟିରେ ରାଧା-କୃଷ୍ଣ ଦିବ୍ୟପ୍ରେମର ପ୍ରତୀକ। ତାଙ୍କ ମାଧ୍ୟମରେ ମାନବୀୟ ଆଶା, ଉଦ୍ଦୀପନା, ସନ୍ଦେହ, ବିଶ୍ୱାସ, ଅନିଶ୍ଚିତତା, ପ୍ରେମ ସହିତ ମନରେ ଅସୁମାରୀ ପ୍ରଶ୍ନ, ସଂଶୟ ଆଦି ରହିଛି। ପୌରାଣିକ ରାଧା ହୋଇଛନ୍ତି ଆତ୍ମ ସଚେତନ, କୃଷ୍ଣଙ୍କ ପ୍ରତି ଭଲପାଇବାରେ ରହିଛି ନିର୍ବାକ୍ ବେଦନା, ଅପୂର୍ଣ୍ଣତା ଓ ଅସ୍ତିତ୍ୱ ଜିଜ୍ଞାସା। ରାଧା କେବଳ ପ୍ରେମିକା ନୁହଁନ୍ତି ଜଣେ ସାଧାରଣ ନାରୀର ସ୍ୱର। ଠିକ୍ ସେହିପରି କୃଷ୍ଣ ଆଉ ଦେବତା ହୋଇ ନ ରହି ବରଂ ଚିରନ୍ତନ ଆକାଂକ୍ଷାର ପ୍ରତୀକ। 'ଶ୍ରୀରାଧା' ମିଥ୍ କାବ୍ୟଟି ହେଉଛି ଆଧୁନିକ ମନୋବୃତ୍ତି ନାରୀ ଚେତନା ଓ ଅସ୍ତିତ୍ୱ ଜିଜ୍ଞାସାର ଅଭିବ୍ୟକ୍ତି ସମକାଳୀନ ସମାଜର ସୃଜନଶୀଳ ନୂତନ ବ୍ୟାଖ୍ୟା।

ସୀତାକାନ୍ତଙ୍କ କବିତାରେ ପୌରାଣିକ ଓ ଲୋକକଥା, ଲୋକମିଥ୍ ଆଧୁନିକ ଜୀବନବୋଧ ସହିତ ଏକାତ୍ମ ହୋଇଛି। ଆଧୁନିକ ମଣିଷର ଅସ୍ତିତ୍ୱ ସଙ୍କଟ, ନିର୍ଜନତା ଓ ଆତ୍ମସନ୍ଧାନକୁ ପୌରାଣିକ ଚରିତ୍ର ମାଧ୍ୟମରେ ପୁନଃସୃଷ୍ଟି କରିଛନ୍ତି। ପାରମ୍ପରିକ ମିଥ୍‌କୁ ନୂତନ ପଦ ପ୍ରଦାନ କରିବାରେ ସୀତାକାନ୍ତଙ୍କ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ତାଙ୍କ କବିତାଗୁଡ଼ିକରେ ଜୀବନର ସମସ୍ୟା ଓ ଅସ୍ତିତ୍ୱବାଦୀ ଚେତନାକୁ ମିଥ୍ ପ୍ରୟୋଗ ମାଧ୍ୟମରେ ଗଭୀର ପ୍ରତୀକାତ୍ମକ ଓ ଦାର୍ଶନିକ ଦୃଷ୍ଟିରେ ଆଧୁନିକ ଓଡ଼ିଆ କାବ୍ୟ ଧାରାରେ ସ୍ୱତନ୍ତ୍ର ଓ ମୌଳିକ ସ୍ଥାନକୁ ଉନ୍ନୀତ କରିପାରିଛନ୍ତି।

ହରପ୍ରସାଦ ଦାସଙ୍କ 'ବଂଶ' କେବଳ ମହାଭାରତର ପୌରାଣିକ ଆଶ୍ରୟ ନୁହେଁ। ଆଧୁନିକ ମାନବ ଅସ୍ତିତ୍ୱର ଗଭୀର ଚେତନାର ଅନୁସନ୍ଧାନ। 'ବଂଶ' ଶବ୍ଦଟି ପରିବାର କିମ୍ବା କୁଳର ଅର୍ଥରେ ନୁହେଁ। ମାନବ ସଭ୍ୟତାର ଉତ୍ସ, ସ୍ମୃତି ଓ ପାରମ୍ପରିକତାର ଏକ ସାଙ୍କେତିକ ମିଥ୍ ରୂପେ କାବ୍ୟରେ ବ୍ୟବହୃତ। ବଂଶ ହେଉଛି ରକ୍ତର ସ୍ମୃତି, ପୂର୍ବଜଙ୍କର ଅନୁଭବ, ଐତିହ୍ୟ ତଥା ମନୁଷ୍ୟର ମନୋବୃତ୍ତିର ଗୁପ୍ତଧାରା। ମିଥ୍ ଏଠାରେ କୌଣସି ଅଲୌକିକ କଥା ନୁହେଁ, ବରଂ ସାମୂହିକ ଚେତନାର ପ୍ରତୀକ।

ପ୍ରତିଭା ଶତପଥୀଙ୍କ କବିତାରେ ମିଥ୍ ପୌରାଣିକ ଗାଥା ନୁହେଁ, ସୀତା, ଦ୍ରୌପଦୀ, କୁନ୍ତି, ଶବରୀ ଚରିତ୍ରମାନେ ସାମ୍ପ୍ରତିକ କାଳର ନାରୀ ଅସ୍ତିତ୍ୱ, ମାନସିକ ଯନ୍ତ୍ରଣା ଓ ସାମାଜିକ ସଙ୍କଟର ପ୍ରତୀକ। ତାଙ୍କ କବିତାରେ ମିଥ୍ ଅତ୍ୟନ୍ତ ସୃଜନାତ୍ମକ ଓ ଚୈତନ୍ୟମୟ। ଭାଷା ସଂକ୍ଷିପ୍ତ, ସ୍ୱର୍ଶ ଓ ଅନ୍ତର୍ମୁଖୀ। ଏହି କାରଣରୁ ମିଥ୍ ମାଧ୍ୟମରେ ଅତୀତ ସହିତ ବର୍ତ୍ତମାନକୁ ସେତୁବନ୍ଧ ସଦୃଶ୍ୟ ଯୋଡ଼ା ଯାଇଛି।

ଉତ୍ତର ଆଧୁନିକ କବିତାରେ ମିଥ୍‌ର ପ୍ରୟୋଗ ଏକ ଗୁରୁତ୍ୱପୂର୍ଣ୍ଣ କବିତାତ୍ମକ ପ୍ରବୃତ୍ତି ଭାବେ ଦେଖାଯାଏ। ପୁରାଣ, ଇତିହାସ, ଲୋକକଥା, ବିଭିନ୍ନ ଘଟଣା ତଥା ଚରିତ୍ରମାନଙ୍କୁ ଆଧାର କରି ନୂତନ ମିଥ୍ ଓ ନୂତନ ଅର୍ଥ ସୃଷ୍ଟି ହୋଇଛି। ସାମାଜିକ, ଦାର୍ଶନିକ ଓ ମାନବୀୟ ପରିପ୍ରେକ୍ଷୀରେ ଜୀବନର ସତ୍ୟ ଓ ବାସ୍ତବତାକୁ ପ୍ରକାଶ କରିବାରେ ମିଥ୍ ଏକ ଶକ୍ତିଶାଳୀ କାବ୍ୟାଂଶ ରୂପେ ବ୍ୟବହାର ହେଉଛି। ପୁରାତନ ପରମ୍ପରାକୁ ଆଧୁନିକ ଚେତନା ସହିତ ସମନ୍ୱିତ ତଥା ଜୀବନର ପ୍ରତୀକ ରୂପେ ବ୍ୟବହୃତ। ଦ୍ରୌପଦୀ ପାଣ୍ଡବମାନଙ୍କ ପତ୍ନୀ କେବଳ ନୁହଁନ୍ତି, ବରଂ ସେ ଆଧୁନିକ ସମାଜରେ ନାରୀ ଅପମାନର ପ୍ରତୀକ। ପୁରାଣ ଓ ଇତିହାସ ମାଧ୍ୟମରେ ଜାତୀୟ ଓ ସାଂସ୍କୃତିକ ଚେତନାକୁ ସାମ୍ପ୍ରତିକ କବିତାରେ ଉଦ୍ଭାସିତ କରାଯାଉଛି। ଜୟନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ଓ ଇତିହାସର ଗଭୀର ପ୍ରୟୋଗ ଇତିହାସ ଓ ପୁରାଣ, ଅର୍ନ୍ତମୁଖୀଚିନ୍ତା ଓ ସାମାଜିକ ବାସ୍ତବତାର ଚିତ୍ରଣ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପ୍ରାଣତାର ଆତ୍ମିକ ପରିପ୍ରକାଶ ରହିଛି। ସୌଭାଗ୍ୟ କୁମାର ମିଶ୍ର ପୁରାଣ ଚରିତ୍ର ମାଧ୍ୟମରେ ଆଧୁନିକ ସମାଜର ଅସମାନତା ଓ ଦୁର୍ନୀତିକୁ ଦର୍ଶାଇଛନ୍ତି। ମିଥ୍ ବ୍ୟବହାରର ପ୍ରତୀକାତ୍ମତା, ସାଂସ୍କୃତିକ ଚେତନା ମିଥ୍ ପ୍ରୟୋଗ ଦ୍ୱାରା ଏକ ଗଭୀର ସୃଜନଶୀଳ ପ୍ରବୃତ୍ତି ଯାହା ଜୀବନ ତଥା ଜାତୀୟ ସମସ୍ୟା ଓ ଅନୁଭୂତି ସହିତ ଯୋଡ଼ି ନୂତନ କାବ୍ୟ ଆନ୍ଦୋଳନ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ଏକବିଂଶ ଶତାବ୍ଦୀର ମିଥ୍‌ଧର୍ମୀ କବିତାଗୁଡ଼ିକ ମଧ୍ୟରେ ଶରତ ପ୍ରଧାନଙ୍କ 'ଯଯାତି', ହୃଷିକେଶ ମଲ୍ଲିକଙ୍କ 'ବସୁଷେଣ', ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ପୂତନା', ସୌରୀନ୍ଦ୍ର ବାରିକଙ୍କ 'ଉପଭାରତ', 'ଅନୁଭାରତ', ଦିଲିପ ଦାସଙ୍କ 'ନୀଳମାଧବ', ଶତ୍ରୁଘ୍ନ ପାଣ୍ଡବଙ୍କ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ, 'ମିଶ୍ର ଧ୍ରୁପଦ', ଦେବଦାସ ଛୋଟରାୟଙ୍କ 'ରେବତୀ', ଫନୀ ମହାନ୍ତିଙ୍କ 'ପ୍ରିୟତମା' ପ୍ରଭୃତି କବିତା ସଙ୍କଳନଗୁଡ଼ିକରେ ମିଥ୍‌କୁ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ। ତେବେ ଆଧୁନିକ କବିତାରେ ମିଥ୍ ପ୍ରୟୋଗ ଓ ପ୍ରାସଙ୍ଗିକତାକୁ ଭିତ୍ତି କରି ଯେଉଁ କବିମାନେ ଓଡ଼ିଆ କବିତାର ଶ୍ରୀ ଓ ସମୃଦ୍ଧି ବିକାଶ କରିଛନ୍ତି ସେମାନେ ହେଲେ ସଚ୍ଚି ରାଉତରାୟ, ବେଣୁଧର ରାଉତ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର, କମଳାକାନ୍ତ ଲେଙ୍କା, ସରୋଜ ରଞ୍ଜନ ମହାନ୍ତି, ଦୀପକ ମିଶ୍ର, ମନମୋହନ ମିଶ୍ର, ଶ୍ରୀନିବାସ ଉଦ୍‌ଗୀତା, ମନୋରମା ମହାପାତ୍ର, ପ୍ରତିଭା ଶତପଥୀ, ବିଭୁଦତ୍ତ ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ଦେବଦାସ ଛୋଟରାୟ, ବସନ୍ତ ମୁଦୁଲି, ପ୍ରସନ୍ନ କୁମାର ମିଶ୍ର, ବିପିନ ନାୟକ ଏବଂ ସାମ୍ପ୍ରତିକ କାଳର ତରୁଣ ପିଢ଼ି କବିମାନଙ୍କ କବିତାରେ ମଧ୍ୟ ମିଥ୍ ପ୍ରୟୋଗର ପ୍ରବଣତା ଓ ନବ ମୂଲ୍ୟାୟନର ଦିଗ ନୂଆ ନୂଆ ସମ୍ଭାବନା ସୃଷ୍ଟି ପାରିପାରୁଛି।

ପୁରାଣ ଓ ଆଧୁନିକତାର ସମନ୍ୱୟ ଦ୍ୱାରା ମାନବ ଜୀବନର ଗଭୀର ସତ୍ୟକୁ ପ୍ରବେଶ କରିବା ପାଇଁ ମିଥ୍ ପ୍ରୟୋଗ ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଓ ସୃଜନଶୀଳ କବିତାତ୍ମକ ପ୍ରବୃତ୍ତି ଭାବେ ପରିଗଣିତ ହୋଇପାରୁଛି। ମିଥ୍ ପ୍ରୟୋଗ ଓଡ଼ିଆ କବିତାରେ ଗବେଷଣାର ଏକ ସମୃଦ୍ଧି କ୍ଷେତ୍ର ଭାବେ ଗ୍ରହଣୀୟ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

# ରାଜ୍ୟସଭା ନିର୍ବାଚନ

# ଭୋଟିଂ ପୂର୍ବରୁ ବିଧାନସଭାରେ ମକ୍-ପୋଲ୍



■ ସାମିଲ ହେଲେ ସବୁ ଦଳର ବିଧାୟକ
■ ବିଜେଡିର ଦଳୀୟ ଏଜେଣ୍ଟ ରହିବେ ପ୍ରତାପ ଦେବ

ଭୁବନେଶ୍ୱର,୧୪।୩(ସମିସ): ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଧାନସଭାରେ ହୋଇଛି ମକ୍‌ପୋଲିଂ। ସବୁ ଦଳର ବିଧାୟକମାନେ ଏହି ମକ୍ ପୋଲିଂରେ ସାମିଲ ହୋଇଛନ୍ତି। ବରିଷ୍ଠ ତଥା ଅଭିଜ୍ଞ ବିଧାୟକମାନେ ନିଜ ନିଜ ଦଳର ସଦସ୍ୟମାନଙ୍କୁ ଭୋଟ୍‌ଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ବିଧାନସଭା ସଚିବାଳୟ ପକ୍ଷରୁ ମଧ୍ୟ ବିଧାୟକମାନଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର କରାଯାଇଛି। ସକାଳେ ବିଜେଡି ବିଧାୟକମାନେ ବିଧାନସଭାରେ ପହଞ୍ଚି ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ନିଜେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ଏହି ସମୟରେ ଉପସ୍ଥିତ ରହିଥିଲେ। ନବୀନ ଉପସ୍ଥିତ ରହି ନିଜ ଦଳର ବିଧାୟକମାନଙ୍କ ମକପୋଲିଂ ପ୍ରକ୍ରିୟାର ନୀରିକ୍ଷଣ କରିଥବା ବେଳେ ବିଜେଡି ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ମଧ୍ୟ ଏଠାରେ ଉପସ୍ଥିତ ରହିଥିଲେ।

ଅନ୍ୟପଟେ ମଧ୍ୟାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ବିଧାୟକ ସାଗର ଦାସ ଓ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବିଧାନସଭାରେ ପହଞ୍ଚି ପ୍ରଶିକ୍ଷଣ ନେଇଛନ୍ତି। ସନ୍ଧ୍ୟାରେ ବିଜେପି ବିଧାୟକମାନେ ମଧ୍ୟ ମକ୍‌ପୋଲିଂରେ ସାମିଲ ହୋଇଛନ୍ତି। ଚଳିତ ଓଡ଼ିଶା ବିଧାନସଭାରେ ସବୁ ଦଳରୁ ବିଧାନସଭାରେ ୮୨ ଜଣ ଫାଷ୍ଟଟାଇମର ବିଧାୟକ ରହିଛନ୍ତି। ବିଜେପିରୁ ସର୍ବାଧିକ ୫୨ ଜଣ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହିତ ଶେଷ ଥର ପାଇଁ ଓଡ଼ିଶାରେ ୨୦୧୪ ମସିହାରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାରୁ ଏହି ଭୋଟ୍‌ଦାନ ପ୍ରକ୍ରିୟାକୁ ନେଇ ସବୁ ଦଳ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। କିପରି ବିଧାୟକମାନଙ୍କର ଭୋଟ୍ ନାକଚ ନ ହେବ ସେନେଇ ଅଭିଜ୍ଞ ବିଧାୟକମାନେ ତାଲିମ ଦେଉଛନ୍ତି।

ରାଜ୍ୟସଭା ନିର୍ବାଚନରେ 'ଓପନ ବାଲଟ' ପ୍ରକ୍ରିୟାରେ ଭୋଟିଂ ହେଉଥିବା ବେଳ୍ ପ୍ରଥମ ପସନ୍ଦ ଓ ଦ୍ୱିତୀୟ ପସନ୍ଦ ଭୋଟ୍‌କୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ରହିଥାଏ। ଏହାସହିତ ଭୋଟ୍ ଦାନ ପରେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇବା ପରେ ଭୋଟବାକ୍ସରେ ବାଲଟ ପକାଇବାକୁ ଥିବାରୁ ଏହା ମଧ୍ୟ ଗୁରୁତ୍ୱ ବହନ କରିଥାଏ। ତେଣୁ କିପରି ବିଧାୟକମାନେ ସନ୍ଦେହରେ ନପଡ଼ିବେ ତାହାର ମଧ୍ୟ ଦ୍ୱନ୍ଦ ଦୂର କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ପକ୍ଷରୁ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ୍ ବିଜେଡି ଏଜେଣ୍ଟ ଭାବେ ନିଯୁକ୍ତି ପାଇପାରନ୍ତି। ଏହାସହିତ କଂଗ୍ରେସ ପକ୍ଷରୁ ନିଜେ ପିସିସି ସଭାପତି ଭକ୍ତ ଚରଣ ଦାସ ଏଜେଣ୍ଟ ଭାବେ ସେଠାରେ ଉପସ୍ଥିତ ରହିବା ନେଇ ବିଚାର କରୁଥିବା ବେଳେ ବିଜେପି ପକ୍ଷରୁ ଏପର୍ଯ୍ୟନ୍ତ କାହାକୁ ଏଜେଣ୍ଟ କରାଯିବ ତାହା ସ୍ଥିର ହୋଇନାହିଁ।

## ରାଷ୍ଟ୍ରୀୟ କର୍ମଶାଳା ଉଦ୍‌ଯାପିତ

## ଭାରତର ସବୁ ଭାଷା ମଧ୍ୟରେ ଅଦୃଶ୍ୟ ଭାବଗତ ସଂଯୋଗ ରହିଛି

ପୁରୀ, ୧୪।୩ (ସମିସ): ଶ୍ରୀସଦାଶିବ ପରିସରସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶିକ୍ଷାଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ଭାରତୀୟ ଭାଷା ପରିବାର' ଗ୍ରନ୍ଥ ଆଧାରିତ ଦୁଇଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଭାରତୀୟ ଭାଷାଗୁଡ଼ିକର ସମନ୍ୱୟ, ସାଂସ୍କୃତିକ ଐକ୍ୟ ଏବଂ ଭାଷାଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

ଶୁକ୍ରବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପରିସରର ନିର୍ଦ୍ଦେଶକ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ର ଅଧ୍ୟକ୍ଷତା କରି କହିଥିଲେ ଯେ ଭାରତର ସମସ୍ତ ଭାଷା ମଧ୍ୟରେ ଏକ ଅଦୃଶ୍ୟ ଭାବଗତ ସଂଯୋଗ ରହିଛି ଏବଂ 'ଭାରତୀୟ ଭାଷା ପରିବାର' ଗ୍ରନ୍ଥ ଏହି ଏକତାକୁ ପ୍ରତିପାଦିତ କରେ। ମୁଖ୍ୟ ଅତିଥି ପ୍ରଫେସର୍ ଗୋପାଳକୃଷ୍ଣ ଦାଶ ଭାଷାଗୁଡ଼ିକର ଐତିହାସିକ ପୃଷ୍ଠଭୂମି ବର୍ଣ୍ଣନା କରିଥିଲେ। ଦୁଇ ଦିନ ଧରି ଚାଲିଥିବା ବିଭିନ୍ନ ବୈଷୟିକ ଅଧିବେଶନରେ ଜେଏନ୍‌ୟୁର ପ୍ରଫେସର୍ ଗିରୀଶନାଥ ଝା (ଅଫ୍‌ଲାଇନ୍), ପ୍ରଫେସର୍ ବରପ୍ରସାଦ କୋଲ୍ଲା ଏବଂ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ. ଜୀ. ସୂର୍ଯ୍ୟପ୍ରସାଦ (ଆଭାସୀ ମାଧ୍ୟମ) ଯୋଗଦେଇ ଆର୍ଯ୍ୟ-ଦ୍ରାବିଡ଼ ସମନ୍ୱୟ ଓ ଭାଷାଗୁଡ଼ିକର ସାଧାରଣ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ।

ଶନିବାର ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ କିଶୋର ଚନ୍ଦ୍ର ପାଢ଼ୀ ଯୋଗଦେଇ ଭାଷା ସଂରକ୍ଷଣ ଓ ଗବେଷଣାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ଭାରତୀର ଅଲ୍ ଇଣ୍ଡିଆ ୟୁନିଭର୍ସିଟି କୋ-ଅର୍ଡିନେଟର୍ ଡ. କେ. ଏନ୍ ପଦ୍ମକୁମାର ଉଦ୍‌ବୋଧନ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଜ୍ଞାନେଶୋପାଧ୍ୟାୟ ବୈଦିକ ମଙ୍ଗଳାଚରଣ କରିଥିବା ବେଳେ ପ୍ରଫେସର୍ ନିର୍ମଳା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ସୁଶାନ୍ତ କୁମାର ରାୟ କର୍ମଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପରିଶେଷରେ ବ୍ୟାକରଣ ବିଭାଗର ଡ. ଯତିରାଜ ବରାଳ ଧନ୍ୟବାଦ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବ୍ୟାକରଣ ବିଭାଗର ସହକାରୀ ଆଚାର୍ଯ୍ୟ ଡ. ଅମିତ କୁମାର ଉପାଧ୍ୟାୟ ସଫଳତାର ସହ ସଂଚାଳନ କରିଥିଲେ।

**VEHICLE FOR SALE**

BHARAT BENZ 5528 T, MODEL 2024, Regn. No -OD-09-AB-3016, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916 MOB -9437560891 within 7 days

**AFFIDAVIT**

By virtue of an affidavit **no.572** before the **Executive Magistrate, Umerkote on dtd. 09.03.2026.** I, **Namita Chakrabartti,** W/o Achinta Bala, Vill- DNK Umerkote, Po/Ps- Umerkote, Dist-Nabarangpur, Odisha, do hereby declare that I have changed my name from **Namita Chakrabartti to Namita Bala**. Henceforth, I shall be known and called as **Namita Bala** for all purposes.

**Sd/- Namita Bala**

**AFFIDAVIT**

By virtue of an Affidavit before Notary Public, Malkangiri, I **Smt. Sima Mandal,** aged about 22 Years, D/o: Bimal Sarkar, W/o: Late Ajit Mandal, resident of village: M.V-130, PO.: Ventkepalam, PS.: Kalimela, Dist.: Malkangiri, declare by this Affidavit No.: 209/26, Dated: 13.03.2026, that I have changed my name from Sima Sarkar to **Sima Mandal**. Henceforth I shall be known as **Sima Mandal** for all future purposes.

**AFFIDAVIT**

By virtue of an Affidavit Sworn in the Court of Executive Magistrate Khaira Balasore on 11.12.25.I HARIHAR SAHOO (40yrs), S/o- Mahendra Sahoo of Vill- Ratina, P.o.- Ratina, P.s.- Khaira, Dist.- Balasore, Odisha declare that my correct name is HARIHAR SAHOO which is recorded in Voter Identity Card but it is wrongly mentioned as HAREKRUSHNA SAHOO in my Aadhaar card, Ayushman card & Pan card. So, **HARIHAR SAHOO & HAREKRUSHNA SAHOO** is one and same person.

## ୟୁପିଏସ୍‌ସି ପରୀକ୍ଷାରେ ବାଜିରାଓ ଏକାଡେମୀର ସଫଳତା



**ଅମୃତ ମହାପାତ୍ର ଓଡ଼ିଶାର ୨ ନମ୍ବର ଟପ୍ପର**

ଭୁବନେଶ୍ୱର, ୧୪।୩(ସମିସ): ଦେଶର ସର୍ବୋଚ୍ଚ ପ୍ରଶାସନିକ ପଦବୀ ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଅନୁଷ୍ଠିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୫ରେ ବାଜିରାଓ ଆଇଏଏସ୍ ଏକାଡେମୀର ଛାତ୍ରଛାତ୍ରୀମାନେ ଗୌରବମୟ ସଫଳତା ଅର୍ଜନ କରିଛନ୍ତି। ଏକାଡେମୀର ଛାତ୍ର ଅମୃତ ମହାପାତ୍ର ସର୍ବଭାରତୀୟ ସ୍ତରରେ ୧୨୧ତମ ସ୍ଥାନ ଅଧିକାର କରିବା ସହ ଓଡ଼ିଶାର ଦ୍ୱିତୀୟ ଟପ୍ପର ହୋଇଛନ୍ତି। ଅମୃତଙ୍କ ଏହି ଐତିହାସିକ ସଫଳତା ବାଜିରାଓ ଆଇଏଏସ୍ ଏକାଡେମୀର ଶିକ୍ଷାଦାନ ପ୍ରଣାଳୀକୁ ପ୍ରମାଣିତ କରିଛି। ସେହିପରି ଏକାଡେମୀର ବିଭିନ୍ନ ପାଠ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଶିକ୍ଷାର୍ଥୀଙ୍କ ମଧ୍ୟରୁ ନିକିତା ବର୍ମା ୩୦ ସ୍ଥାନ ଅଧିକାର କରିଥିବା ବେଳେ ଗର୍ଭ ଗର୍ଗ ୧୯୨, ଅମନ କୁମାର ୬୦୩ ଓ ଶତୀଶ କୁମାର ୬୯୬ ସ୍ଥାନରେ ରହି କୃତୀତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପରେ ଏକାଡେମୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହାସହ ୨୦୨୬-୨୭ ବ୍ୟାଚ ପରୀକ୍ଷା ପାଇଁ ଫାଉଣ୍ଡେସନ୍ ସହ ଆଡଭାନ୍ସ ଲେଭୁଲ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଦିଲ୍ଲୀର ଅଭିଜ୍ଞ ଅଧ୍ୟାପକମାନେ ଶିକ୍ଷାଦାନ କରୁଥିବାବେଳେ ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍ ପାଠ୍ୟକ୍ରମ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ନିର୍ଦ୍ଦେଶକ ଦିଲ୍ଲୀପ କୁମାର କୃତୀ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇବା ସହ ଅତ୍ୟାଧୁନିକ ପ୍ରଣାଳୀରେ ଶିକ୍ଷାଦାନ ଜାରି ରହିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବାଜିରାଓ ଆଇଏସ୍ ଏକାଡେମୀ ପ୍ରଶାସନିକ ପରୀକ୍ଷା ପାଇଁ ସର୍ବୋତ୍କୃଷ୍ଟ ପାଠ୍ୟକ୍ରମ ଓ ଅଭିଜ୍ଞ ଶିକ୍ଷକଙ୍କ ପରାମର୍ଶରେ ଛାତ୍ରଛାତ୍ରୀଙ୍କୁ ସଫଳତା ଦିଗରେ ମାର୍ଗଦର୍ଶନ କରୁଛି। ଆଗାମୀ ଦିନରେ ଓଡ଼ିଶାର ଅଧିକ ଛାତ୍ରଛାତ୍ରୀ ସିଭିଲ ସର୍ଭିସ୍‌ରେ ସଫଳତା ଅର୍ଜନ କରିବେ ବୋଲି ଆଶା ବ୍ୟକ୍ତ କରିବା ସହ ସ୍ମାର୍ଟ ଶିକ୍ଷାଦାନକୁ ଗୁରୁତ୍ୱାରୋପ କରାଯାଉଛି।

## ଏଆଇଟିୟୁସିର ୨ଦିନିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ

## ଶ୍ରମ କୋଡ୍, ବାଣିଜ୍ୟ ଚୁକ୍ତି ଓ ଯୁଦ୍ଧରେ ଭାରତର ଭୂମିକା ନେଇ ଆଲୋଚନା ଅବ୍ୟାହତ




ଭୁବନେଶ୍ୱର,୧୪।୩(ସମିସ): ଦେଶର ସର୍ବ ପ୍ରଥମ ସର୍ବଭାରତୀୟ ଟ୍ରେଡ ୟୁନିୟନ ଏଆଇଟିୟୁସିର ୨ ଦିନିଆ ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଭୁବନେଶ୍ୱର ୟୁନିଟ୍ -୯ ସ୍ଥିତ ରୋଟାରୀ ଭବନରେ ଆରମ୍ଭ ହୋଇଛି। ଏଆଇଟିୟୁସି ସଭାପତି ରମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ସାଧାରଣ ସମ୍ପାଦକ ଅମରଜିତ୍ କାଉର ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତା ପୂର୍ବରୁ ଓ ପରେ ଦେଶରେ ପ୍ରଣିତ ୪୪ଟି ଶ୍ରମ ଆଇନ ଥିଲା। ଏଥିରୁ ୧୫ଟି ଶ୍ରମ ଆଇନକୁ ସ୍ଥାୟୀ ଭାବେ ରଦ୍ଦ କରାଯାଇଛି। ୨୯ଟି ଶ୍ରମ ଆଇନକୁ ଶ୍ରମିକ ସ୍ୱାର୍ଥ ବିରୋଧରେ ଶ୍ରମ ଶୋଷଣକାରୀ ଶିଳ୍ପପତି, ବ୍ୟବସାୟୀଙ୍କ ସ୍ୱାର୍ଥରେ ପ୍ରଣୟନ କରାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଣୁ ଶ୍ରମ କୋଡ୍ ରଦ୍ଦ କରିବା ପାଇଁ ୧ ଏପ୍ରିଲରେ ଦେଶବ୍ୟାପୀ ଓ ଓଡ଼ିଶା ଗଠନ ଦିବସ ହେତୁ ଓଡ଼ିଶାରେ ୨ ଏପ୍ରିଲ ରେ ଦେଶବ୍ୟାପୀ ଶ୍ରମିକ ଆନ୍ଦୋଳନର ଆହ୍ୱାନ ଦିଆଯାଇଛି। ଆମେରିକା - ଭାରତ, ୟୁରୋପୀୟ ୟୁନିୟନ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି ଦେଶର କୃଷି ଓ ଶିଳ୍ପ ବାଣିଜ୍ୟକୁ ଧ୍ୱଂସ କରିବ, ଆମେରିକା - ଭାରତ ଚୁକ୍ତିର ସର୍ତ୍ତାବଳୀ ଦେଶବାସୀଙ୍କୁ ନ ଜଣାଇ ଦେଶର ଅର୍ଥନୈତିକ ଓ ରାଜନୈତିକ ସାର୍ବଭୌମତ୍ୱକୁ ଜଳାଞ୍ଜଳି ଦିଆଯାଇଛି ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଯୁଦ୍ଧର ଆଳ ଦେଖାଇ ଭାରତ ସରକାର ସମସ୍ତ ସାମଗ୍ରୀର କଳାବଜାରୀଙ୍କୁ ପ୍ରୋତ୍ସାହନ ଦେଇ ଦେଶର ଜନଗଣଙ୍କୁ ଲୁଣ୍ଠନ କରୁଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି।

ବୈଠକରେ ସର୍ବଭାରତୀୟ ଉପସଭାପତି ବିଦ୍ୟା ସାଗର ଗିରି, ରମେନ ଦାସ, ହରିଦ୍ୱାର ସିଂହ, ଜାତୀୟ ସମ୍ପାଦକ ରାମ କୃଷ୍ଣ ପଣ୍ଡା, ମହମ୍ମଦ ୟୁସୁଫ, ସୁକୁମାର ଭି ଦାମଲେ, ନିର୍ମଳ ସିଂହ ଧଲିୱାଲ, ସି. ଶ୍ରୀକୁମାର, ସିଜେ ଜୋସେଫ୍, ଉଷା ସାହାଣୀ, ଲିନା ଚାଟାର୍ଜି, ହରିଓମ ଶର୍ମା, ଅନିଲ ପାୱାର ଏନ୍‌ଏଫଟିଇର ପି. ସୁରେଶ, ଏଆଇଡିଇଏଫ୍‌ର ରାଜେନ୍ଦ୍ର ଝା, କୋଲ୍ ଫେଡେରେସନର ଲକ୍ଷ୍ମଣ ମାହାତୋ, ମିନାକ୍ଷୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଶା-ଆଶଙ୍କାରେ...

ପ୍ରକ୍ରିୟା ଏବଂ ସାମ୍ବିଧାନିକ ବିଧିବ୍ୟବସ୍ଥାର ଘୋର ବିରୋଧ କରୁଛି ବୋଲି ଡଃ ସାହୁ କହିଛନ୍ତି। ସେହିପରି ଡଃ ବ୍ୟୋମକେଶ ରାୟ ଏହି ଘୋଡ଼ା ବେପାରରେ ମୁଖ୍ୟମନ୍ତ୍ରୀଙ୍କୁ ଯୋଡ଼ିଛନ୍ତି। ସେ କହିଛନ୍ତି, ଦୁଃଖର କଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଘୋଡ଼ା ବେପାରରେ ସଂଶ୍ଳିଷ୍ଟ। ସେ ନିଜେ ବିଧାୟକମାନଙ୍କୁ ବାରି ବାରି କରି ଫୋନ୍ କରି ନିଜ ଘରେ ଅର୍ଥାତ୍ ସରକାରୀ ବାସଭବନରେ ଡିଲ୍ କରୁଛନ୍ତି। ଓଡ଼ିଶା ପାଇଁ ଏହା ଏକ ଲଜ୍ଜାର ବିଷୟ। ତାଙ୍କ ପାଖରେ ୨୨ଟି ଭୋଟ୍ ଥିବା ବେଳେ ଆମ ନିକଟରେ ୩୫ଟି ଭୋଟ୍ ଅଛି। ଏହା ସତ୍ତ୍ୱେ ସେମାନେ ଘୋଡ଼ା ବେପାର କରି ଜିତିବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପଟେ ଓଡ଼ିଶାବାସୀ ଓ ବିଜେଡି କର୍ମୀମାନେ ସଚେତନ ଅଛନ୍ତି। ଯେଉଁ ବିଧାୟକମାନେ ଘୋଡ଼ା ବେପାରେ ସାମିଲ ହେବେ ସେମାନଙ୍କୁ ନିଜ ଅଞ୍ଚଳରେ କର୍ମୀମାନେ ପୁରାଇ ଦେବେ ନାହିଁ। ତେଣୁ ସମ୍ପୃକ୍ତ ବିଧାୟକମାନଙ୍କ ରାଜନୈତିକ କ୍ୟାରିୟର ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ରହୁଛି। ଏ ଦୃଷ୍ଟିରୁ ବିଜେଡି ପ୍ରାର୍ଥୀ ଓ ମିଳିତ ପ୍ରାର୍ଥୀଙ୍କର ବିଜୟ ସୁନିଶ୍ଚିତ ବୋଲି ଡଃ ରାୟ କହିଛନ୍ତି।

### ବିଜେପି କରୁଛି...

ଅପରାଧ ସଦୃଶ ବୋଲି ବିଜେଡି ସୁପ୍ରିମ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।

ଶନିବାର ବିଧାନସଭା ପରିସରରରେ ଆୟୋଜିତ ହୋଇଥିବା ମକ୍‌ପୋଲିଂରେ ସାମିଲ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ନବୀନ କହିଛନ୍ତି 'ଆମ ଦଳର ବିଧାୟକମାନଙ୍କ ସହ ରାଜ୍ୟସଭା ନିର୍ବାଚନରେ ଭୋଟିଂ ପ୍ରକ୍ରିୟାକୁ ନେଇ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ତେବେ ବିଜେପି ଦ୍ୱାରା ବର୍ତ୍ତମାନ 'ଘୋଡ଼ା ବେପାର' ଚାଲିଛି ବୋଲି ନବୀନ କହିଛନ୍ତି।

### ଚାକିରି ଛାଡ଼ି...

ରହୁଥିବା ଭାରତୀୟଙ୍କ ଯୋଗଦାନ ସର୍ବାଧିକ ୨୭.୭ ପ୍ରତିଶତ ଥିଲା। ସେହିପରି ୧୯.୨ ପ୍ରତିଶତ ସହ ୟୁଏଇ ଦ୍ୱିତୀୟ ସ୍ଥାନରେ ରହିଛି। ସାଉଦି ଆରବରୁ ୬.୭ ପ୍ରତିଶତ ଅର୍ଥ ମଧ୍ୟ ଆସୁଛି। ଏହା ପଛକୁ କାତାର, କୁଏତ, ଓମାନ ଆଦି ଉପସାଗରୀୟ ଦେଶ ରହିଛନ୍ତି। ଏହି ସବୁ ଦେଶରେ ରହୁଥିବା ଭାରତୀୟମାନେ କେବଳ ଅର୍ଥ ପଠାଉନାହାନ୍ତି; ବରଂ ଭାରତୀୟ ମୁଦ୍ରାକୁ ଦୃଢ଼ କରିବାରେ ସହାୟକ ହେଉଛନ୍ତି। ନିଜ ପରିବାରର ଆୟକୁ ମଜବୁତ କରି ଦେଶର ଅର୍ଥନୀତିକୁ ବଳ ଯୋଗାଉଛନ୍ତି। ମାତ୍ର ଇରାନ ଯୁଦ୍ଧ ପାଇଁ ଉପସାଗରୀୟ ଦେଶରେ ରହୁଥିବା ଭାରତୀୟ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି। କେରଳ, ବିହାର, ପଶ୍ଚିମବଙ୍ଗ, ମହାରାଷ୍ଟ୍ରରୁ ଅଧିକାଂଶ ଲୋକ କର୍ମସଂସ୍ଥାନ ପାଇଁ ଏହି ଦେଶଗୁଡ଼ିକୁ ଯାଇଥାନ୍ତି। କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକଙ୍କଠାରୁ ନେଇ ଡାକ୍ତର, ନର୍ସ ଆଦି ଅନେକ ଏହି ସବୁ ଦେଶରେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ପାଇଁ ଟଙ୍କା ମୂଲ୍ୟ ମଧ୍ୟ ମଜବୁତ ହେଉଛି। ଯୁଦ୍ଧର ଏଭଳି ଭୟାବହ ସ୍ଥିତି ଦେଖି ଉପସାଗରୀୟ ଦେଶରୁ ଭାରତୀୟ ଫେରିବାରେ ଲାଗିଛନ୍ତି। ସାଉଦି ଆରବ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), କାତାର, କୁଏତ ଆଦିରେ ଇରାନ ଆକ୍ରମଣ ଯୋଗୁଁ ଚାକିରି ଛାଡ଼ି ଭାରତକୁ ଫେରୁଛନ୍ତି। କାତାର, ୟୁଏଇ ଆଦିର କମ୍ପାନୀରେ କାର୍ଯ୍ୟ କରୁଥିବା ଭାରତୀୟ ସ୍ୱଦେଶ ଫେରିବାକୁ ନୂଆ ଚାକିରି ଖୋଜିବା ଆରମ୍ଭ କରିଦେଇଛନ୍ତି। ଏହି ସଂଖ୍ୟାର କ୍ରମାଗତ ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଏହା ଭାରତୀୟ ଅର୍ଥ ନୀତି ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଯଦି ଶୀଘ୍ର ସ୍ଥିତି ନ ସୁଧୁରେ, ତେବେ ଆଗାମୀ ଦିନରେ ଭାରତୀୟ ଅର୍ଥବ୍ୟବସ୍ଥା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି।

ୟୁଏଇ, ବାହାରିନ, କାତାର ଆଦି ଦେଶରେ ଅନେକ ଭାରତୀୟ ରିୟଲ ଇଷ୍ଟେଟ, ଅଳଙ୍କାର, ଇଲେକ୍‌ଟ୍ରୋନିକ କାରବାରରେ ସମ୍ପୃକ୍ତ ଅଛନ୍ତି। ଯୁଦ୍ଧ ପାଇଁ ଏହି ସବୁ କ୍ଷେତ୍ର ମାନ୍ଦା ପଡ଼ି ଯାଇଛି। ନିବେଶକଙ୍କ ମନରେ ଛନକା ପଶି ଯାଇଛି। ୟୁଏଇର ୭ ରାଜ୍ୟକୁ ଭାରତୀୟଙ୍କ କାରବାର ବ୍ୟାପିଛି। ମାତ୍ର ଇରାନ ଆକ୍ରମଣ ଯୋଗୁଁ ଏହି ସବୁ ଠପ ହୋଇଯାଇଛି। ସମସ୍ତେ ଜୀବନ ବଞ୍ଚାଇ ଦେଶକୁ ଆସିବାକୁ ଚାହୁଁଛନ୍ତି। ଯୁଦ୍ଧ ବନ୍ଦ ହେବାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ଭୟର ବାତାବରଣ ଲାଗି ରହିଛି। ଅନ୍ୟପକ୍ଷରେ ହର୍ମୁଜ ପ୍ରଣାଳୀ ଦେଇ ପଣ୍ୟବାହୀ ଜାହାଜ ଆସି ପାରୁ ନ ଥିବାରୁ ଦେଶରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଛି। ଅନେକ ରାଜ୍ୟରେ ପେଟ୍ରୋଲ, ଡିଜେଲ ବି ମିଳୁନାହିଁ। ଏହା ବେଡ଼ି ଉପରେ କୋରଡ଼ା ମାଡ଼ ହୋଇଛି। ତେଣେ ଉପସାଗରୀୟ ଦେଶରେ ଇରାନର ପ୍ରଚଣ୍ଡ ଆକ୍ରମଣକୁ ଦେଖି ଭାରତୀୟ ଆତଙ୍କିତ ହୋଇ ପଡ଼ିଛନ୍ତି। ଇରାନରେ ଫସିଥିବା ନାଗରିକ ସ୍ଥଳପଥ ଦେଇ ଆର୍ମେନିଆ ଫେରୁଛନ୍ତି। ଏ ପର୍ଯ୍ୟନ୍ତ ଯୁଦ୍ଧରେ ୫ ଭାରତୀୟ ନାଗରିକ ପ୍ରାଣ ହରାଇଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ୧୫ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି।

### ଉତ୍କଟ ହେଉଛି...

ହୋଇଥିବା ଦୁଇ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶ ଫରୁଖାବାଦର ୭୬ ବର୍ଷୀୟ ମହମ୍ମଦ ମୁଖତିଆର ଏବଂ ପଞ୍ଜାବ ବରନାଲା ଅନ୍ତର୍ଗତ ସେହନା ଗ୍ରାମର ଭୂଷଣ କୁମାର ମିତ୍ତଲ (୬୬) ଦୀର୍ଘ ସମୟ ପର୍ଯ୍ୟନ୍ତ ଗ୍ୟାସ ନେବାକୁ ଅପେକ୍ଷା କରି ରହିଥିଲେ। ଛିଡ଼ା ହୋଇଥିବା ସମୟରେ ଉଭୟେ ଟଳି ପଡ଼ିଥିଲେ। ମେଡିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟେ ହୃଦ୍‌ଘାତରେ ପ୍ରାଣ ହରାଇ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ସରକାର ୫ ଦିନ ପରେ କମର୍ସିଆଲ୍ (ବ୍ୟାବସାୟିକ) ଏଲପିଜି ସିଲିଣ୍ଡର ଉପରୁ କଟକଣା ହଟାଇ ଦେଇଛନ୍ତି। ଦେଶର ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କମର୍ସିଆଲ୍ ସିଲିଣ୍ଡର ବଣ୍ଟନ ଆରମ୍ଭ କରାଯାଇଛି ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସରକାର ଗତ ୯ ତାରିଖରେ କମର୍ସିଆଲ୍ ସିଲିଣ୍ଡର ଯୋଗାଣ ଉପରେ ରୋକ୍ ଲଗାଇଥିଲେ। ଏହାରି ମଧ୍ୟରେ ସିଲିଣ୍ଡରର କଳାବଜାରୀ ଏବଂ ବେଆଇନ ମହଜୁଦ ରୋକିବା ପାଇଁ ସାରା ଦେଶରେ ଚଢ଼ାଉ ଜୋରଦାର କରାଯାଇଛି। ଘରୋଇ ଗ୍ରାହକମାନେ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ସରକାର କହିଛନ୍ତି। ଭୟରେ ବୁକିଂ ନ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ, ବର୍ତ୍ତମାନ ଦିଲ୍ଲୀ-ଏନ୍‌ସିଆରରେ ଶିଳ୍ପ, ହୋଟେଲ, ରେସ୍ତୋରାଁ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ମାସେ ପାଇଁ ପ୍ରାକୃତିକ ଗ୍ୟାସ ବଦଳରେ ଆବର୍ଜନାରୁ ପ୍ରସ୍ତୁତ ପେଲେଟ୍ସ, ବିଶେଷ କରି ରିଫ୍ୟୁଜ୍ ଡିରାଇଭଡ୍ ଫ୍ୟୁଏଲ୍ (ଆରଡିଏଫ) ପେଲେଟ୍ସର ଅସ୍ଥାୟୀ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି।

ବିହାରରେ ଗ୍ୟାସ୍ ସିଲିଣ୍ଡରର ଅଭାବ ଯୋଗୁଁ କାଠ ଓ କୋଇଲାର ଚାହିଦା ବଢ଼ିଯାଇଛି। ରାଜସ୍ଥାନରେ ହୋଟେଲଗୁଡ଼ିକ କାଠ ଚୁଲିରେ ରୋଷେଇ କରୁଛନ୍ତି। ଅନେକ ସ୍ଥାନରେ ୨ ହଜାର ଟଙ୍କାର କମର୍ସିଆଲ୍ ସିଲିଣ୍ଡର ୪ ହଜାର ଟଙ୍କାରେ ବିକ୍ରି ହେଉଛି। ଏହା ସହିତ ସିଲିଣ୍ଡର ଜବତ କରିବା ପାଇଁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାକୁ ରୋକିବା ପାଇଁ ସରକାର ମଧ୍ୟପ୍ରଦେଶ-ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁର ଗୋଦାମଗୁଡ଼ିକରେ ଚଢ଼ାଉ କରୁଛନ୍ତି।

### ୪୧% ବଢ଼ିଲାଣି...

ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୩ ଡଲାର ଥିଲା। ଶନିବାର ଏହା ୧୦୩ ଡଲାରରେ ପହଞ୍ଚି ଯାଇଛି। ମାତ୍ର ୧୫ ଦିନରେ ବ୍ୟାରେଲ ପିଛା ମୂଲ୍ୟ ୩୦ ଡଲାର ଅର୍ଥାତ ୪୧.୧ ପ୍ରତିଶତ ବୃଦ୍ଧି ପାଇଲାଣି। ଯୁଦ୍ଧ ବନ୍ଦ ନ ହେଲେ ଆଗାମୀ ଦିନରେ ନ ସ୍ଥିତି ଆହୁରି ଭୟଙ୍କର ହେବ। ଅଶୋଧିତ ତୈଳ ମୂଲ୍ୟ ୨୦୦ ଡଲାରରେ ପହଞ୍ଚିଯିବ ବୋଲି ଇରାନ ଚେତାବନୀ ଦେଇଛି। ସେହିପରି ଖୁବଶୀଘ୍ର ଏହା ୧୫୦ ଡଲାର ଛୁଇଁପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନାର ପ୍ରଭାବ ଆଗାମୀ ଦିନରେ ବିଶ୍ୱ ବଜାର ଉପରେ ସ୍ପଷ୍ଟ ଭାବେ ପ୍ରତୀତ ହେବ। ଆଗାମୀ ସପ୍ତାହ ଅତ୍ୟନ୍ତ ଅସ୍ଥିର ରହିପାରେ, କାରଣ ନିବେଶକମାନଙ୍କ ନଜର ସମ୍ପୂର୍ଣ୍ଣ ଭାବେ ଏହି ସଂଘର୍ଷ ସହ ଜଡ଼ିତ ଘଟଣାକ୍ରମ ଉପରେ ରହିଛି। ହର୍ମୁଜ ଷ୍ଟ୍ରେଟ ଉପରେ ବିଶେଷ ଧ୍ୟାନ ରହିବ, କାରଣ ଏହା ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣ ମାର୍ଗ। ଯଦି ହର୍ମୁଜ ପ୍ରଣାଳୀ ଦେଇ ତୈଳ ଏବଂ ଗ୍ୟାସ ଚଳାଚଳ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୁଏ, ତେବେ ଏହା ବିଶ୍ୱ ତୈଳ ଯୋଗାଣକୁ ଆହୁରି କଠିନ କରିପାରେ। ଏହାର ପ୍ରଭାବ ଏସିଆରେ ମୁଦ୍ରାସ୍ଫୀତି ବଢ଼ିବ। ବିଶ୍ୱ ବଜାରରେ ଅନିଶ୍ଚିତତା ଲାଗି ରହିବ।

### ୬ ମାସ ପରେ...

ଅଂଶୀଦାରଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏହା ଏକ ପଦକ୍ଷେପ। ମନ୍ତ୍ରଣାଳୟ ଦର୍ଶାଇଛି ଯେ ୱାଙ୍ଗଚୁକ୍ ତାଙ୍କ ଅଟକ ସମୟର ପ୍ରାୟ ଅଧା ଭାଗ ସମୟ ଅତିବାହିତ କରିସାରିଛନ୍ତି। ସରକାର ଲଦାଖରେ ଶାନ୍ତି, ସ୍ଥିରତା, ପାରସ୍ପରିକ ବିଶ୍ୱାସର ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ। ଏହି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଏବଂ ସବୁ ଦିଗକୁ ବିଚାର କରି, ସରକାର ତୁରନ୍ତ ୱାଙ୍ଗଚୁକଙ୍କ ଅଟକାଦେଶକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଆହୁରି ମଧ୍ୟ କହିଛନ୍ତି ଯେ, ଲଦାଖରେ ବାରମ୍ବାର ହେଉଥିବା ବନ୍ଦ ଓ ବିକ୍ଷୋଭ ପ୍ରଦର୍ଶନ ସେଠାକାର ଶାନ୍ତିପ୍ରିୟ ଜନଜୀବନ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟନ ଶିଳ୍ପ ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ସରକାର ଆଶା ପ୍ରକାଶ କରିଛନ୍ତି ଯେ ଏହି ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ଆଲୋଚନା ମାଧ୍ୟମରେ ହେବ।

ଉଲ୍ଲେଖଥାଉ କି ଗତ ବର୍ଷ ସେପ୍ଟେମ୍ବର ୨୬ରେ ୱାଙ୍ଗଚୁକ୍‌ଙ୍କୁ ଅଟକ ରଖାଯାଇଥିଲା। ଏହାର ଦୁଇଦିନ ପୂର୍ବରୁ ଲଦାଖର ରାଜ୍ୟ ପାହ୍ୟା ଓ ସାମ୍ବିଧାନିକ ସୁରକ୍ଷା ଦାବିରେ ହୋଇଥିବା ବିକ୍ଷୋଭ ହିଂସା ରୂପ ନେଇଥିଲା। ଏଥିରେ ୪ଜଣ ଲୋକ ମୃତ୍ୟୁ କରିଥିଲେ ଓ ୫୦ ଜଣ ଆହତ ହୋଇଥିଲେ। ପରେ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

**ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା** 13001/641/2526

ବିଜ୍ଞପ୍ତି ନଂ: ୪୨୨ / ତାରିଖ: ୧୦.୦୩.୨୦୨୬

| କ୍ର.ସଂ | ଟେଣ୍ଡର ବିବରଣୀ | |
|---|---|---|
| 1 | ଟେଣ୍ଡର ଆହ୍ୱାନ ଅଧିକାରୀ | ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ତରଭା |
| 2 | ଟେଣ୍ଡର ପ୍ରକାର | ବିଜ୍ଞାପିତ ଅଂଚଳ ପରିଷଦ, ତରଭା ଅଧିନସ୍ଥ ସୈରାତଗୁଡ଼ିକର ଠିକା |
| 3 | କେଉଁ ବର୍ଷ ପାଇଁ | ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ |
| 4 | କେଉଁ ମାନେ ଭାଗ ନେଇପାରିବେ | କେବଳ ବିଜ୍ଞାପିତ ଅଂଚଳ ପରିଷଦ, ତରଭାର ବାସିନ୍ଦା |
| 5 | ସୈରାତ ଗୁଡ଼ିକର ନାମ | ୧. ସାପ୍ତାହିକ ପଶୁ ବଜାର ୨. ସାପ୍ତାହିକ ପରିବା ବଜାର ୩. ଉଠା ଦୋକାନୀଙ୍କଠାରୁ ଦୈନିକ ମାସୁଲ ଆଦାୟ |
| 6 | ସଂପୂର୍ଣ୍ଣ ବିଜ୍ଞପ୍ତି ମିଳିବା ସ୍ଥାନ | ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା |
| 7 | ଆବେଦନ କରିବାର ଶେଷ ତାରିଖ | ୨୪.୦୩.୨୦୨୬ ଅପରାହ୍ନ ଘ୪.୦୦ ଟିକା |
| 8 | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ | ୨୫୪.୦୩.୨୦୨୬ ପୂର୍ବାହ୍ନ ଘ୧୧.୩୦ ଟିକା |

ସବିଶେଷ ବିବରଣୀ ପାଇଁ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ, ତରଭା ସହିତ ଯୋଗାଯୋଗ କରନ୍ତୁ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ତରଭା

OIPR-13001/13199/1/25-26/0038

**GOVERNMENT OF ODISHA** 34001/194/2526
**WORKS DEPARTMENT**
**OFFICE OF THE SUPERINTENDING ENGINEER, BALLIGUDA (R&B) DIVISION BALLIGUDA**
TELEPHONE & Fax 06846-243242, E-mail- cepwd.balliguda@gmail.com
**e-procurement notice**
**Bid Identification No. S.E. BLG-15/2025-26 Dated:-11.03.2026**

| Sl. No | Name of the Work | Buildings Works as per **DTCN** available in the website www.tendersodisha.gov.in |
|---|---|---|
| 1 | Estimated Cost | **Rs. 66.72 lakhs** |
| 2 | No. of Works | **1(One) Only** |
| 3 | Period & time of completion | **06(Six) Month** |
| 4 | Date & time of availability of the bid document in the portal | **18.03.2026 to 01.04.2026 (up to 5.00 PM) for Online Bidding** |
| 5 | Last date/Time for receipt of bids in the portal | **Up to 5.00 PM of 01.04.2026** |
| 6 | Date & Time of bid opening | **11.30 hours on Dated. 02.04.2026** |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist:-Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in.
Corrigendum if any. shall only be published in the above website.

**Superintending Engineer**
**Balliguda (R&B) Division**

OIPR-34001/34162/1/25-26/0002

**OFFICE OF THE MUNICIPAL COUNCIL: RAYAGADA**
DIST – RAYAGADA
PIN CODE – 765001, ODISHA
E-mail ID – raygadam.hud@od.gov.in
Web – www.rayagadamunicipality.in
Phone – 06856-235052
13001/654/2526

**Letter No.:** 1110 **Date:** 12/03/2026

**"e" – TENDER NOTICE**
**Bid Identification No.: RGDA-MUN-09/2025-26**

Bid documents consisting of **02 (Two) nos of Civil Works** in double cover system with their Tendered amount (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., **http://tendersodisha.gov.in**).

| Sl. No | Particulars | Details |
|---|---|---|
| 1 | Name of the Work | Civil Works as mentioned in the website |
| 2 | No. of the Work | 2 (Two) Nos |
| 3 | Estimated Costs | As mentioned in the DTCN |
| 4 | Period of Completion | As mentioned against the work in the NIT / DTCN |
| 5 | Date & Time of Availability of Bid Documents on the Portal | From Dated **16.03.2026, 12:00 Noon** to **30.03.2026, 05:30 P.M** |
| 6 | Bids received online to be opened on | **31.03.2026, 11:30 A.M** |
| 7 | Name and Address of the Officer inviting the Bid | **The Executive Officer, Rayagada Municipality, Rayagada** |

Further details can be seen from the Procurement Portal: http://tendersorissa.gov.in

**Executive Officer**
Rayagada Municipality

OIPR-13001/13150/1/25-26/0004

**ଆସିଗଲା ଖରାଦିନ** | **ପାଣି ପାଇଁ ଡହଳବିକଳ ହେବେ ଲୋକେ**

# ରାଇରଙ୍ଗପୁରରେ ନାହିଁ ପର୍ଯ୍ୟାପ୍ତ ପରିମାଣର ଅମୃତଧାରା

ରାଇରଙ୍ଗପୁର, ୧୪।୩ (ସମିସ): ମାର୍ଚ୍ଚ ପହିଲାରୁ ରାଇରଙ୍ଗପୁର ତାପମାତ୍ରା ୩୬ ଡିଗ୍ରୀ ପାର କଲାଣି। ଖରାଦିନ ଭଳି ତାତି ଅନୁଭୂତ ଆରମ୍ଭ ହେବା ସହ ଜଳ ସଙ୍କଟ ମଧ୍ୟ ଦେଖାଦେଲାଣି। ତେବେ ରାଇରଙ୍ଗପୁର ସହରରେ ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ (ଅମୃତଧାରା) ର ଅଭାବ ପରିଲକ୍ଷିତ ହୋଇଛି। ୩/୪ଟି ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ (ଅମୃତଧାରା) ଥିବାବେଳେ ତାହା ମଧ୍ୟ କିଛି ମାତ୍ରାରେ ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି। ଅଂଶୁଘାତରୁ ସୁରକ୍ଷିତ ରଖିବା ପାଇଁ ପଥଚାରୀଙ୍କୁ ବିଶୁଦ୍ଧ ଶୀତଳ ପାନୀୟଜଳ ଯୋଗାଇବା ଉଦ୍ଦେଶ୍ୟ ରଖି ପୌରପାଳିକା ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏଗୁଡ଼ିକ କରାଯାଇଥାଏ। କିନ୍ତୁ ରାଇରଙ୍ଗପୁର ସହରର ବର୍ଦ୍ଧିତ ଜନସଂଖ୍ୟା ଅନୁଯାୟୀ ଏହାର ଅଭାବ ପରିଲକ୍ଷିତ ହେଉଛି।

ଗ୍ରୀଷ୍ମ ଅନୁଭବ ହେବା ସହ ପାରଦ ଉପର ମୁହାଁ ହେଉଛି। ଝାଞ୍ଜି ଗରମ ସାଙ୍ଗକୁ ଗୁଳୁଗୁଳି ମଧ୍ୟ ଅନୁଭୂତ ହେଲାଣି। ମାର୍ଚ୍ଚ ପହିଲାରୁ ତାପମାତ୍ରା ବୃଦ୍ଧି ପାଇଥିବାବେଳେ ତାହା ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମାର୍ଚ୍ଚରୁ ଆରମ୍ଭରୁ ଏପରି ମୁଣ୍ଡା ଫଟା




ଖରା ହେଉଥିବାବେଳେ ଜୁନ ମାସ ପର୍ଯ୍ୟନ୍ତ ନିସ୍ତାର ନାହିଁ ବୋଲି ପାଣିପାଗ ବିଭାଗ କହିଛି। ଯାହାକୁ ନେଇ ଲୋକେ ଚିନ୍ତିତ ହୋଇଛନ୍ତି। ରାଜ୍ୟର ସବୁଠୁ ଉତ୍ତପ୍ତ ସହର ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ସହର ପୂର୍ବରୁ ସ୍ଥାନ ପାଇସାରିଛନ୍ତି। ଗ୍ରୀଷ୍ମ ଅନୁଭୂତି ଲୋକଙ୍କ ମନରୁ ଯାଇ ନ ଥିବାବେଳେ ମାର୍ଚ୍ଚ ମାସ ଆରମ୍ଭରୁ ତାତିକୁ ନେଇ ଲୋକେ ଚିନ୍ତିତ। ଲୋକେ ଅଂଶୁଘାତରେ ଆକ୍ରାନ୍ତ ହେବାର ଅନେକ ସମ୍ଭାବନା ରହିଛି। ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥାଏ। କିନ୍ତୁ ରାଇରଙ୍ଗପୁର ସହରରେ ତାହାର ଘୋର ଅଭାବ ପରିଲକ୍ଷିତ ହୋଇଛି। ଏଥିସହିତ ସହରର ଅନେକ ସ୍ଥାନରେ ନଳକୂପ ଥିବାବେଳେ ତାହା ମଧ୍ୟ ସଠିକ ଭାବେ କାର୍ଯ୍ୟ କରୁନାହିଁ। ସ୍ଥାନେ ସ୍ଥାନେ ଅଚଳ ମଧ୍ୟ ହୋଇପଡ଼ିଛି। ଫଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବାର ଉଦ୍ଦେଶ୍ୟରେ ସାର୍ଥକ ହୋଇପାରୁନାହିଁ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକତା ରହିଛି। ଗ୍ରୀଷ୍ମପ୍ରବାହ ପୂର୍ବରୁ ସହରରେ ଅମୃତ ଧାରା, ନଳକୂପର ସଠିକ ଭାବେ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

● ବିନା ସୂଚନା ଫଳକରେ ୭ ଲକ୍ଷ ଟଙ୍କାର ପ୍ରକଳ୍ପ

# ଗ୍ରାମ୍ୟ ଜଳଯୋଗାଣ ବିଭାଗ କାର୍ଯ୍ୟକୁ ନେଇ ସନ୍ଦେହ

କରଞ୍ଜିଆ, ୧୪।୩(ସମିସ): କରଞ୍ଜିଆ ଅଞ୍ଚଳର ମାଣିକ ଛକଠାରେ ସରକାରଙ୍କ ପକ୍ଷରୁ ନିର୍ମାଣ ହେଉଥିବା ଏକ 'ପବ୍ଲିକ ଡ୍ରିଙ୍କିଂ ୱାଟର ଟ୍ୟାପ୍' ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। କିନ୍ତୁ ସରକାରୀ କାର୍ଯ୍ୟ ଆରମ୍ଭ ସମୟରେ ସାଧାରଣତଃ ଲଗାଯାଉଥିବା ପ୍ରକଳ୍ପ ସମ୍ପର୍କିତ 'ସୂଚନା ଫଳକ' ଏଠାରେ ଦେଖିବାକୁ ମିଳୁ ନ ଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। କାର୍ଯ୍ୟର ଶେଷ ପର୍ଯ୍ୟାୟ ହେବା ସତ୍ତ୍ୱେ କରଞ୍ଜିଆର ଜଳଯୋଗାଣ ଓ ଯାନ୍ତ୍ରିକ ବିଭାଗର ଅଧିକାରୀ ସତ୍ୟାନନ୍ଦ ନାୟକ ଉକ୍ତ ତଥ୍ୟ ବିଷୟରେ ସୂଚନା ପ୍ରଦାନ କରିନାହାନ୍ତି କାହିଁକି? ଏହି ପ୍ରକଳ୍ପ କାର୍ଯ୍ୟ ନିମିତ୍ତ କେତେ ଟଙ୍କା ବ୍ୟୟ ହୋଇଛି ପଚାରିବାରୁ, ପ୍ରାୟତଃ ୭ ଲକ୍ଷ ଟଙ୍କା ବିନିମୟରେ ଉକ୍ତ ପ୍ରକଳ୍ପ କାମ ଚାଲିଥିବା କହିଛନ୍ତି। କିନ୍ତୁ କାର୍ଯ୍ୟର ପ୍ରକୃତତାକୁ ଦେଖିଲେ ତାହା ପ୍ରତୀତ ହେଉନାହିଁ। ତେଣୁ ସ୍ଥାନୀୟଲୋକ ଏହି ଖର୍ଚ୍ଚ ସମ୍ପର୍କରେ ସନ୍ଦେହ ପ୍ରକାଶ କରୁଛନ୍ତି। ରାଇଟ୍ ଟୁ ଇନଫର୍ମେସନ ଆକ୍ଟ ୨୦୦୫ ଅନୁସାରେ କୌଣସି ସରକାରୀ କାମ ଆରମ୍ଭ ହେବା ପୂର୍ବରୁ ସେ ସମ୍ପର୍କିତ ବିବରଣୀ ସାଧାରଣ ଲୋକଙ୍କୁ ଜଣାଇବା ଆବଶ୍ୟକ। ଏଥିସହ ମହାତ୍ମା ଗାନ୍ଧୀ ନ୍ୟାସନାଲ ରୁରାଲ ଏମ୍ପ୍ଲଏମେଣ୍ଟ ଗ୍ୟାରେଣ୍ଟି ଆକ୍ଟ ୨୦୦୫ରେ ମଧ୍ୟ ପ୍ରକଳ୍ପ ସମ୍ପର୍କିତ ସୂଚନା ସାର୍ବଜନୀନ କରିବା ଉପରେ ଜୋର ଦିଆଯାଇଛି। ସୂଚନା ଫଳକ ଲଗା ନ ଯିବା ପଛରେ ଆଉ କିଛି ବ୍ୟକ୍ତିଗତ ଅଭିସନ୍ଧୀ



ଥାଇପାରେ କି? ଏଭଳି ଅନେକ ପ୍ରଶ୍ନବାଚୀ ଉଠୁଛି। ତେଣୁ ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ଖର୍ଚ୍ଚ ଓ କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କରେ ସଠିକ ତଦନ୍ତ କରାଯାଉ ଓ ଏହା ଉପରେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଉ ବୋଲି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଛି।

## ହାଇଦ୍ରାବାଦରୁ ନାବାଳିକା ଉଦ୍ଧାର

ରାସଗୋବିନ୍ଦପୁର, ୧୪।୩ (ସମିସ): ରାସଗୋବିନ୍ଦପୁର ପୁଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଉକ୍ତ ଥାନା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକା ଗତ ୬ ତାରିଖ ଦିନ ଅପହରଣ କରାଯାଇଥିବା ନାବାଳିକାଙ୍କ ପିତାମାତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଥାନା ଏଏସଆଇ ଗୌରୀ ଶଙ୍କର ଜେନାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଆଜି ଉକ୍ତ ନାବାଳିକାଙ୍କୁ ହାଇଦ୍ରାବାଦର ଫତେନଗରରୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକ ବାଂଶୁଳି ଗ୍ରାମର ନବ ବେହେରାଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଦୁର୍ଘଟଣାରେ ଜଣେ ମୃତ

ରାଇରଙ୍ଗପୁର/କରଞ୍ଜିଆ, ୧୪।୩(ସମିସ): ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ଯଶିପୁର ଥାନା ଅନ୍ତର୍ଗତ ଗୋଡ଼ାପଲାସା ଗ୍ରାମର ରୋହିତ କୁମାର ମହାନ୍ତ। ସେ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଦ୍ରୁତଗାମୀ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଯଶିପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅବକାରୀ ବିଭାଗର ଚଢ଼ଉ, ୪ ଗିରଫ

ରାଇରଙ୍ଗପୁର, ୧୪।୩ (ସମିସ):ବେଆଇନ ମଦ କାରବାର ରୋକିବାକୁ ବହଳଦା ଅବକାରୀ ବିଭାଗ ପକ୍ଷରୁ ଜାମଦା ଓ ତିରିଙ୍ଗ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ବେଆଇନ ଭାବେ ମଦ କାରବାରରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ତିରିଂ ଓ ଜାମଦା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଚଢ଼ଉ ବେଳେ ୬୯ ଲିଟର ଦେଶୀମଦ ଜବତ ହୋଇଛି। ବହଳଦା ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବହଳଦା ଅବକାରୀ ଥାନାଧିକାରୀ ରଞ୍ଜିତ ଶବରଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଏଏସଆଇ ସୁଶାନ୍ତ ନାୟକ, କନଷ୍ଟେବଲ ଲଲାଟେନ୍ଦୁ ଶତପଥୀ, ସୁରେନ୍ଦ୍ର ସୋରେନ, ଫୁଲମଣି ହାଁସଦା, ରାଜେନ୍ଦ୍ର ସେନାପତି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ଆମ କଳିକା କେନ୍ଦ୍ରରେ ସେଙ୍ଗେଲ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ




ବାରିପଦା, ୧୪।୩(ସମିସ): ବାରିପଦା ବ୍ଲକସ୍ଥ ଜନାର୍ଦ୍ଦନପୁର ୧୯ନଂ ୱାର୍ଡରେ ଥିବା ଆମ କଳିକା କେନ୍ଦ୍ରର କୁନି କୁନି ପିଲାଙ୍କୁ ଆଜି ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟି ଉପସଭାପତି ବାହାଦୁର ମୁର୍ମୁଙ୍କ ପକ୍ଷରୁ ସିଲଟ ଓ ଖଡ଼ି ପ୍ରଦାନ କରାଯାଇଛି। କର୍ମଜୀବୀ ପିତାମାତାଙ୍କ ମୁହଁରେ ଫୁଟିଥିବା ହସ ସରକାରଙ୍କ ଉକ୍ତ ଆମ କଳିକା କେନ୍ଦ୍ରରେ କୁନି କୁନି ପିଲାଙ୍କ ଅପପୁଷ୍ଟି ରୋକିବା ସହିତ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ଯତ୍ନ ନିଆଯାଉଥିବାବେଳେ ପିଲାମାନେ ବଡ଼ ହୋଇ ଲେଖିବା ସହିତପଢ଼ିବାରେଆଗ୍ରହଆଣିବାଉଦ୍ଦେଶ୍ୟରେସିଲଟଓଖଡ଼ିପ୍ରଦାନକରାଯାଇଛିବୋଲି କୁହାଯାଇଛି। ତତସହିତ ପିଲାଙ୍କ ଦାୟିତ୍ୱରେ ଥିବା ଦୁଇଜଣ ମହିଳା ଉକ୍ତ ସିଲଟ ଖଡ଼ି ମାଧ୍ୟମରେ କିଛି କିଛି ପ୍ରଶିକ୍ଷଣ ଦେବାରେ ସୁବିଧା ପାଇବେ ବୋଲି ଆଦିବାସୀ ସେଙ୍ଗେଲ ଅଭିଯାନର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ହେମ୍ବ୍ରମ, ଆମ କଳିକା କେନ୍ଦ୍ରର ସୁପରଭାଇଜର ରୀନା ହେମ୍ବ୍ରମ, ରାଇମଣି ହେମ୍ବ୍ରମ, ଗ୍ରାମର ମାଝୀବାବା ଟୁକୁଲୁ ହେମ୍ବ୍ରମ, ରୁହ୍ୟା କିସ୍କୁ, ଜନାର୍ଦ୍ଦନପୁର ସାଇନିଂ କ୍ଲବ ସଦସ୍ୟ ବାରିଆଳ ମୁର୍ମୁ, ସୁବାସ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

● ବେତନଟୀ ଓକିଲ ସଂଘ ନିର୍ବାଚନ

## ୩ଟି ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ବେତନଟୀ, ୧୪।୩(ସମିସ): ୪୨ଜଣ ଓକିଲ ସଦସ୍ୟଙ୍କୁ ନେଇ ପରିଚାଳିତ ବେତନଟୀ ବାର୍ ଆସୋସିଏସନର ବାର୍ଷିକ ନିର୍ବାଚନରେ ମାତ୍ର ତିନୋଟି ପଦବୀରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ସଭାପତି ପଦବୀରେ ଲମ୍ବୋଦର ମହାନ୍ତ ଓ ରବିନାରାୟଣ ମହାପାତ୍ର, ଉପସଭାପତି ପଦବୀରେ ମନୋଜ କୁମାର ଦଳେଇ ଓ ହେମନ୍ତ କୁମାର ମହାନ୍ତ, ସହକାରୀ କୋଷାଧ୍ୟକ୍ଷ ପଦରେ ଦୁଖିଆ ମୁର୍ମୁ ଓ ଲମ୍ବୋଦର ନାୟକ ପ୍ରାର୍ଥୀ ଅଛନ୍ତି। ୧୩ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ପରେ ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ ପାଞ୍ଚଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାକୁ ଯାଉଛନ୍ତି। ରାଜ୍ୟବ୍ୟାପୀ ଆସନ୍ତା ୨୮ ତାରିଖ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୋର୍ଟ ପରିସରରେ ଭୋଟ ଗ୍ରହଣ ହୋଇ ୪.୩୦ ମିନିଟ୍ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ବେତନଟୀ ବାର୍ ନିର୍ବାଚନ ଅଧିକାରୀ ଆଇନଜୀବୀ ରଣଜିତ ଗନ୍ତାୟତ ଜଣାଇଛନ୍ତି।

**ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ଘଟଣା**

## ଅଭିଯୁକ୍ତକୁ କୋର୍ଟ ଚାଲାଣ କଲା ପୁଲିସ

ରାଇରଙ୍ଗପୁର, ୧୪।୩(ସମିସ): ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣକୁ ନେଇ ଶୁକ୍ରବାର ତୁମୁଳକାଣ୍ଡ ଘଟିଯାଇଛି। ତେବେ ଉକ୍ତ ଘଟଣାର ଅଭିଯୁକ୍ତକୁ ତିରିଂ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ତିରିଂ ଥାନା ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ସେକ ନଇମୁଦ୍ଦିନ ଓରଫ ସେକ ଛୋଟୁ। ଅସଦାଚରଣ ଅଭିଯୋଗକ୍ରମେ ତାଙ୍କୁ ଗିରଫ କରି ଶନିବାର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏହାପରେ ବାରିପଦାସ୍ଥ ପକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ



ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି। ଆଦିବାସୀ ନାବାଳିକା ଜଣକ ଗୁରୁବାର ବ୍ୟାଙ୍କରୁ ଘରକୁ ଫେରିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଶୁକ୍ରବାର ବହଳଦା ବାଇପାସରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏ ସମୟରେ କୌଣସି କାରଣ ପାଇଁ ଗ୍ରାମବାସୀ ଓ ପୁଲିସ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତେଜିତ ଗ୍ରାମବାସୀ ବୁଝାସୁଝା କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସଙ୍କୁ ଆକ୍ରମଣ କରି ଆହତ କରିବା ସହ ଗାଡ଼ି ଭାଙ୍ଗିଥିଲେ।

**ବାମନଘାଟି ଉପଖଣ୍ଡରେ ମାତିଛନ୍ତି ଆନ୍ତଃରାଜ୍ୟ ଲଘୁ ଖଣିଜ ମାଫିଆ**

## ଝାଡ଼ଖଣ୍ଡକୁ ଚାଲାଣ ବେଳେ ଦୁଇଟି ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର, ୧୪।୩ (ସମିସ): ବାମନଘାଟି ଉପଖଣ୍ଡରେ ଆନ୍ତଃରାଜ୍ୟ ଲଘୁ ଖଣିଜ ମାଫିଆ ସକ୍ରିୟ ଥିବାବେଳେ ବିପୁଳ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ଥମୁନି। କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ବାରମ୍ବାର ଚୋରା ହେଉଥିବାବେଳେ ଥମିବାର ନାମ ନେଉନାହିଁ। ପୁଣି ଝାଡ଼ଖଣ୍ଡକୁ ହାଇୱା ଯୋଗେ ବେଆଇନ ବାଲି ଚାଲାଣ ବେଳେ ଦୁଇଟି ହାଇୱା ଜବତ କରାଯାଇଛି। ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ମାଇନିଂ ଓ ତିରିଂ ଥାନା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ତିରିଂ ଥାନା ଅନ୍ତର୍ଗତ ବନ୍ଦଭୁଣ୍ଡ ଗ୍ରାମ ନିକଟରୁ ଦୁଇଟି ବାଲି ବୋଝେଇ ହାଇୱା ଜବତ ହୋଇଛି। ନଦୀରୁ ବେଆଇନ



ଭାବେ ବାଲି ଉତ୍ତୋଳନ କରି ପଡ଼ୋଶୀ ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ ଅଞ୍ଚଳକୁ ଚାଲାଣ ହେଉଥିଲା। ଖବର ପାଇ ନାକା କରି ହାଇୱାକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଚକମା ଦେଇ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ପୁଲିସ ପିଛା କରି ଗାଡ଼ିକୁ ଅଟକାଇ ଇ-ପାସ କିମ୍ବା ଟିପି ପରମିଟ୍ ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରିଙ୍କ ଅଭିଯୋଗକ୍ରମେ ତିରିଂ ଥାନାରେ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦିନକୁ ଦିନ ଲଘୁ ଖଣିଜ ଚୋରା ଚାଲାଣ ବୃଦ୍ଧି ପାଇବା ସହ ସରକାରୀ ରାଜସ୍ୱ ହାନି ହେଉଛି।

## ଉଦଳାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଉଦଳା, ୧୪।୩ (ସମିସ): ଉଦଳା ଅଦାଲତ ପରିସରରେ ୨୦୨୬ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଉଦଳାର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଦଳାର ସହକାରୀ ଦୌରାଜଜ ଅରୁଣ କୁମାର ପଟ୍ଟନାୟକ ଓ ଉଦଳାର କନିଷ୍ଠ ଦେୱାନୀ ବିଚାରପତି ତଥା ଉପଖଣ୍ଡସ୍ତରୀୟ ବିଚାର ବିଭାଗ ବିଚାରପତି ଅନୁରାଗ ଦେହୁରୀଙ୍କ ଉପସ୍ଥିତି ଓ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦଳା ଓକିଲ ସଂଘ ଓ ଉପଖଣ୍ଡ ଓକିଲ ସଂଘ କର୍ମକର୍ତ୍ତା, ବିଚାର ବିଭାଗ କର୍ମଚାରୀ ଓ ବ୍ୟାଙ୍କ ଅଧିକାରୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସଫଳ ହୋଇଛି। ୧୦ଟି ମକଦ୍ଦମାର ଫୈସଲା ହୋଇ ୨୩ ଲକ୍ଷ ୮୧ ହଜାର ୩୮୨ ଟଙ୍କା ଜରିମାନା ଆଦାୟ ହୋଇଛି। ବ୍ୟାଙ୍କ ରିକଭାରୀ ମକଦ୍ଦମାରୁ ୧୧ଟି ଅଗତ



ମାମଲା ମଧ୍ୟରୁ ୨ଟିର ଫଇସଲା ହୋଇଛି। ବିବାହ ସମ୍ବନ୍ଧୀୟ ୮ଟି ମକଦ୍ଦମାରୁ ୨ଟି ମକଦ୍ଦମାର ଫଇସଲା ହୋଇଯାଇଅଛି। ୩୪ଟି ଦେୱାନୀ ମକଦ୍ଦମାରୁ ୨୪ଟିର ଫଇସଲା ହୋଇଥିବାବେଳେ ୨୮୬ଟି ଫୌଜଦାରୀ ମାମଲାରୁ ୨୮୬ଟି ଫଇସଲା ହୋଇଛି।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ବିଦ୍ୟାର୍ଥୀ ସାଧାରଣ ପ୍ରକୋଷ୍ଠର ବାର୍ଷିକ ଉତ୍ସବ



ବାରିପଦା, ୧୪।୩(ସମିସ): ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବିଦ୍ୟାର୍ଥୀ ସାଧାରଣ ପ୍ରକୋଷ୍ଠର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପୂର୍ବତନ ଜାତୀୟ ବ୍ୟାଡ଼ମିଣ୍ଟନ ଖେଳାଳି ଡ. ଜଗଦୀଶ ଚନ୍ଦ୍ର ଘଡେଇ ଯୋଗ ଦେଇ କ୍ରୀଡା ଜୀବନକୁ ଶୃଙ୍ଖଳିତ କରିବା ସହ ଉତ୍ତମ ଚରିତ୍ର ଗଠନରେ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। କଲେଜର କ୍ରୀଡା ଶିକ୍ଷକ ସତ୍ୟନାରାୟଣ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ସର୍ବଭାରତୀୟ ସ୍ତରରେ କଲେଜ ଛାତ୍ରଛାତ୍ରୀଙ୍କ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଇଣ୍ଡୋର କ୍ରୀଡ଼ା ପ୍ରତିଯୋଗିତା, ଚେସ, କ୍ୟାରମ, ଟେବୁଲ ଟେନିସ, ବ୍ୟାଡମିଣ୍ଟନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ର ସାଧାରଣ ପ୍ରକୋଷ୍ଠର ଉପସଭାପତି ଡକ୍ଟର ଟୁଡୁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ସାଧାରଣ ପ୍ରକୋଷ୍ଠର ଉପସଭାପତି ରାଇମଣି ମାରାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷା ଓ ଅଣଶିକ୍ଷା ସହକର୍ମୀ ଯୋଗ ଦେଇଥିଲେ।

## ବାଗୁଲି ଆଶ୍ରମ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ବଡ଼ସାହି, ୧୪।୩(ଫଟୋ): କୋଚିଲାଖୁଣ୍ଟା ପଞ୍ଚାୟତସ୍ଥ ବାଗୁଲି ଆଶ୍ରମ ବିଦ୍ୟାଳୟରେ 'ସ୍ମୃତିର ସାଥେ ସଫଳତାର ପଥେ' ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଚିଲାଖୁଣ୍ଟା କ୍ଲଷ୍ଟରର ସିଆରସିସି ଶ୍ରୀମତୀ ମିନତୀ ପଣ୍ଡା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ଆଗାମୀ ଭବିଷ୍ୟତରେ ଉତ୍ତମ, ଚରିତ୍ରବାନ୍ ସୁନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଭବିଷ୍ୟତରେ ସମସ୍ତ ଛାତ୍ରଛାତ୍ରୀ ନବମ ଶ୍ରେଣୀରେ ନାମ ଲେଖାଇବେ। ଯେପରି ଜଣେ ବି ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେବେ ନାହିଁ, ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ମତେ ଆସନ୍ତା ୧୬ ତାରିଖଠାରୁ ୨୫ ମଧ୍ୟରେ ଛାତ୍ରାବାସ ଛାତ୍ରୀନିବାସରେ ଅନ୍ତେବାସୀ ରୂପେ ରହି ବିଦ୍ୟାଳୟରେ ଅଧ୍ୟୟନ ପାଇଁ ଆବେଦନ ପତ୍ର ଦାଖଲ କରିବାକୁ ଉପସ୍ଥିତ ପିତାମାତାଙ୍କୁ ପରାମର୍ଶ ଦିଆଯାଇଥିଲା। ମୃତ୍ୟୁଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଲୁଗୁ ସିଂ, ରଞ୍ଜିତା ଜେନା, ଲିଲିମା ମଣ୍ଡଳ, ସସ୍ମିତା ସେଠୀ, ମେଟ୍ରନ ସୁଜାତା ସେଠୀ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା**

# ବାମନଘାଟିରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ

ରାଇରଙ୍ଗପୁର, ୧୪।୩(ସମିସ): ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରାକୁ ବାମନଘାଟି ଉପଖଣ୍ଡରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଇରଙ୍ଗପୁରଠାରେ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ।



ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଏହି ଜାଗରଣ ଯାତ୍ରା ଆୟୋଜନ କରାଯାଉଛି। ଜିଲ୍ଲାର ୪ଟି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଓ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ସନ୍ଧ୍ୟାରେ ରାଇରଙ୍ଗପୁରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ଶନିବାର ବହଳଦାରୁ ବାହାରି ଜାମଦା, ଗଡ଼ରାଇରଙ୍ଗପୁର, ଭାଲୁବସା ହୋଇ ଯଶିପୁର, କରଞ୍ଜିଆ ପରିକ୍ରମା କରିଛି। ଭାଲୁବସାସ୍ଥ ମୂଷାବଣୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅରବିନ୍ଦ କୁମ୍ଭକାର ସଭାପତିତ୍ୱରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ସମ୍ବକାର ଲଳିତ ମହାନ୍ତ ସ୍ୱାଗତ ଜଣାଇ କହିଥିଲେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟ ସହିତ ପୁଣ୍ୟଶ୍ଲୋକ, ରାଜର୍ଷି ମହାରାଜ



ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ଆମ ଗୌରବୋଜ୍ଜ୍ୱଳ ଇତିହାସ ମନେ ପକାଇ ଆମକୁ ପ୍ରେରଣା ପ୍ରଦାନ କରୁଛି। ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ସାଂସ୍କୃତିକ ଜାଗରଣ ଯାତ୍ରା ଓ ଜ୍ୟୋତିରଥ ପରିକ୍ରମାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରିକ୍ରମାରେ ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଓ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକଙ୍କ ସମେତ ସମସ୍ତ ବଳାଙ୍ଗୀ ସେନାଙ୍କୁ ମଧ୍ୟ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପରିଚାଳନା କରିଥିବାବେଳେ ଜୟନ୍ତୀ ବେହେରା ଧନ୍ୟବାଦ ଦେଇଥିଲେ। ପରେ ବାବା ଐଶାନେଶ୍ୱର ଓ ମା' କୀଚକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇ ପରିକ୍ରମା ରଥ ଆଗକୁ ବଢ଼ିଥିଲା।



ଜାତୀୟ ରାଜପଥ ଅବରୋଧ ବେଳେ ଉତ୍ତେଜନା ଘଟଣା

# ବିଜେଡି ଓ ବିଭିନ୍ନ ସଂଗଠନ ପକ୍ଷରୁ ସର୍ବଦଳୀୟ ବୈଠକ




ରାଇରଙ୍ଗପୁର,୧୪।୩(ସମିସ): ତିରିଂ ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣାକୁ ନେଇ ରାସ୍ତା ଅବରୋଧ ବେଳେ ପୁଲିସ ପକ୍ଷରୁ ଅମାନବୀୟ ଭାବେ ଆଦିବାସୀଙ୍କ ଉପରେ ଲାଠିଚାର୍ଜକୁ ବିରୋଧ କରାଯାଇଛି। ଏ ନେଇ ବହଳଦାଣ୍ଡ ଡାକ ବଙ୍ଗଳାରେ ସ୍ଥାନୀୟ ଆଦିବାସୀ ଲୋକଙ୍କୁ ନେଇ

- ରାଷ୍ଟ୍ରପତିଙ୍କ ଅଞ୍ଚଳରେ ଆଦିବାସୀଙ୍କ ଉପରେ ପୁଲିସର ନିର୍ଯାତନା
- ଆଦିବାସୀଙ୍କ ଉପରେ ପୁଲିସର ଲାଠିଚାର୍ଜକୁ ବିରୋଧ
- ଗିରଫ ବ୍ୟକ୍ତିଙ୍କୁ ନ ଛାଡ଼ିଲେ ଜିଲ୍ଲା ବନ୍ଦ ଡକରା: ରାଇସେନ

ଶନିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଓ ପୂର୍ବତନ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଜେଡି, କଂଗ୍ରେସ, ଜେଏମଏମ, ମାସା, ଆସେକା ସମେତ ଅନ୍ୟାନ୍ୟ ଆଦିବାସୀ ସଂଗଠନର ନେତୃବୃନ୍ଦ ଉପସ୍ଥିତ ଥିଲେ।

ବହଳଦା ବାଇପାସରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ବେଳେ ଆଦିବାସୀଙ୍କ ଉପରେ ପୁଲିସ ପକ୍ଷରୁ ଅମାନବୀୟ ଭାବେ ଲାଠିଚାର୍ଜ କରି ଆକ୍ରମଣ କରାଯାଇଛି। ଯାହାକୁ ନେଇ ଆହୂତ ସାମ୍ବାଦିକ ସମ୍ମିଳନୀରେ ନିନ୍ଦା କରାଯାଇଛି। ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀ ଉଭୟ ଆଦିବାସୀ ହୋଇଥିବାବେଳେ ଏହା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ଅଟେ। ତେବେ ତାଙ୍କ ଅଞ୍ଚଳରେ ଆଦିବାସୀଙ୍କ ପ୍ରତି ପୁଲିସର ନିର୍ଯାତନା ଏକ ନିନ୍ଦନୀୟ ଘଟଣା ଅଟେ। ଜଣେ ଆଦିବାସୀ ନାବାଳିକା ଉପରେ ଅସଦାଚରଣ ହେବାର ୨୪ ଘଣ୍ଟା ପରେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ପୁଲିସ କୌଣସି ମାମଲା ରୁଜୁ ନ କରି ଦେଖଣାହାରି ସାଜି ବସି ରହିଥିଲା। ନ୍ୟାୟ ନ ପାଇ ବାଧ ହୋଇ ଆଦିବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ପ୍ରଥମେ ଆଦିବାସୀଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏହାପରେ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ନିରୀହ ଆଦିବାସୀଙ୍କୁ ଆକ୍ରମଣ କରିବା ପରେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ପୁଲିସ ମାମଲା ରୁଜୁ କରିଛି। ରାତିରେ ସେମାନଙ୍କୁ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିରୀହ ଆଦିବାସୀଙ୍କୁ ପୁଲିସ ପିଟାମରା କରି ନିର୍ଯାତନା ଦେଇ ଗିରଫ କରିଛି। ତେଣୁ ଆଦିବାସୀଙ୍କ ବିରୁଦ୍ଧରେ ହୋଇଥିବା ଥାନାରେ ମାମଲାକୁ ପ୍ରତ୍ୟାହାର କରି ସମସ୍ତ ଗିରଫଙ୍କୁ ଖଲାସ କରିବା, ଦାୟିତ୍ୱରେ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାକୁ ସହାୟତା ଯୋଗାଇବାକୁ କୁହାଯାଇଛି।

ଉକ୍ତ ଦାବି ପୂରଣ ନ ହେଲେ ଆଗକୁ ଆଦିବାସୀଙ୍କ ହକ୍ ପାଇଁ ବିଜେଡି ସମେତ ଅନ୍ୟ ଦଳମାନଙ୍କ ପକ୍ଷରୁ ମିଳିତ ଭାବେ ମୟୂରଭଞ୍ଜ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ଚେତାବନୀ ଦେଇଛନ୍ତି। ଆଦିବାସୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ବଦଳରେ ରାଜ୍ୟ ସରକାରଙ୍କ ଏପରି ନିର୍ଯାତନା କରିବା ଏକ ନିନ୍ଦନୀୟ ଘଟଣା ଅଟେ। ଆଦିବାସୀଙ୍କ ସାଥି ବୋଲାଉଥିବା ବିଜେପି ସରକାର ବର୍ତ୍ତମାନ ଚୁପ ହୋଇ ବସିଛି। ସ୍ଥାନୀୟ ସାଂସଦ ଓ ବିଧାୟକ ଆଦି ଜନପ୍ରତିନିଧି ଆଦିବାସୀ ହୋଇଥିବାବେଳେ ଜଣେ ଆଦିବାସୀ ନ୍ୟାୟ ପାଉନାହାଁନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନ୍ୟାୟ ପ୍ରଦାନ କରିବାକୁ କୁହାଯାଇଛି। ନଚେତ ଆଗକୁ ଆନ୍ଦୋଳନ ତୀବ୍ରତର ହେବ। ଉକ୍ତ ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ସଭାପତି, ପୂର୍ବତନ ବ୍ଲକ ସଭାପତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ସ୍ଥାନୀୟ ନେତୃବର୍ଗ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଉଦଳାରେ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ



ଉଦଳା,୧୪।୩ (ସମିସ): ଉଦଳାରେ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଏହି ରଥ ଉଦଳା ଥାନା ଛକ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚିବା ପରେ ରାଲି ବଜାର ପରିକ୍ରମା କରି ଉଦଳା ହାଇସ୍କୁଲ ଛକ ନିକଟରେ ପହଞ୍ଚିଥିଲା। ସେଠାରେ ଏହି ରଥକୁ ଉଦଳା ଆମେ ଭଞ୍ଜ କଳାକାର, ୟୁନିକ ପ୍ରେସ କ୍ଲବ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡାଙ୍କ ସମେତ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଓ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏହି ଜ୍ୟୋତିରଥ ଜିଲ୍ଲା ପରିକ୍ରମା କରୁଛି। ବଲାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କୁମାରେଶ ନାୟକ, ରଂଜିତ ପଲେଇ ଓ ଦିଲ୍ଲୀପ ପାତ୍ରଙ୍କ ସମେତ ମହୋତ୍ସବ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଏହି ରାଲିରେ ସାମିଲ ହୋଇଛନ୍ତି। ରବିବାର ଏହି ଜାଗରଣ ଯାତ୍ରା ଉଦଳାରୁ ବାହାରି ଖୁଣ୍ଟା, ହରିପୁରଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା, ଦେଉଳି ହୋଇ ବାରିପଦା-ବାଲେଶ୍ୱର ଗୋଲେଇରେ ପହଞ୍ଚିବ। ଉଦଳାରେ ଜ୍ୟୋତିରଥ କୁ ସ୍ୱାଗତ କରାଯିବା ସହିତ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଭଞ୍ଜ କଳାକାର ସଦସ୍ୟ କ୍ଷୀରୋଦ ମହାନ୍ତି, ପ୍ରସନ୍ନ ଦାସଙ୍କ ସହିତ ୟୁନିକ ପ୍ରେସ କ୍ଲବ ସଭାପତି ଦୀନବନ୍ଧୁ ବାରିକ, ସର୍ବେଶ୍ୱର ମହାପାତ୍ର, ଶଶୀକାନ୍ତ ମିଶ୍ର, ସନ୍ତୋଷ ବାଛିନି, ମୁନା ସାହା, ରବିନ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଖୁଣ୍ଟା ଡିଗ୍ରୀ କଲେଜ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଆମରା,୧୪।୩(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ସଭାରେ ଅତିଥି ଭାବେ ଖୁଣ୍ଟା ଥାନା ଏସ୍ଆଇ ସ୍ୱର୍ଣ୍ଣମିତା ପ୍ରଧାନ ଯୋଗଦେଇ ବର୍ତ୍ତମାନ ସମାଜର ଛାତ୍ରୀଙ୍କ ଆତ୍ମରକ୍ଷାର ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଂଯୋଜକ ଅଧ୍ୟାପକ ତପନ କୁମାର ବାରିକ ଓ ପ୍ରଶିକ୍ଷିକା ସରସ୍ୱତୀ ମାରାଣ୍ଡି ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର କୌଶଳ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡଃ ପ୍ରିୟଦର୍ଶିନୀ ଇପସିତା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଡଃ ହିରଣ୍ମୟୀ ଶତପଥୀ ଧନ୍ୟବାଦ ଦେଇଥିଲେ। ୬୭ ଜଣ ଛାତ୍ରୀ ତାଲିମ ନେଇଥିବାବେଳେ ଉଦଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

- ମୁକୁନା ସେଚ ପଏଣ୍ଟକୁ ମିଳୁନି ପାଣି

## ଡ୍ୟାମ୍ ଗେଟ୍ ଖୋଲିବାକୁ ଦାବି

ଶୁକ୍ରୁଲି,୧୪।୩(ସମିସ): ମୁକୁନା ସେଚ ପଏଣ୍ଟକୁ ମିଳୁନି ପାଣି। ଫଳରେ ରବିଧାନ ଫସଲ ନଷ୍ଟ ହେବାକୁ ବସିଛି। ତେଣୁ ଡ୍ୟାମ ଗେଟ ଖୋଲିବାକୁ ଚାଷୀ ଦାବି କରିଛନ୍ତି। କାନପୁର ଡ୍ୟାମ ପାଇଁ ବୈତରଣୀ ନଦୀର ପାଣି ଅଟକାଯାଇଥିବାରୁ ତଳପଟ ଅଞ୍ଚଳରେ ନଦୀ ସ୍ରୋତ ପ୍ରାୟ ଶୁଖିଯାଇଥିବା ଦେଖାଯାଉଛି। ଏହାର ପ୍ରଭାବ ରରୁଆଁ ବ୍ଲକର ମୁକୁନା ଅଞ୍ଚଳରେ ପଡିଥିବାବେଳେ ଚାଷୀଙ୍କ ଶତାଧିକ




ଏକର ରବିଧାନ ଫସଲ ଉପରେ ପ୍ରଭାବ ପଡ଼ିଛି। ଜମି ଫାଟି ଆଁ କଲାଣି। ଏହା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପୂର୍ବରୁ କେବେ ଚିରସ୍ରୋତା ବୈତରଣୀ ଶୁଖିଲା ପଡିଯିବା କେହି ଦେଖି ନ ଥିଲେ। ସ୍ଥାନୀୟ ଚାଷୀଙ୍କ କହିବା ଅନୁସାରେ, ପୂର୍ବରୁ ବୈତରଣୀ ନଦୀର ପାଣି ଦ୍ୱାରା ଏଠାରେ ରବିଧାନ ଚାଷ ସୁବିଧାରେ ହେଉଥିଲା। ଏବେ ନଦୀରେ ପାଣି ନ ଥିବାରୁ ସେଚ ସୁବିଧା ବନ୍ଦ ହୋଇଯାଇଛି। ଫଳରେ ଚାଷ ଜମି ଶୁଖିଯିବା ସହ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ମୁକୁନା ଓ ପାଖାପାଖି ଗ୍ରାମର ଚାଷୀ କହିଛନ୍ତି, ଡ୍ୟାମରେ ପାଣି ଛଡ଼ା ନ ଗଲେ ଚଳିତ ରବିଧାନ ଫସଲ ପୂରାପୂରି ଉଜୁଡ଼ିଯିବା ସମ୍ଭାବନା ରହିଛି। ଏଥିପାଇଁ ସେମାନେ ସରକାର ଓ ସମ୍ପୃକ୍ତ ବିଭାଗଙ୍କୁ ନଦୀରେ ପାଣି ଛାଡ଼ି ଚାଷୀମାନଙ୍କ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି। ଏ ପରିସ୍ଥିତିରେ ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳର ଶତାଧିକ ଚାଷୀ ଅର୍ଥନୈତିକ ଭାବେ କ୍ଷତିଗ୍ରସ୍ତ ହେବେ। ଚାଷୀଙ୍କ ସମସ୍ୟା ନେଇ ସ୍ଥାନୀୟ ପ୍ରଶାସନ କିଭଳି ପଦକ୍ଷେପ ନେଉଛି, ତାହାକୁ ନେଇ ଅଞ୍ଚଳବାସୀ ଆଶା ରଖିଛନ୍ତି।

## ଦୋକାନରୁ ଚୋରି

ପୁରୁଣିଆ, ୧୪।୩(ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ହାଇସ୍କୁଲ ସାମ୍ନା ଦୋକାନ ଘରୁ ଗତକାଲି ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ ଘର ଚାବି କାଟି ବିଭିନ୍ନ ସାମଗ୍ରୀ ସମେତ ନଗଦ ୩ ହଜାର ଟଙ୍କା, ଚାଓମିନ ତିଆରି ପାଇଁ ବ୍ୟବହୃତ ତାୱା, ହେମଦସ୍ତା ସମେତ ବିଭିନ୍ନ ଉପକରଣ ଓ କୁକୁଡା ଦୋକାନର ଲୋମ ଛଡା ମେସିନ ଲୁଟି ନେଇଥିବା ଜଣାଯାଇଛି। ସକାଳେ ଦୋକାନ ଖୋଲିବାକୁ ଆସିଲାବେଳେ ଦୋକାନ ଚାବି କଟା ହୋଇଥିବା ଦେଖିବାକୁ ପାଇଥିଲେ ଦୋକାନୀ ଦୋକାନୀ ସର୍ବେଶ୍ୱର ଦାସ। ସେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପାଟ୍ରୋଲିଂ ସତ୍ତ୍ୱେ ଚୋରି କମିବାର ନାଁ ଧରୁ ନ ଥିବାବେଳେ ପୁଲିସ ପାଇଁ ଚୋରି ରୋକିବା ଏକ ଚ୍ୟାଲେଞ୍ଜ ପାଲଟିଛି।

## ବିଷ ପିଇ ନାବାଳିକାର ମୃତ୍ୟୁ

ତୁରୁମୁଙ୍ଗା, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ସାହାରପଡ଼ା ବ୍ଲକ ମଙ୍ଗଳପୁର ଗାଁରେ ବିଷପାନ କରି ଜଣେ ନାବାଳିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବିଳମ୍ବିତ ରାତି ମୃତ୍ୟୁ ଘଟିଛି। ଘଟଣାଟି ସମଗ୍ର ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ନାବାଳିକା ଜଣେ ଘରେ ଥିବା ସମୟରେ ଶୁକ୍ରବାର କୌଣସି ବିଷାକ୍ତ ପଦାର୍ଥ ସେବନ କରିଥିବା ଅନୁମାନ କରାଯାଉଛି। ପରିବାର ଲୋକେ ତାଙ୍କର ଅବସ୍ଥା ଗୁରୁତର ଦେଖି ତୁରନ୍ତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ତୁରୁମୁଙ୍ଗା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏସଆଇ ସୁରେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଜଳୁଛି ଜଙ୍ଗଲ; ନଷ୍ଟ ହେଉଛି ବୃକ୍ଷଲତା

ତେଲକୋଇ, ୧୪।୩(ସମିସ): ଗ୍ରୀଷ୍ମ ପ୍ରବାହ ଆରମ୍ଭ ନହେଉଣୁ ହୁତହୁତ ହୋଇ ଜଳୁଛି ଜଙ୍ଗଲ ଆଉ ଜଳି ପୋଡ଼ି ନଷ୍ଟ ହୋଇଯାଉଛି ମୂଲ୍ୟବାନ ଗଛଲତା। କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜ କାଞ୍ଜିପାଣି ଗାଁ ଶିବ ମନ୍ଦିର ପଛପଟ ଜଙ୍ଗଲରେ ଲାଗିଛି ନିଆଁ। ଏକର ଏକର ମୂଲ୍ୟବାନ ଜଙ୍ଗଲ ଧ୍ୱଂସ ହୋଇଯାଉଛି। ଖାଲି ସେତିକି ନୁହେଁ ଜଙ୍ଗଲରେ ଥିବା



ବିରଳ ପ୍ରଜାତିର ସରୀସୃପଙ୍କ ସହିତ ମୂଲ୍ୟବାନ ଔଷଧୀୟ ଗଛ ମଧ୍ୟ ଜଳି ପୋଡ଼ି ନଷ୍ଟ ହୋଇଯାଉଛି। ଅନ୍ୟପଟେ ଜଙ୍ଗଲରେ ନିଆଁ ଲାଗିବା ଯୋଗୁଁ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ହରାଇ ଗାଁମୁହାଁ ହୋଇ ବିପଦକୁ ବରଣ କରୁଛନ୍ତି। ନିଆଁକୁ ଆୟତ୍ତ ପାଇଁ ବନ ବିଭାଗର ଉଦ୍ୟମ ଜାରି ରଖିଛି।

## ପ୍ରଦୀପ୍ତା ହେଲେ କେନ୍ଦୁଝର ସାଂସଦ ପ୍ରତିନିଧି

ଆନନ୍ଦପୁର, ୧୪।୩ (ସମିସ): ଆନନ୍ଦପୁର ବ୍ଲକ ଶାଳବଣି ମଣ୍ଡଳର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଦୀପ୍ତା ସୁରଙ୍କୁ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି।



ଶ୍ରୀମତୀ ସୁର ଆନନ୍ଦପୁର ମହିଳା ଓ ଶିଶୁବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର କାର୍ଯ୍ୟ ତଦାରଖ କରିବା ସହିତ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଦୃଷ୍ଟି ଦେବେ ବୋଲି ସୂଚନା ଦେଇଛନ୍ତି। ସେ ଆନନ୍ଦପୁର ବିଡ଼ିଓ ଓ ଶିଶୁବିକାଶ ଅଧିକାରୀଙ୍କୁ ଭେଟି ନିଜର ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଆନନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ସମସ୍ୟାର ସମାଧାନ କରିବା ଦିଗରେ ନବନିଯୁକ୍ତ ସାଂସ ସାଂସଦ ପ୍ରତିନିଧିଙ୍କ କ୍ଷେତ୍ରରେ ବଡ଼ ଚ୍ୟାଲେଞ୍ଜ ହୋଇ ରହିବ।

## ସ୍ତ୍ରୀ ସହ ଝଗଡ଼ା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ହୀରାପଶି ଗ୍ରାମରେ ସ୍ତ୍ରୀ ସହ ଝଗଡ଼ା ପରେ ସ୍ୱାମୀ ଘରଠାରୁ କିଛି ଦୂରରେ ଏକ ଆମ୍ବ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିକାଶ ମୁଦି (୨୧)। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସ୍ତ୍ରୀ ସହ ବିକାଶଙ୍କ କୌଣସି ପାରିବାରିକ କାରଣକୁ ନେଇ ବଚସା ହୋଇଥିଲା। ଶନିବାର ସକାଳୁ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକେ ତୁରୁମୁଙ୍ଗା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ତୁରୁମୁଙ୍ଗା, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ବୈତରଣୀ ନଦୀ ପୋଲ ଉପରୁ ଶନିବାର ଜଣେ ୧୯ ବର୍ଷୀୟ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପାଟଣା ପୁଲିସ ଉଦ୍ଧାର କରି ଆଣି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବତୀ ଜଣକ ପଣ୍ଡା ପଡା ଥାନାଞ୍ଚଳର ବୋଲି ଜଣାପଡ଼ିଥିବା ବେଳେ ପାଟଣା ବ୍ଲକ୍ ଚିନାମାଳିପଶି ଅଞ୍ଚଳର ଜଣେ ଯୁବକ ଭଲ ପାଉଥିଲେ। ଘରଲୋକେ ଏହା ଜାଣିବା ପରେ ଯୁବତୀଙ୍କୁ ମାଡ଼ ମାରିବା ସହ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏହାପରେ ଯୁବତୀ ଜଣକ ଉତକ୍ଷିପ୍ତ ହୋଇ ଘରୁ ଚାଲି ଆସି ପାଟଣା ମୁଖ୍ୟାଳୟ ପରମେଶ୍ୱର ଶିବ ମନ୍ଦିର ନିକଟର ପ୍ରେମିକଙ୍କୁ ଭେଟିବାକୁ ଆସିଥିଲେ। ପ୍ରେମିକ ନ ଆସିବାରୁ ପଯୁବତୀ ଜଣଙ୍କ ବୈତରଣୀ ନଦୀର ପୋଲ ଉପରେ ବିପଦସଙ୍କୁଳ ଭାବେ ଠିଆ ହେଇଥିବା ସମୟରେ ପ୍ରତ୍ୟକ୍ଷଦର୍ଶୀ ପାଟଣା ଥାନାକୁ ଖବର କରିଥିଲେ। ପୁଲିସ ଯୁବତୀଙ୍କୁ ଉଦ୍ଧାର କରିଛି।

## ମଣ୍ଡି ଅବ୍ୟବସ୍ଥା; ରାସ୍ତାରେ ଧାନ ବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ



ଚମ୍ପୁଆ, ୧୪।୩(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କରଞ୍ଜିଆଠାରେ ମଣ୍ଡିରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ସରପଞ୍ଚ ଓ ଚାଷୀ ଧାନ ବସ୍ତା ରଖି ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି। ଏଆରସିଏସଙ୍କ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଛି। ସୂଚନା ଅନୁସାରେ, କରଂଜିଆ ଲ୍ୟାମ୍ପସରେ ଧାନକିଣାକୁ ନେଇ ଅବ୍ୟବସ୍ଥା ଲାଗିରହିଛି। କର୍ତ୍ତୃପକ୍ଷ ଲ୍ୟାମ୍ପରେ ଧାନ ନକିଣି ସିଧାସଳଖ ଚାଷୀଙ୍କୁ ମିଲର ପାଖକୁ ପଠାଇବା, ମିଳିଥିବା ଟୋକନ ଅନୁଯାୟୀ ଧାନ କ୍ରୟ ନକରି ନିର୍ଦ୍ଧାରିତ ଧାନର ୩୦ ପ୍ରତିଶତ କାଟ୍ କରିବା, ପଛରେ ଆସୁଥିବା ଟୋକନଧାରୀଙ୍କୁ ଅଗ୍ରାଧିକାର ଦେବା ଆଦି ପ୍ରତିବାଦରେ ସ୍ଥାନିୟ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଦିନ ୧୧ ସମୟରେ ରାସ୍ତା ଉପରେ ଧାନ ବସ୍ତା ରଖି ଧାରଣା ଦେଇଥିଲେ। ଲ୍ୟାମ୍ପ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିବା ଏବଂ ନିୟମିତ ଭାବରେ ଲ୍ୟାମ୍ପ ଖୋଲା ନଯାଉଥିବାରୁ ଚାଷୀ ମାନେ ଧାନ ଦେବା ପରେ ଅହେତୁକ ବିଳମ୍ବ ସହିତ ଆଇ ସ୍କାନ କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଖବର ପାଇ ଚମ୍ପୁଆ ଆଇଆଇସି ସ୍ୱରୂପ ରଂଜନ ନାଏକ ଓ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ବୁଝାସୁଝା କରିଥିଲେ। ପରେ ବିଭାଗୀୟ ଅଧିକାରୀ ମଙ୍ଗଲ ସୋରେନ ନୋଡାଲ ଅଫିସର ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ସହିତ ଆଗକୁ ଅବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ପ୍ରଶାସନ ଦୃଷ୍ଟି ଆଢୁଆଳରେ ସାନବେଲାକୁଟୀ ଚୌଧୁରୀ ଜଳ ପ୍ରକଳ୍ପ



କୁଆମରା,୧୪।୩(ସମିସ): ଚାଷୀଙ୍କ ସ୍ୱାର୍ଥ ତଥା ଚାଷର ଉନ୍ନତି ନିମନ୍ତେ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ମରୁଡ଼ି ମୁକାବିଲା ନିମନ୍ତେ ବିଭିନ୍ନ ସ୍ଥାନରେ ଜଳ ପ୍ରକଳ୍ପ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ଅନେକ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ପ୍ରକଳ୍ପଗୁଡ଼ିକ କାମରେ ଆସୁନାହିଁ। ଆଉ କେତେକ ଦୀର୍ଘବର୍ଷ ଧରି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବିଭାଗୀୟ ଅବହେଳା କିମ୍ବା ରାଜନୈତିକ ଆନ୍ତରିକତା ଅଭାବ ତାହା ବୁଝାପଡୁନାହିଁ। ଏଭଳି ଅଣଦେଖା ଭାବେ ପଡିରହିଛି ଗୋପବନ୍ଧୁନଗର ବ୍ଲକ ପଶୁଦା ପଞ୍ଚାୟତ ସାନବେଲାକୁଟୀ ଚୌଧୁରୀ ଜଳ ପ୍ରକଳ୍ପ। ଏହାର ପୁନରୁଦ୍ଧାର କରାଯିବାକୁ ସାଧାରଣରେ ଦାବି ହେଉଛି।

କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୧୯୭୨ରେ ୭୨ ହଜାର ଟଙ୍କା ବ୍ୟୟରେ ପ୍ରକଳ୍ପର କାମ ଆରମ୍ଭ ହୋଇଥିଲା। ବନ୍ଧର ଦୈର୍ଘ୍ୟ ୫ ଶହ ମିଟରରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଏହାଦ୍ୱାରା ସରକାରୀ ଯୋଜନାରେ ୧୪୪ ଏକର ଜମି ଜଳସେଚିତ ହୋଇପାରିବ ବୋଲି ବିଭାଗୀୟ ପକ୍ଷରୁ କୁହାଯାଇଥିଲା। ମାତ୍ର ବନ୍ଧର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ତାହା କାଳକ୍ରମେ ପୋତି ହୋଇପଡିଲାଣି। ଯଦି ବନ୍ଧଟିର ପୁନରୁଦ୍ଧାର ହୋଇପାରନ୍ତା, ତେବେ ବନ୍ଧ ତଳେ ଥିବା ପାଞ୍ଚ ଶହ ଏକରରୁ ଉର୍ଦ୍ଧ୍ୱ ଜମିରେ ପାଣି ମାଡିବା ସହ ମରୁଡି ମୁକାବିଲା ସାଙ୍ଗକୁ ଖରିଫ ଓ ରବି ଦୁଇ ଫସଲ ଚାଷ ହୋଇପାରନ୍ତା ବୋଲି ଗ୍ରାମର ଚାଷୀ ଜୟନ୍ତ ବାରିକ, କରୁଣାକର ବାରିକ, ପ୍ରଦୀପ ମହଲା, ବିଜୟ କଟୁଆଳ, ପ୍ରଫୁଲ୍ଲ ବାରିକ ପ୍ରମୁଖ କହିଛନ୍ତି। ତେବେ ବନ୍ଧର ସୁରକ୍ଷା ସାଙ୍ଗକୁ ଜଳ ନିଷ୍କାସନ ହେଉଥିବା ସ୍ଥାନରେ ବହୁ ପୂର୍ବରୁ ଲାଗିଥିବା ସଟରର ପୁନଃ ମରାମତି ପାଇଁ ଦାବି ହେଉଛି। ସଟର ବା କବାଟଟି କାର୍ଯ୍ୟକ୍ଷମ ନ ହେବା ଯୋଗୁଁ ଦୁଇ ପାର୍ଶ୍ୱରେ ପାଣି ଧିରେ ଧିରେ ବହିଯାଉଛି। ଫଳରେ ବର୍ଷାଋତୁ ପରେ ପରେ ବନ୍ଧ ଶୁଖିଲା ପଡୁଛି। ଯାହା ଗ୍ରୀଷ୍ମଋତୁ ବେଳକୁ ମରୁଭୂମି ପାଲଟୁଛି ପ୍ରକଳ୍ପ। ଚାଷୀଙ୍କ ପକ୍ଷରୁ ଦୁଇବର୍ଷ ହେବ ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଲେ ଚାଷୀଙ୍କ ସ୍ୱାର୍ଥରେ ଆସିପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ଭିନ୍ନ ଜଣେ ପୁଲିସ କର୍ମଚାରୀ

# ଚିତ୍ର ଆଙ୍କି ହୃଦୟ ଜିତୁଛନ୍ତି ଶିଳ୍ପୀ ଧ୍ରୁବଜ୍ୟୋତି



ଆନନ୍ଦପୁର, ୧୪।୩ (ସମିସ): ପେସାରେ ପୁଲିସ କର୍ମଚାରୀ ସାଧନା କିନ୍ତୁ ରଙ୍ଗ ଓ ତୂଳୀକୁ ନେଇ ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆଙ୍କି ସାରିଲେଣି ଶହ ଶହ ସୁନ୍ଦର ଚିତ୍ରକୃତି। ବିଭିନ୍ନ ମହଲରୁ ଏନେଇ ମିଳୁଛି ପ୍ରଶଂସା। ଦେହରେ ଖାକି ପୋଷାକ, ଏଭଳି ଚିତ୍ରଶିଳ୍ପୀ ଚର୍ଚ୍ଚାକୁ ଆସିଛନ୍ତି। ଏ କାହାଣୀ ହେଉଛି ଜଣେ ପୁଲିସ କର୍ମଚାରୀଙ୍କର ଯାହାଙ୍କ କଳାକୃତି ଦେଖିଲେ ମନକୁ ଛୁଇଁଯାଏ। ପୁଲିସ କଥା ଭାବିଲେ ମନରେ ଜାତ ହୁଏ, କଠୋରତାର ଚିତ୍ର, ହେଲେ ସେହି ପୁଲିସ ଖାକି ତଳେ ଏଭଳି ଜଣେ ଚିତ୍ରଶିଳ୍ପୀଙ୍କ ଦ୍ୱାରା ହୃଦୟସ୍ପର୍ଶୀ ଭାବନା ଚିତ୍ର ମାଧ୍ୟମରେ ପରିପ୍ରକାଶ ହୋଇପାରୁଛି, ସେନେଇ ପ୍ରଶଂସା ସାଉଁଟୁଛନ୍ତି ସ୍ଥାନୀୟ ଜଣେ ପୁଲିସ କର୍ମଚାରୀ। ଆନନ୍ଦପୁର ଉପଖଣ୍ଡ ହାଟଡିହି ଗ୍ରାମର ବଟକୃଷ୍ଣ ପୃଷ୍ଟିଙ୍କ ପୁତ୍ର ଧ୍ରୁବଜ୍ୟୋତି ପୃଷ୍ଟି (୪୨)। ତାଙ୍କ ଚିତ୍ରସାଧନା ଦେଖିଲେ ପୁଲିସ କର୍ମଚାରୀଙ୍କ କାର୍ଯ୍ୟଶୈଳୀ, ମନର ଛବି ଯାହା ବି କିଛି କଥା ଭୁଲ ପ୍ରମାଣିତ ହୁଏ। ଧ୍ରୁବଜ୍ୟୋତି ସେଭଳି ଜଣେ ଏକଲବ୍ୟ ଯାହାଙ୍କର କୌଣସି ଗୁରୁ ନଥିଲେ କିମ୍ବା କୌଣସି ଆର୍ଟ କଲେଜରେ ସେ ତାଲିମ ନେଇ ନାହାଁନ୍ତି। ତେବେ କେନ୍ଦୁଝର ଚିତ୍ରଶିଳ୍ପୀ ଗୁରୁ ଭୁବନ ମୋହନ ତ୍ରିପାଠୀ ଓ ବିଜୟ ବିଶ୍ୱାଳଙ୍କଠାରୁ ପ୍ରେରଣା ପାଇ ସେ ନିଜର ଚିତ୍ରସାଧନାକୁ ଆଗେଇ ନେଇପାରିଛନ୍ତି ଏବଂ ଅଜସ୍ର ପ୍ରଶଂସା ସାଉଁଟି ପାରିଛନ୍ତି। ନିଜର ପ୍ରତିଭା ଓ ସୃଜନଶୀଳତାକୁ ଆଧାର କରି ଫୁରସତ୍ ସମୟରେ ଚିତ୍ର ଆଙ୍କିବା ଦ୍ୱାରା ତାଙ୍କ ତୁଳୀର ଯାଦୁଗରୀ ଛବିଟି ଜୀବନ୍ତ ହୋଇଉଠୁଛି। କେନ୍ଦୁଝରର ପୂର୍ବତନ ଏସପି ରାଜେଶ ପଣ୍ଡିତ ଓ ଜୟନାରାୟଣ ପଙ୍କଜଙ୍କ ଛବି ଆଙ୍କି ଖୁବ୍ ପ୍ରଶଂସା ସାଉଁଟିଥିଲେ ଧ୍ରୁବଜ୍ୟୋତି ଏବଂ ମୁଖ୍ୟସ୍ରୋତରେ ଚର୍ଚ୍ଚାକୁ ମଧ୍ୟ ଆସିଥିଲେ। ଏ ସମ୍ପର୍କରେ ପଚାରିଲେ ସେ କହନ୍ତି ଯେ 'ଖାକି ତଳେ ଜଣେ ମଣିଷ ହିଁ ବଞ୍ଚିଛି, ପୁଲିସ ଅନ୍ୟମାନଙ୍କ ଭଳି ହିଁ ଜଣେ ମଣିଷ। ଆଗକୁ ଏକକ ଚିତ୍ର ପ୍ରଦର୍ଶନୀର ଯୋଜନା ରଖିଛି, ସମୟ ସୁଯୋଗ ମିଳିଲେ ତାହା ସାକାର କରିବି'। ପିଲାଟି ବେଳୁ ଚିତ୍ରକଳା ପ୍ରତି ଆଗ୍ରହ ଥିଲା ଧ୍ରୁବଜ୍ୟୋତିଙ୍କର, ଏପରିକି ଭଦ୍ରକ ଚାରୁକଳା ମହାବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ହେଲେ, ବିଧିର ବିଧାନ ଥିଲା ଅଲଗା। ପାଠ ପଢ଼ିବା ପରେ ପାସ ହୋଇ ସେ ୨୦୦୮ ନଭେମ୍ବର ୧୭ ତାରିଖରେ ରିଜର୍ଭ ପୁଲିସରେ ଭର୍ତ୍ତି ହୋଇଥିଲେ। ଏହାପରେ ମଧ୍ୟ ସେ ପୁଣିଥରେ ରଙ୍ଗ ଧରିବା ଆରମ୍ଭ କରିଥିଲେ। ଆଜି ପର୍ଯ୍ୟନ୍ତ ସେ ୪୦୦ରୁ ଊର୍ଦ୍ଧ୍ୱ ସୁନ୍ଦର ସୁନ୍ଦର ଚିତ୍ର କରି ବହୁ ପ୍ରଶଂସା ଲାଭ କରିଛନ୍ତି। ଆଗକୁ ଏପରି ଚିତ୍ର ଆଙ୍କିବା ଜାରି ରହିବ ବୋଲି ଶ୍ରୀ ପୃଷ୍ଟି କହିଛନ୍ତି।

### ଜିଲ୍ଲାରେ ଧାନକିଣା ପ୍ରକ୍ରିୟାରେ ଚରମ ଅବହେଳା

# ସରି ଆସିଲାଣି ଟୋକନ ଅବଧି, ଧାନ ଦେଇନାହାନ୍ତି ୪୨ ହଜାର ଚାଷୀ

ବାଲେଶ୍ୱର, ୧୪ ।୩(ସମିସ)

ଗତବର୍ଷ ଧାନକିଣାରେ ବିଭ୍ରାଟ ଦେଖା ଦେବା ପରେ ଚଳିତ ବର୍ଷ ଅଧିକ ବିଭ୍ରାଟ ଦେଖିବାକୁ ମିଳିଛି। ପ୍ରଥମେ ମିଲର ଓ ସମବାୟ ସମିତି ମଧ୍ୟରେ ହୋଇଥିବା ବିବାଦ ଯୋଗୁଁ ଧାନ କିଣିବା ପ୍ରକ୍ରିୟା ବିଳମ୍ବ ହୋଇଥିଲା। କିଛିମାତ୍ରାରେ ସମସ୍ୟାର ସମାଧାନ ପରେ ଧାନ କିଣା ହେଲା ସତ କିନ୍ତୁ ତାହା ବହୁ ଅବ୍ୟବସ୍ଥା ମଧ୍ୟରେ। ଏପରିକି ଗୋଟିଏ ଗୋଟିଏ ମଣ୍ଡିରେ ଧାନ କିଣା ସମୟ ହେବାକୁ ଟୋକନ ଲାପ୍ସ କରିଯାଇଛି। ଅନ୍ୟପଟେ ଚାଷୀମାନେ ପୂର୍ବରୁ ପଞ୍ଜୀକରଣ କରିସାରିଥିବା ବେଳେ ଧାନ ମଧ୍ୟ ଅମଳ କରିସାରିଛନ୍ତି। ହେଲେ ମଣ୍ଡିରେ ଧାନ କିଣା ନ ହେବା ଫଳରେ ଚାଷୀମାନେ ଧାନ ବିକ୍ରି କରିବାରୁ ବଂଚିତ ହୋଇଛନ୍ତି। ଅନ୍ୟପଟେ ବିଭିନ୍ନ ସମୟରେ ମଣ୍ଡିମାନଙ୍କରେ ଧାନ କିଣା ହୋଇ ନ ପାରିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବାଧ ହୋଇ ଚାଷୀମାନେ ରାସ୍ତାକୁ ଓହ୍ଲାଇବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ହେଲେ ଏବେ ଜିଲ୍ଲାରେ ଧାନ କିଣା ପଛୁଆ ରହିଥିବା ବେଳେ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୨ହଜାରରୁ ଅଧିକ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇପାରି ନାହାନ୍ତି। ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ ୧୬ଲକ୍ଷ ୮୩ହଜାର କୁଇନଟାଲ ଧାନର ଟାର୍ଗେଟ ରହିଛି। ଏହି ଧାନ ସବୁ ଜିଲ୍ଲାରେ ଥିବା୧୭୬ଟି ମଣ୍ଡିରୁ କିଣାଯିବ। ଚଳିତ ବର୍ଷ ମଣ୍ଡିରେ ଧାନ ଦେବା ପାଇଁ୧ ଲକ୍ଷ୨୫ହଜାର ୭୫୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରେ ମାର୍ଚ୍ଚମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲ୍ଲାରେ ୮୩ହଜାର୨୮ ୯ ଜଣ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ଦେଇଛନ୍ତି। ବାକି ୪୨ହଜାର ୪୬୭ ଜଣ ଚାଷୀ ଏବେ ସୁଦ୍ଧା ମଣ୍ଡିରେ ସେମାନଙ୍କ ଧାନ ଦେଇପାରି ନାହାନ୍ତି। ଯାହାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଡବଲ ଇଞ୍ଜିନ ସରକାରଙ୍କ ଚରମ ଅବହେଳାକୁ ପ୍ରଦର୍ଶନ କରୁଛି। ଅନ୍ୟପଟେ ଦେଖିବାକୁ ଗଲେ ଜିଲ୍ଲାରେ ଚଳିତ ବର୍ଷ ୨୫ଟି ମିଲର ଧାନ କିଣିବା କଥା। ହେଲେ ପ୍ରଥମ ପର୍ଯ୍ୟାୟରେ ସେଥିମଧ୍ୟରୁ ମାତ୍ର ୮ଟି ମିଲରଙ୍କ ସମବାୟ ସମିତିଙ୍କ ସହ ବୁଝାମଣା ସ୍ୱାକ୍ଷର ହୋଇଥିଲା। ପର ମୁହୂର୍ତ୍ତରେ ପାଖାପାଖି ସମସ୍ତ ମିଲରମାନଙ୍କ ସହ ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାଯାଇଛି। ଜିଲ୍ଲାରେ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ଧାନ କିଣା। ସମସ୍ତ ମିଲରମାନଙ୍କ ସହ ଚୁକ୍ତି ହେବା ପରେ ମଧ୍ୟ ମଣ୍ଡିମାନଙ୍କରେ ଧାନ କିଣାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ଡବଲ ଇଞ୍ଜିନ ସରକାର ଚାଷୀମାନଙ୍କୁ ଡବଲ ଧୋକା ଦେଉଥିବା ବେଳେ କ୍ୱିଣ୍ଟାଲ ପିଛା ୮ରୁ୧୨କେଜି ଧାନ କାଟୁଛି। ଏହାଛଡା ଚଳିତ ବର୍ଷ ମିଲର ଏବଂ ସମବାୟ ସମିତି ମଧ୍ୟରେ ବିବାଦ ସୃଷ୍ଟି ହେବା କାରଣରୁ ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ମଣ୍ଡିରେ ଏ ପର୍ଯ୍ୟନ୍ତ ଧାନ କିଣା ସରିନଥିବା ବେଳେ ଅଧିକାଂଶ ଚାଷୀଙ୍କୀ ଟୋକନ ଲାପ୍ସ ହୋଇଯାଇଥିବା ବେଳେ ଆଉ କିଛି ଚାଷୀଙ୍କର ଟୋକନ ମଧ୍ୟ ଲାପ୍ସ ହେବାକୁ ବସିଲାଣି। ଏତଦବ୍ୟତିତ ବିଭିନ୍ନ ସମବାୟ ସମିତିରେ ଟୋକନ ପାଇଥିବା ଚାଷୀମାନଙ୍କର ଧାନ ବିଳମ୍ବରେ ନିଆଯାଉଛି। ବେଆଇନ ଭାବେ ମିଲରମାନେ ଚାଷୀଙ୍କ ଧାନକୁ କ୍ୱିଣ୍ଟାଲ ପିଛା ୮ରୁ୧୨କେଜି କାଟୁଥିବା ବେଳେ ଚାଷୀମାନଙ୍କୁ ଅଖା ପଇସା ଓ ପରିବହନ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଉ ନାହିଁ। ଅନ୍ୟପଟେ ସରକାର ବଦଳିବା ପରେ ଚାଷୀମାନଙ୍କ ପ୍ରତି ଶୋଷଣ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଆରଏମସଏ ବିଭାଗକୁ ମିଲରମାନେ କବଜା କରି ରଖିବା ବାଲେଶ୍ୱରରେ ଏଫଏକ୍ୟୁ ମାନର ଧାନ ନାହିଁ ବୋଲି ପ୍ରଚାର ମଧ୍ୟ କରୁଛନ୍ତି।

## ସମିତିରେ ତାଲା ପକାଇ ଚାଷୀଙ୍କ ଆନ୍ଦୋଳନ



**ଜଳେଶ୍ୱର ବ୍ଲକ, ୧୪।୩ (ସମିସ) :** ବାଲେଶ୍ୱର ଜିଲ୍ଲାରେ ଧାନ କିଣା ପ୍ରକ୍ରିୟାକୁ ୨ ମାସ ରୁ ଅଧିକ ସମୟ ବିତିଗଲାଣି। ରାଜ୍ୟ ସରକାର ଧାନ କିଣା ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ ଶେଷ ହେବାକୁ ଯାଇଥିଲା ବେଳେ ଏ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ବ୍ୟବସ୍ଥିତ ହୋଇ ପାରୁନାହିଁ। ଏପରିକି ଚାଷୀଙ୍କ ଟୋକନ ଅବଧି ସରିବା ପରେ ମଧ୍ୟ ଚାଷୀଙ୍କ ଧାନ କିଣିବାରେ ପ୍ରଶାସନ ଫେଲ୍ ମାରିଥିବା ଦେଖା ଯାଇଛି। ବିଭିନ୍ନ ମଣ୍ଡିରେ ଧାନ କିଣା ଯାଇ ନଥିବାରୁ ଏବଂ ଟୋକନ ଅବଧି ଶେଷ ହେବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖରିଫ ଋତୁରେ ପଞ୍ଜୀକୃତ ହୋଇଥିବା ଚାଷୀ ଧାନ ବିକ୍ରି କରିପାରି ନ ଥିବା ବେଳେ ପୁଣି ଥରେ ସରକାରଙ୍କ ରବି ଋତୁ ପାଇଁ ଚାଷୀ ପଞ୍ଜିକରଣ ପାଇଁ ଆବେଦନ ପତ୍ର ବଣ୍ଟା ଯିବାକୁ ନେଇ ଖୁଆଡ ସମବାୟ ସମିତିରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଯାଉଛି। ଏହି ସମିତିରେ ମୋଟ ୪୬୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥଲେ ମଧ୍ୟ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ୨୫୦ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ବାକି ୨୦୦ ଚାଷୀ ଏ ପର୍ଯ୍ୟନ୍ତ ଧାନ ବିକ୍ରିକରିବାରୁ ବଞ୍ଚିତ ରହିଛନ୍ତି ଯାହାକୁ ନେଇ ଆଜି ସକାଳ ୧୧ ଘଟିକା ସମୟରେ ରବି ଋତୁ ପଞ୍ଜୀକରଣ ଫର୍ମ ପ୍ରଦାନ ବେଳେ ଚାଷୀ ସଞ୍ଜୟ ପାତ୍ର, ସତ୍ୟବାନ ଚକ୍ରବର୍ତ୍ତୀ, ମିହିର ସାହୁ, ଶିଶିର ସାହୁ, ହରିଶ ଚନ୍ଦ୍ର ଘୋଷ, ସମୀର ସାହୁ, ଉମାକାନ୍ତ ପାତ୍ର, ମଧୁସୂଦନ ସାହୁ, ପଞ୍ଚାନନ ବେହେରା, ଅଜୟ କୁମାର ମଲ୍ଲିକ ପ୍ରମୁଖ ଅନେକ ଚାଷୀ ସମିତି କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ସମିତିର ସଂପାଦକ ମନୋଜ କୁମାର ଜେନା ଓ ସଭାପତି ବୀରକିଶୋର ଦାସଙ୍କ ଉପସ୍ଥିତିରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଯେ ପର୍ଯ୍ୟନ୍ତ ଖରିଫ ଋତୁର ଧାନ କିଣା ସମ୍ପୂର୍ଣ୍ଣ ହୋଇ ନାହିଁ ସେ ପର୍ଯ୍ୟନ୍ତ ରବି ଋତୁ ପାଇଁ ପଞ୍ଜୀକରଣ ଫର୍ମ ପ୍ରଦାନ କରାଯାଇ ପାରିବ ନାହିଁ କହି ଜିଦ୍ ଅଟଳ ରହିଥିଲେ ଚାଷୀ। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଖୁବ୍ ଶୀଘ୍ର ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବାର ବ୍ୟବସ୍ଥା କରିବୁ।

## ମେଡିକାଲ ଲାବୋରୋଟାରୀ ଟେକ୍ନିସିଆନ୍ ଦିବସ




**ବାଲେଶ୍ୱର, ୧୪।୩(ସମିସ) :** ଜିଲ୍ଲାର ସମସ୍ତ ମେଡିକାଲ ଲାବୋରୋଟାରୀ ଟେକ୍ନିସିଆନମାନଙ୍କ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଟିୟୁ ହଲରେ ଲାବୋରାଟୋରୀ ଟେକ୍ନିସିଆନ୍ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାର ମୁଖ୍ୟ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲାବୋରାଟୋରୀ ଟେକ୍ନିସିଆନଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ପ୍ରଶାସନିକ ଅଧିକାରିଣୀ ଅନିତା ନାୟକ, ଡିଏମଓ ଏମସ୍ ଡାକ୍ତର ଅମୂଲ୍ୟ ଦାସ, ଜିଲ୍ଲା କୁଷ୍ଠବିଭାଗ ଅଧିକାରୀ ଡାକ୍ତର ସନ୍ଦୀପ ପ୍ରଧାନ, ଜିଲ୍ଲା ଯକ୍ଷ୍ମା ବିଭାଗ ଅଧିକାରୀ ଡାକ୍ତର ମନୋଜ କୁମାର ସାହୁ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ପାଥୋଲୋଜିଷ୍ଟ ଡାକ୍ତର ହିମାଦ୍ରୀ ପାଲ ଏବଂ ଡାକ୍ତର ଜି. ପୂର୍ଣ୍ଣ୍ୟତୋୟା ଯୋଗଦେଇ ରୋଗୀଙ୍କୁ ସୁରକ୍ଷିତ ଚିକିତ୍ସା ସେବାରେ ଲାବୋରାଟୋରୀ ଟେକ୍ନିସିଆନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଲାବୋରାଟୋରୀ ଟେକ୍ନିସିଆନମାନେ ନିଜର ଅନୁଭୂତି ବଖାଣିଥିଲେ। ଲାବୋରାଟୋରୀ ଟେକ୍ନିସିଆନ ଭାଗିରଥୀ ମାଝୀ, ଦେବାଶିଷ ଦତ୍ତ, ରାଜ୍ୟ ସଭାପତି ଲେଲିନ୍ ପଣ୍ଡା,ସନ୍ତୋଷ ବାରିକ, ମାନସ ମହାନ୍ତି,ସମୀର ଘୋଷ, ସାନୁ କୁମାର ଶାସମଲ, ଅଭିଜିତ ଦତ୍ତ, ଅମୀୟ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରିକେଟ ମହାକୁମ୍ଭର ଟ୍ରଫି ଉନ୍ମୋଚିତ



**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୪।୩ (ସମିସ):** ଜଳେଶ୍ୱର ବ୍ଲକ ଗଡସାହି ବାଲିଆପାଳ ପଞ୍ଚାୟତରେ କ୍ରିକେଟ ମହାକୁମ୍ଭ ୧୫ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି। ଗଡସାହି ବାଲିଆପାଳ ସରପଞ୍ଚ ଧ୍ରୁବଜ୍ୟୋତି ଗିରିଙ୍କ ଦ୍ୱାରା ୩୫ ଟି ପଞ୍ଚାୟତରୁ ୩୬ଟି ଟିମ୍‌କୁ ନେଇ ଏହି କ୍ରିକେଟ ମହାକୁମ୍ଭର ଆୟୋଜନ ହୋଇଛି। ଆଜି ଦିନ ୧୦ ଟାରେ ପାଇକସିଦା ପଞ୍ଚାୟତର କେସପୁରା ହାଟ ପଡ଼ିଆଠାରୁ ଗଡସାହି ବାଲିଆପାଳ କ୍ରିକେଟ୍ ମହାକୁମ୍ଭ-୨୦୨୬ର ଶୋଭାଯାତ୍ରା ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜ ଭବନ ମଣ୍ଡପ ରେ ଟ୍ରଫି ଉନ୍ମୋଚିତ ହୋଇଥିଲା। ସରପଞ୍ଚ ଧ୍ରୁବଜ୍ୟୋତି ଗିରି ଏହି ଟ୍ରଫି ଉନ୍ମୋଚନ କରିଥିଲେ। ଯୁବନେତା ଗୌତମ ପାତ୍ର, ଗଣେଷ ଦଳାଇ, ଡି ପି ପୁର ସରପଞ୍ଚ ପ୍ରତିନିଧି ଗୌରାଙ୍ଗ ବେହେରାଙ୍କ ସହ ୩୬ ଟି କ୍ରିକେଟ୍ ଦଳର ଅଧିନାୟକଙ୍କ ସହ ସମସ୍ତ କ୍ରିକେଟ୍ ଖେଳାଳି ଉପସ୍ଥିତ ଥିଲେ।

## ଭୋଗରାଇ ବାର୍ ଆସୋସିଏସନର କାର୍ଯ୍ୟକାରିଣୀ ସମିତି ନିର୍ବାଚନ



**ଚନ୍ଦନେଶ୍ୱର/ଭୋଗରାଇ, ୧୪।୩ (ସମିସ):** ଓଡ଼ିଶା ବାର କାଉନସିଲ କଟକଙ୍କ ଚିଠି ନଂ ୪୨୦/୨୦୨୬ ଅନୁଯାୟୀ ଭୋଗରାଇ ବାର୍ ଆସୋସିଏସନର ପ୍ରଥମ ଥର ପାଇଁ ରାଜ୍ୟ ବାର କାଉନସିଲ ସହିତ ଆନୁସଙ୍ଗିକ ହୋଇଛି। ଯାହା ଭୋଗରାଇ ବାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଚଳିତ ମାସ ୨୮ରେ ହେବାକୁ ଥିବା ଭୋଗରାଇ ବାର ଆସୋସିଏସନର କାର୍ଯ୍ୟକାରିଣୀ ସମିତି ନିର୍ବାଚନ ପାଇଁ ଦାଖଲ ହୋଇ ଥିବା ନାମାଙ୍କନ ପତ୍ର ଯାଞ୍ଚ ପରେ ୧୪ଟି ପଦବୀ ପାଇଁ ଗୋଟିଏ ଲେଖାଏଁ ନାମାଙ୍କନ ପତ୍ର ଦାଖଲ ହୋଇ ଥିବାରୁ ସମସ୍ତ ପ୍ରାର୍ଥୀଙ୍କୁ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ଘୋଷଣା କରିଛନ୍ତି ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ। ଭୋଗରାଇ ବାର ଆସୋସିଏସନର ସଭାପତି ଭାବେ ଗୌରହରି ଘୋଷ, ଉପ ସଭାପତି ପ୍ରଦୀପ୍ତ କିଶୋର ଜେନା, ସମ୍ପାଦକ ଅରୁପ ଜେନା, ସହ ସମ୍ପାଦକ ସୁଖେନ୍ଦୁ ବାରିକ, ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ମହାନ୍ତି, କୋଷାଧ୍ୟକ୍ଷ ତାରାପଦ ଜେନା,ସହ କୋଷାଧ୍ୟକ୍ଷ ରେଜିଆ ସୁଲତାନା ବେଗମ ଏବଂ ଲାଇବ୍ରେରୀ ସମ୍ପାଦକ ଭାବେ କମଳ ଲୋଚନ ସେଠୀ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରିଣୀ ସଦସ୍ୟମାନେ ହେଲେ ବିଶ୍ୱଜିତ ଦାସ, ରାଜ କିଶୋର ଜେନା, ରାଜଶ୍ରୀ ଦାସ, ଲୋପାମୁଦ୍ରା ପଟ୍ଟନାୟକ, ସୁଜଳିତା ନାୟକ ଏବଂ ସୁବାସ ଦାସ।

## ବିପଦସଂକୁଳ ଅବସ୍ଥାରେ ଶ୍ରଦ୍ଧାପୁର ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର



**ଚନ୍ଦନେଶ୍ୱର,୧୪।୩ (ସମିସ):** ଦୀର୍ଘ ବର୍ଷ ହେବ ବିପଦ ସଂକୁଳ ଅବସ୍ଥାରେ ଚାଲିଛି ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର।ଏହି କେନ୍ଦ୍ରଟି ମରାମତି ଅଭାବରୁ ଛାତ ଫାଟି ପାଣି ପଡୁଥିବା ବେଳେ କାନ୍ଥ, ଝରକା ଓ କବାଟ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ବହୁ ସମୟରେ ବିଶାକ୍ତ ସାପ ମଧ୍ୟ ବାହାରୁଛି। ବିପଦ ପୂର୍ଣ୍ଣ ଅବସ୍ଥାରେ ନିଜ ଜୀବନକୁ ବାଜି ଲଗାଇ ପ୍ରାଣୀ ସହାୟକ ଏଠାରେ ଗୋରୁ,ଗାଈଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ଏଭଳି ଅବସ୍ଥାରେ ନୂତନ ଗୃହ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଅନୁସାରେ,ଶ୍ରଦ୍ଧାପୁର ପ୍ରାଣୀ ସହାୟକ କେନ୍ଦ୍ର ୨୦୧୦ ମସିହାରେ ନିର୍ମାଣ ହୋଇଥିଲା। ଏହା ଉପରେ ଶ୍ରଦ୍ଧାପୁର, କାନ୍ଠିଥଭଉଁରୀ, ଶଙ୍ଖାରୀ ଗୋଛିଦାତେଘରୀ ଓ ଜଗନ୍ନାଥପୁର ଆଦି ପାଞ୍ଚଟି ପଞ୍ଚାୟତ ନିର୍ଭର କରନ୍ତି।୨୦୧୨ ମସିହାରୁ ପ୍ରାଣୀ ସହାୟକ ପାର୍ଥ ସାରଥୀ ଦାସ ୫ଟି ପଞ୍ଚାୟତର ୫ ହଜାର ୩୭୦ ଗୋରୁ, ଗାଈଙ୍କ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ସହାୟକ କେନ୍ଦ୍ରକୁ ଲାଗି ଗୋଶାଳାର ଅବସ୍ଥା ମଧ୍ୟ ଦୟନୀୟ। ସହାୟକ କେନ୍ଦ୍ରର ଛାତ ଫାଟି ପାଣି ପଡୁଥିବା ବେଳେ କାନ୍ଥ, ଝରକା ଓ କବାଟ ଭାଙ୍ଗି ନଷ୍ଟ ହୋଇଗଲାଣି। ବର୍ଷା ହେଲେ ଘର ଭିତରେ ଥିବା କାଗଜପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଭିଜି ଯାଇ ନଷ୍ଟ ହୋଇଯାଉଛି। ୫ ଟି ପଞ୍ଚାୟତର ୫ ହଜାର ୩୭୦ ଗୋରୁ ଓ ଗାଈଙ୍କ ପାଇଁ ସବୁ ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଯାଇ ପ୍ରାଣୀ ସହାୟକ ଶ୍ରୀ ଦାସଙ୍କ ପରିବାର ଏହି ବିପଦ ସଂକୁଳ ଘରେ ବସବାସ କରୁଛନ୍ତି।ସମସ୍ୟା ବିଷୟରେ ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କିଛି ଲାଭ ମିଳୁନାହିଁ। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ପାଇଁ ସୁଜିତ ପରିଡା, ଅଭିଲାଷ ଦାସ, ସତ୍ୟ କୁମାର ସାମଲ, ବିଜୟ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଭଞ୍ଜ ପ୍ରମୁଖ ଦାବି କରିଛନ୍ତି।

## ନଦୀରେ ଗାଧୋଉଥିବା ବେଳେ ନାବାଳକ ନିଖୋଜ

**ବାଲେଶ୍ୱର,୧୪ ।୩(ସମିସ):** ଆଜି ସକାଳେ ଟାଉନଥାନା ଅର୍ନ୍ତଗତ ବାଲିଘାଟ ପୋଲଠାରେ ଅଘଟଣ ଘଟିଛି। ବୁଢ଼ାବଳଙ୍ଗ ନଦୀରେ ୪ଜଣ ସାଙ୍ଗ ଗାଧୋଉଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି। ତେବେ ତାଙ୍କର ପରିଚୟ ସ୍ପଷ୍ଟ ଭାବେ ମିଳିନଥିବା ବେଳେ ଚାନ୍ଦମାରି ଅଞ୍ଚଳର ବୋଲି ଜଣାଯାଇଛି। ଘଟଣା ସ୍ଥଳରେ ଟାଉନ ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ପହଁଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ସୂଚନା ଅନୁସାରେ, ଚାନ୍ଦିମାରି, ମନସିଂବଜାର,ଖପରାପଦା ଓ ପୁଲିସ ଲାଇନ ଅଂଚଳର ଚାରି ଜଣ ସାଙ୍ଗ ଆଜି ସକାଳ ୯ଟା ସମୟରେ ବାଲିଘାଟସ୍ଥିତ ବୁଢ଼ାବଳଙ୍ଗ ନଦୀକୁ ଗାଧୋଇବା ପାଇଁ ଆସିଥିଲେ। ଏହି ସମୟରେ ୪ଜଣ ସାଙ୍ଗଙ୍କ ମଧ୍ୟରେ ଜଣେ ସାଙ୍ଗ ଯାହାର ବୟସ ୧୪ବର୍ଷ ହେବ ସେ ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ନଦୀ ସ୍ରୋତରେ ଭାସିଯାଇଥିଲେ। ସେ ଭାସିଯିବା ଦେଖି ପାଖରେ ଥିବା ସାଙ୍ଗମାନେ ତୁରନ୍ତ ନିକଟରେ ଥିବା ଗାଁ ଲୋକଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ଓ ପୁଲିସକୁ ଖବର ଦିଆଯାଇଥିଲା। ଘଟଣା ସ୍ଥଳରେ ଦମକଳ ବାହିନୀ ପହଁଚି ଖୋଜାଖୋଜି କରୁଥିବା ବେଳେ ଏବେ ସୁଦ୍ଧା ଉକ୍ତ ଛାତ୍ରଙ୍କୁ ଉଦ୍ଧାର କରାଯାଇ ନାହିଁ।



## କଳମାରେ ହେବ ବ୍ଲକସ୍ତରୀୟ ଷ୍ଟାଡିୟମ୍

**ଜଳେଶ୍ୱର ବ୍ଲକ, ୧୪।୩ (ସମିସ):** ଜଳେଶ୍ୱର ବ୍ଲକର କଳମା ଗ୍ରାମ ପଞ୍ଚାୟତର ପଥରଖୋଳ ଠାରେ ହେବାକୁ ଯାଉଛି ବ୍ଲକ ସ୍ତରୀୟ ଷ୍ଟାଡିୟମ୍। ଏ ନେଇ ସ୍ଥାନ ନିରୂପଣ ସାଙ୍ଗକୁ ୧୨ ଏକରରୁ ଅଧିକ ଜମି ଚିହ୍ନଟ ହୋଇ ସାରିଛି। ଏହାର ଡିଜାଇନ୍ ସାଙ୍ଗକୁ ଏଷ୍ଟିମେଣ୍ଟ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଇଡକୋ ସଂସ୍ଥା ହାତକୁ ନେଉଛି । ଏ ନେଇ ବିଧାନସଭାରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନରେ ଉତ୍ତରରେ କହିଛନ୍ତି କ୍ରୀଡା କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ଗ୍ରାମାଞ୍ଚଳର ଯୁବକ ଯୁବତୀ ଖେଳକୁ ପ୍ରାଧାନ୍ୟ ଦେବା ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ଖେଳରେ ନିଜର ପାରଦର୍ଶିତା ହାସଲ କରିବାରେ ସକ୍ଷମ ହୋଇ ପାରିବେ ବୋଲି ବିଧାୟକ ଶ୍ରୀ ପାତ୍ର କହିଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

**ସୋର,୧୪।୩ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟରେ ଅଜଣା ଗାଡି ଧକାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୋର ଥାନା ତଳନଗର ଗ୍ରାମର ପ୍ରଶାନ୍ତ ଦାସ ଆଜି ଅପରାହ୍ନରେ ନିଜ ସ୍କୁଟି ଯୋଗେ ସୋରରୁ ଘରକୁ ଫେରୁଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଏକ ଅଜଣାଗାଡି ତାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ପ୍ରଶାନ୍ତ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

## ମିଳୁନି ପାନୀୟ ଜଳ; ପାଣି ପମ୍ପରେ ପଡ଼ିଲା ତାଲା



**ଔପଦା, ୧୪।୩ (ସମିସ):** ପ୍ରଚଣ୍ଡ ଖରା ସାଙ୍ଗକୁ ପାନୀୟ ଜଳର ଘୋର ଅଭାବ। ଔପଦା ବ୍ଲକ ତଳକିଆ ପଞ୍ଚାୟତରେ ଜଳକଷ୍ଟ ଏବେ ଉଗ୍ର ରୂପ ଧାରଣ କରିଛି। ବସୁଧା ଯୋଜନାରେ ନିର୍ମିତ ୫୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ଥାଇ ମଧ୍ୟ ଲୋକେ ବୁନ୍ଦାଏ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଆଜି ପ୍ରତାପପୁର ଗ୍ରାମର ମହିଳାମାନେ ଉତ୍ତ୍ୟକ୍ତ ହୋଇ ପାଣି ପମ୍ପରେ ତାଲା ପକାଇ ଦେଇଥିବା ଦେଖିବାକୁ ମିଳିଛି। ପ୍ରତାପପୁର ଓ ମାଟିଗଡ଼ା ଗ୍ରାମର ପ୍ରାୟ ୧୫ ଶହରୁ ଅଧିକ ପରିବାର ଏହି ପାଇପ୍ ଲାଇନ ଉପରେ ନିର୍ଭର କରନ୍ତି। ଦୀର୍ଘ ଦିନ ହେବ ପ୍ରତାପପୁର, ଭଗବାନପୁର ଶାସନ, ବେହେରାସାହି ଓ ସିଂହସାହିକୁ ପାଣି ପହଞ୍ଚୁ ନାହିଁ। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆଜି ମହିଳାମାନେ ପମ୍ପ ହାଉସ୍‌ରେ ତାଲା ପକାଇଥିଲେ। ଏହାକୁ କେନ୍ଦ୍ର କରି ମାଟିଗଡ଼ା ଗ୍ରାମବାସୀ ଓ ପ୍ରତାପପୁର ମହିଳାଙ୍କ ମଧ୍ୟରେ କିଛି ସମୟ ପାଇଁ ହୋହାଲ୍ଲା ଓ ଉତ୍ତେଜନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ତାଲା ଖୋଲାଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଏସଡିଓ ଭାଗିରଥି ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ ଏକ ସାଂଘାତିକ ତଥ୍ୟ ରଖିଛନ୍ତି। ତାଙ୍କ କହିବା ଅନୁସାରେ, ପମ୍ପ ଡ୍ରାଇଭରଙ୍କୁ ପଞ୍ଚାୟତ କିମ୍ବା ବିଭାଗ ପକ୍ଷରୁ କୌଣସି ପ୍ରାପ୍ୟ (ଦରମା) ଦିଆଯାଉ ନାହିଁ। ଫଳରେ ସେ ପମ୍ପ ଖୋଲୁ ନାହାନ୍ତି ଏବଂ ଟାଙ୍କିକୁ ପାଣି ଉଠିପାରୁ ନାହିଁ। ଆସନ୍ତା ୨ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନର ଏଭଳି ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ଖୁବ୍ ଶୀଘ୍ର ପାନୀୟ ଜଳ ଯୋଗାଣ ସ୍ୱାଭାବିକ ନ ହୁଏ, ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ସବାଇ ଘାସରୁ ପ୍ରସ୍ତୁତ ଉପକରଣ ଦେଇଛି ଆତ୍ମନିଯୁକ୍ତି

କାଳିପଦା, ୧୪।୩ (ସମିସ)





ଆଜିକାଲି ମହିଳାମାନେ ବିଭିନ୍ନ କାମଧନ୍ଦା କରି ଆତ୍ମନିର୍ଭରଶୀଳ ହେବା ସହିତ ରୋଜଗାରକ୍ଷମ ମଧ୍ୟ ହେଉଛନ୍ତି। ଏହି ଆତ୍ମନିର୍ଭରଶୀଳତା ମହିଳାଙ୍କୁ ସଶକ୍ତ କରିବା ସହିତ ପରିବାରରେ ଏମାନଙ୍କର ଗୁରୁତ୍ୱକୁ ବୃଦ୍ଧି କରିଛି। ଏହିଭଳି ଏକ ନିଆରା ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକର ସବାଇ ଘାସ କାରିଗରଙ୍କଠାରେ। ସବାଇ ଘାସରୁ ପ୍ରସ୍ତୁତ ଉପକରଣ ଏହି ମହିଳାମାନଙ୍କୁ ଦେଇଛି ଆତ୍ମନିଯୁକ୍ତି ଓ ରୋଜଗାର କରିବାର କ୍ଷମତା। ବାଲିଆପାଳ ବ୍ଲକର ରାହ୍ୱା ନାମକ ଏକ ମହିଳା ସ୍ୱେଚ୍ଛାସେବୀ ସଂଗଠନ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏବେ ରାହ୍ୱା ଅଧୀନରେ ଏହି ବ୍ଲକର ଦୁଇ ସହ ପରିବାର ସବାଇ ଘାସରୁ ବିଭିନ୍ନ ଘର କରଣା ଉପକରଣ ପ୍ରସ୍ତୁତ କରି ମହିଳାମାନେ ଖୁବ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ରାହ୍ୱା ଏହି ମହିଳା ମାନଙ୍କୁ କଞ୍ଚାମାଲ ଯୋଗାଇ ଦେବା ସହିତ ଆବଶ୍ୟକ ତାଲିମ ମଧ୍ୟ ପ୍ରଦାନ କରୁଛନ୍ତି। ତିଆରି ସାମଗ୍ରୀ ଗୁଡିକୁ ରାହ୍ୱା ବାହାର ବଜାରକୁ ପଠାଇ ମାର୍କେଟିଂ କରି ମଧ୍ୟ ଖୁବ ଫାଇଦା ପାଉଛି। ଏହି ବ୍ଲକର କରଞ୍ଜ, ବଗଦା, ଗୁଟାମୂଳି, ମଣ୍ଡନାଞ୍ଜି, ସୁରଡ଼ିହା, କାଳିଆଖିଆ, କାଶୀପୁର, ନାରାୟଣପୁର, ଜାମକୁଣ୍ଡା, ଡଗରା, ବେତଗଡିଆ, ପ୍ରତାପପୁର, ନୂଆଗାଁ ଆଦି ଗାଁର ଅଧିକାଂଶ ମହିଳା ସବାଇ ଘାସରୁ ଫୁଲ ଟାଙ୍ଗୁଡ଼ି, କଲମ ଷ୍ଟାଣ୍ଡ, ବ୍ୟାଗ, ପାଛିଆ, ଟୋପି, ସୋଫା ସେଟ, ଟି ପଟ, ମସିଣା, ବସିବା ଆସନ ଇତ୍ୟାଦି ପ୍ରସ୍ତୁତ କରି ଖୁବ ଫାଇଦା ପାଉଛନ୍ତି। ସବାଇ ଘାସ କାରିଗର ମମତା ପଢ଼ିଆରୀ, ବାସନ୍ତୀ ପଢ଼ିଆରୀ, ସୁଜାତା ହାଜିରା, ମାମୁନୀ ବେହେରା, କଳ୍ପନା ପଣ୍ଡା, କବିତା ପଣ୍ଡା, ସ୍ନେହଲତା ସେଠୀ, ବୀଣା ପାଣି ସେଠୀ ପ୍ରମୁଖ ଏହି ସାମଗ୍ରୀ ପ୍ରସ୍ତୁତ କରି ମାସକୁ ପାଞ୍ଚ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ବୋଲି କହିଛନ୍ତି। କୋଭିଡ ସମୟରେ କଞ୍ଚାମାଲ ମିଳିବାରେ ଅନେକ ଅସୁବିଧା ହୋଇଥିଲା ବୋଲି ସମ୍ପାଦିକା ପାତ୍ର କହିଛନ୍ତି। ସାମଗ୍ରୀ ଗୁଡିକ କଟକଣା ଯୋଗୁଁ ବାହାର ରାଜ୍ୟକୁ ବିକ୍ରି ବଟା ପାଇଁ ଯାଇ ପାରି ନ ଥିଲା। ଫଳରେ କାରିଗରମାନେ ସାମଗ୍ରୀ ଗୁଡିକ ବିକ୍ରି କରି ନ ପାରି କ୍ଷତିରେ ପଡ଼ିଥିଲେ।କୋଭିଟ ପରେ ସାମଗ୍ରୀ ଗୁଡିକର ଚାହିଦା ଖୁବ ବଢ଼ି ଯାଇଛି ବୋଲି ରାହ୍ୱାର ସମ୍ପାଦିକା ଆରତୀ ପାତ୍ର କହିଛନ୍ତି। ଏବେ ଦିଲ୍ଲୀ, କଲିକତା, ବାଙ୍ଗାଲୋର, ମୁମ୍ବାଇ, ଚିନ୍ନାଇ ଆଦି ମେଟ୍ରୋ ସିଟିରୁ ବଡ଼ ବଡ଼ ସଂସ୍ଥା ରୁ ସାମଗ୍ରୀ ଗୁଡିକ କିଣିବା ପାଇଁ ଅର୍ଡର ଆସୁଛି। ସରକାର କଞ୍ଚାମାଲ ଗୁଡିକୁ ରିହାତି ମୂଲ୍ୟରେ ଯୋଗାଇ ଦେଲେ କାରିଗରମାନେ ଅଧିକ ଲାଭବାନ ହୋଇ ପାରନ୍ତେ ବୋଲି ସମ୍ପାଦିକା ପାତ୍ର କହିଛନ୍ତି। କଞ୍ଚାମାଲ ମୁଖ୍ୟତଃ ପଡୋଶୀ ମୟୂରଭଞ୍ଜ, କେନ୍ଦୁଝର ଓ ପଡୋଶୀ ପଶ୍ଚିମବଙ୍ଗରୁ ଆସିଥାଏ। ସବାଇ ଘାସ ସାଧାରଣତଃ ବର୍ଷା ଋତୁରେ ପଥୁରିଆ ଢିପ ଜମିରେ ଚାଷ କରାଯାଇଥାଏ। ଏହି ଚାଷୀମାନଙ୍କୁ ସରକାର ପ୍ରୋତ୍ସାହନ ଦେଲେ ସ୍ୱଳ୍ପ ମୂଲ୍ୟରେ ସବାଇ ଘାସ ମିଳି ପାରନ୍ତା ବୋଲି ସେ ମଧ୍ୟ କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମାନେ ଦାବି କରିଛନ୍ତି।



# ‘ଶିକାର’ର ଫାଷ୍ଟ ଲୁକ୍ ରିଲିଜ୍

ଅଭିନେତା ଅମ୍ଲାନ ପୁଣି ଥରେ ଫେରିଛନ୍ତି ବଡ଼ ପରଦାକୁ । ଏଥର ରଜରେ ମୁକ୍ତିଲାଭ କରିବ ତାଙ୍କ ଅଭିନୀତ ଓଡ଼ିଆ ସିନେମା ‘ଶିକାର’ । ନିକଟରେ ତାଙ୍କ ଜନ୍ମଦିନ ଅବସରରେ ଦର୍ଶକଙ୍କ ସାମ୍ନାକୁ ଆସିଛି ଏହାର ଫାଷ୍ଟ ଲୁକ୍ । ଯେଉଁଥିରେ ତାଙ୍କର ଲୁକ୍ ଆଉ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି । ଦମଦାର ପ୍ରଚ୍ଛଦ ସଙ୍ଗୀତ ସାଙ୍ଗକୁ ଶବକୁ ଟାଣି ନେଉଥିବାର ଦୃଶ୍ୟ ଓ ତା’ ସହିତ ଅମ୍ଲାନଙ୍କ ଭଏସ୍ ଯେମିତି ଶିହରଣ ସୃଷ୍ଟି କରିଛି । ନୂଆ ପିଢ଼ିକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି ସିନେମା ରଜ ବଜାରରେ ସଫଳ ହେବ ବୋଲି ଆଶା ରଖିଛି ପ୍ରଯୋଜନା ସଂସ୍ଥା । ଏହି ସିନେମାର ପ୍ରଯୋଜକ ସଚ୍ଚିକାନ୍ତ ଜେନା ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ, କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଗୀତଗୁଡ଼ିକକୁ କୋରିଓଗ୍ରାଫି କରିଛନ୍ତି ଅମିତ୍ ନାୟକ । ଅମ୍ଲାନଙ୍କ ସହ ପ୍ରମୁଖ ଭୂମିକାରେ ଏଲିନା, ସୁପ୍ରିୟା ଓ ଅଙ୍କିତ୍ ଅଭିନୟ କରିଛନ୍ତି ।





# ମୋନଷ୍ଟର: ଦ ଅଲଟିମେଟ୍

ବଲିଉଡ୍ ଓ ଟଲିଉଡ୍ ଭଳି ବଡ଼ ବଜେଟ୍ ସିନେମାର ଆକର୍ଷଣକୁ ନଜରରେ ରଖି ଏବେ ଓଲିଉଡ୍ ମଧ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ପାଇଁ ପ୍ରସ୍ତୁତ ହେଉଛି । ଆକ୍ସନ୍ ଓ ନବୀନ ଟେକ୍ନୋଲୋଜିର ସମ୍ମିଶ୍ରଣରେ ୩ କୋଟି ଟଙ୍କାରୁ ଅଧିକ ବଜେଟ୍‌ରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା ‘ମୋନଷ୍ଟର: ଦ ଅଲଟିମେଟ୍’ । ଏହି ସିନେମାର ବିଶେଷତା ହେଉଛି ଏଥିରେ ଆଧୁନିକ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ଓଡ଼ିଆ ସିନେମାରେ ଦର୍ଶକମାନେ ଦେଖିବେ ରୋବଟିକ୍ ଆର୍ମ ମେସିନ୍‌ର ବ୍ୟବହାର । ଯାହା ଓଲିଉଡ୍‌ରେ ଏକ ନୂଆ ପ୍ରୟୋଗ ଭାବେ ଦେଖାଯିବ । ‘ଗୋପୀନାଥ ମୋସନ୍ ପିକଚର୍ସ’ ନିବେଦିତ ଏହି ଆକ୍ସନ୍ ଫିଲ୍ମ ଦଶହରା ଅବସରରେ ଦର୍ଶକଙ୍କୁ ଏକ ନୂତନ ଚମତ୍କାରୀ ଅନୁଭବ ଦେବାକୁ ଯାଉଛି । ଓଡ଼ିଆ ସିନେମା “ଆଇ ଲଭ୍ ୟୁ-୨” ସଫଳତା ପରେ ଅଭିନେତା ଆଦିତ୍ୟ ଏହି ସିନେମା ମାଧ୍ୟମରେ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି । ଆଧୁନିକ ଟେକ୍ନୋଲୋଜି, ରୋମାଞ୍ଚକର ଆକ୍ସନ୍ ଏବଂ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ସିନେମାପ୍ରେମୀଙ୍କୁ ଏକ ନୂଆ ଅନୁଭବ ଦେବ ବୋଲି ଆଶା କରାଯାଉଛି ।






# ପ୍ରେକ୍ଷାଳୟରେ ‘ଚରକ’

‘ଦ କେରଳ ଷ୍ଟୋରୀ’ର ନିର୍ଦ୍ଦେଶକ ସୁଦୀପ୍ତୋ ସେନ୍ ତାଙ୍କ ଆଗାମୀ ଲୋକକଥା ଆଧାରିତ ଥ୍ରିଲର୍ ସିନେମା ‘ଚରକ: ଫେଥ୍ ଅଫ୍ ଫେଥ୍’ର ଟ୍ରେଲର୍ ଉନ୍ମୋଚନ କରିଛନ୍ତି । ଏହି ଚଳଚ୍ଚିତ୍ରରେ ସେ ପ୍ରଯୋଜକ ଭାବେ ଜଡ଼ିତ । ଏହି ଚଳଚ୍ଚିତ୍ରରେ ଅଞ୍ଜଳି ପାଟିଲ୍, ସାହିଦୁର ରହମାନ, ସୁବ୍ରତ ଦତ, ଶଶି ଭୂଷଣ, ନଳନୀଶ ନୀଳ, ଶଂଖଦୀପ ଓ ଶୌନକ ଶ୍ୟାମଲ ଅଭିନୟ କରିଛନ୍ତି । ଗ୍ରାମୀଣ ଭାରତରେ ଅନ୍ଧବିଶ୍ୱାସ ଓ ତାନ୍ତ୍ରିକ ପ୍ରଥାକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀ ଯଥାର୍ଥ ଘଟଣାରୁ ଅନୁପ୍ରାଣିତ ଏହି ନିର୍ମାଣ କରାଯାଇଛି । ଟ୍ରେଲର୍ ମୁକ୍ତି ଅବସରରେ ସେ ‘ଚରକ’ ଓ ‘ଦ କେରଳ ଷ୍ଟୋରୀ’ ସମ୍ପର୍କିତ ବିବାଦ ନେଇ ନିର୍ଦ୍ଦେଶକ ସେନ୍ ପ୍ରକାଶ କରିଥିଲେ । ତେବେ ଏହି ସିନେମାଟି ଚଳିତ ମାର୍ଚ୍ଚ ୬ ତାରିଖରେ ପ୍ରେକ୍ଷାଳୟରେ ରିଲିଜ ହୋଇଯାଇଛି । ଚଳଚ୍ଚିତ୍ରଟିକୁ ପେନ୍ ଷ୍ଟୁଡିଓଜ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଶିଳାଦିତ୍ୟ ମୌଳିକ ଏହାର ନିର୍ଦ୍ଦେଶନାରେ ଅଛନ୍ତି । ସେହିପରି ‘ଚରକ’କୁ ସିଫିଂ ଟି ସିନେମାସ୍ ଓ ସୁଦୀପ୍ତୋ ସେନ୍ ପ୍ରଡକ୍ସନ ସଂଯୁକ୍ତ ଭାବେ ପ୍ରଯୋଜନା କରିଛନ୍ତି । ଏଥିରେ ରାଜେଶ ଭଟ୍ ସହ-ପ୍ରଯୋଜକ ଭାବେ ସାମିଲ ଅଛନ୍ତି ।




# ଏପ୍ରିଲ୍‌ରେ ଲାଇନ୍‌ବାଲା

ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା ‘ଲାଇନ୍‌ବାଲା’ । ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ସୁଶାନ୍ତ କୁମାର ମହାନ୍ତି ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ କରିଛନ୍ତି । ଫିଲ୍ମଟିର ଟାଇଟଲ୍ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ । ସିନେମାର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ଦୃଶ୍ୟାୟିତ କରାଯାଇପାରିବ, ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ । ଗୋଟିଏ ଗାଁର ଜଣେ ଖଳପ୍ରକୃତିର ଲୋକ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି । ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି । ‘ଶ୍ରୀହରି ମୋସନ ପିକ୍ଚର୍ସ’ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ସୁଟିଂ ନିକଟରେ ଶେଷ ହୋଇଛି । ଏଥିରେ ସମ୍ବିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ । ସିନେମାଟିରେ ଅନେକ ସାମାଜିକ ବାର୍ତ୍ତା ରହିଛି ।

ପରଦା ପଛର କାହାଣୀ

# ଟ୍ରକ୍ ପଛରେ ଲେଖା ଧାଡ଼ିରୁ ଗୀତ ରଚନା



ଅଶି ନବେ ଦଶକରେ ବଲିଉଡ୍‌ର ଅନେକ ଗୀତ ସୁପରହିଟ୍ ହୋଇଥିଲା । ସେଭଳି ଗୀତକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି । ଦିନ ଥିଲା ଗୀତିକାରମାନେ ଗୋଟିଏ ଗୀତ ଲେଖିବା ପାଇଁ ଖୁବ୍ କଷ୍ଟ କରୁଥିଲେ । ଏହି କ୍ରମରେ ଏକ ଫିଲ୍ମ ଗୀତ ଥିଲା ଯାହା ଟ୍ରକ୍ ପଛରେ ଲେଖାଥିବା ଧାଡ଼ିରୁ ରଚନା କରାଯାଇଥିଲା । ଗୀତଟି ମଧ ସୁପରହିଟ୍ ହୋଇଥିଲା । ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ରୋମାଣ୍ଟିକ ଚଳଚ୍ଚିତ୍ର ‘ମୈନେ ପ୍ୟାର୍ କିୟା’ । ଏଥିରେ ମୁଖ୍ୟ ଅଭିନେତା ଭାବେ ସଲ୍‌ମାନ୍ ଖାନ ଚମତ୍କାର ଅଭିନୟ କରିଥିଲେ । ଏହି ଫିଲ୍ମର ପ୍ରତିଟି ଗୀତ ଲୋକପ୍ରିୟ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା ‘ଆଜ ଶାମ୍ ହୋନେ ଆୟି’ । ପ୍ରସିଦ୍ଧ ସଙ୍ଗୀତକାର ରାମଲକ୍ଷ୍ମଣ ଥରେ ଗାଡ଼ିରେ କୌଣସି ସ୍ଥାନକୁ ଯାଉଥିଲେ । ସେହି ସମୟରେ ତାଙ୍କ ନଜର ଏକ ଟ୍ରକ୍ ଉପରେ ପଡ଼ିଥିଲା । ଏହି ଟ୍ରକ୍ ପଛରେ ଲେଖା ଥିଲା “ତୁ ଚଲ୍ ଆଇ, ମୈ ଆଇ...” । ଏହି ଧାଡ଼ିଟି ତାଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଏ ସଂପର୍କରେ ସେ ସିଧାସଳଖ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ସୁରଜ ବଡ଼ଜାତ୍ୟାଙ୍କୁ ଆଉ ଏକ ଗୀତ କରିବା ପାଇଁ କହିଥିଲେ । ଅବଶ୍ୟ ଏହା ପୂର୍ବରୁ ଫିଲ୍ମରେ ୯ - ୧୦ ଟି ଗୀତ ତିଆରି ହୋଇସାରିଥିଲା । ଏପରି ସ୍ଥଳେ ଆଉ ଏକ ଗୀତ ପାଇଁ ସ୍ଥାନ ନଥିଲା । ଏହାସତ୍ତ୍ୱେ ସେ ଆଉ ଏକ ଗୀତ ସେଟିଂ କରିବାକୁ କହିଥିଲେ । ଟ୍ରକ୍ ପଛରେ ଲେଖାଥିବା ଧାଡ଼ି ଅନୁସାରେ ସେ ଧୁନ୍ ତିଆରି କଲେ । ଏହାପରେ ଜୟଦେବ କୋହଲିଙ୍କ ପାଖକୁ ଯାଇଥିଲେ । ସେ ଏହା ଉପରେ ଗୀତ କରିଥିଲେ । ଅବଶ୍ୟ ପ୍ରଥମେ ଏହି ଗୀତରେ “ଆଜ୍ ରାତ୍ ହୋନେ ଆୟି ଥା...” ରହିଥିଲା । ପରବର୍ତ୍ତୀ ସମୟରେ ସୁରଜ ବଡ଼ଜାତ୍ୟାଙ୍କ ବାପା ଏହାକୁ “ଆଜ୍ ଶ୍ୟାମ୍ ହୋନେ ଆୟି...” କରିଥିଲେ । ଏହାପରେ ଏହି ଗୀତ ପ୍ରସ୍ତୁତ କରାଯାଇଥିଲା । ଏକ ସାକ୍ଷାତକାରରେ ସୁରଜ ଏ ସଂପର୍କରେ କହିଥିଲେ । “ଆଜ୍ ଶ୍ୟାମ୍ ହୋନେ ଆୟି...” ଗୀତରେ ଏସ୍.ପି. ବାଲାସୁବ୍ରମଣ୍ୟମ୍ ଏବଂ ଲତା ମଙ୍ଗେସ୍‌କର୍ କଣ୍ଠଦାନ କରିଥିଲେ । ଗୀତଟିରେ ସଲମାନ୍ ଖାନ୍ ଏବଂ ଭାଗ୍ୟଶ୍ରୀଙ୍କୁ ଦେଖିବାକୁ ମିଳିଥିଲା । ଫିଲ୍ମରେ ଏହି ଗୀତଟି ସୁପରହିଟ୍ ହୋଇଥିଲା ।

ସାକ୍ଷାତକାର

ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକରେ ଅଭିନୟ କରୁଥିଲେ । ରାଜ୍ୟ ବାହାରେ ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେଉଥିଲେ । ଏହା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । ‘ଅପରାଜିତା’ ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏହା ପରେ ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ପ୍ରତିଭାବାନ କଳାକାର ହେଉଛନ୍ତି ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗରର ଚିନ୍ମୟ କୁମାର ପଣ୍ଡା । ‘ଆଶା’, ‘ସିନ୍ଦୂରର ଅଧିକାର’ ଆଦି ଧାରାବାହିକରେ ସେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜୟ କରି ପାରିଛନ୍ତି । ଏବେ ସେ ‘କେଦାର ଗୌରୀ’ ଧାରାବାହିକରେ ‘କେଦାର’ ଭୂମିକାରେ ଅଭିନୟ କରୁଛନ୍ତି । ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ।

# “ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା କଳାକାରର ଧର୍ମ”

**ଚିନ୍ମୟ କୁମାର ପଣ୍ଡା, ଅଭିନେତା**



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ ?**

● ୨୦୧୩-୧୪ ମସିହାରେ ନାଚ ଶିଖିବା ଆଶାରେ ଭୁବନେଶ୍ୱର ଆସିଥିଲି । ଏଠାକୁ ଆସି ସଙ୍ଗୀତ ମହାବିଦ୍ୟାଳୟ ବିଷୟରେ ଜାଣିଲି । ତେଣୁ ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲି । ଯୁକ୍ତ ଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ପଢ଼ା ସରିଲା । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ମଞ୍ଚନାଟକରେ ଅଭିନୟ କରିଛି । ସୌଭାଗ୍ୟବଶତଃ ସୀତାରାମ ଅଗ୍ରୱାଲ ସାର୍ ‘ସିଦ୍ଧାର୍ଥ ଟିଭି’ର ‘ଅପରାଜିତା’ ଧାରାବାହିକରେ ‘ବିଷ୍ଣୁ’ ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ପରେ ଧାରାବାହିକ ‘ଆଶା’ରେ କାମ କଲି । ପରେ ‘ସିନ୍ଦୂରର ଅଧିକାର’ରେ ନେଗେଟିଭ୍ ଚରିତ୍ରରେ ଅଭିନୟ କଲି ।

**ନାୟକରୁ ଖଳନାୟକ ଯାତ୍ରା କଠିନ ଥିଲା କି ?**

● ଆଦୌ ନୁହେଁ । ନାୟକ ହେବାକୁ ଯେବେ ସୁଯୋଗ ମିଳିଥିଲା ନିଜକୁ ପ୍ରମାଣିତ କରିବାକୁ ଚାହିଁଥିଲି । ‘ସିନ୍ଦୂରର ଅଧିକାର’ରେ ଖଳନାୟକ ‘ରକି’ ଭୂମିକାରେ ଅଭିନୟ କରିବା ବେଳେ ମୁଁ ମୋ ନିଜ ଚରିତ୍ରରୁ ବାହାରିଥିଲି । ନକାରାତ୍ମକ ଚରିତ୍ରରେ ଅଭିନୟ କରିବା ନିମନ୍ତେ ଖଳପ୍ରକୃତି ପାଇଁ କ’ଣ କ’ଣ ଆବଶ୍ୟକ ତାହାକୁ ମୁଣ୍ଡରେ ପୂରାଇଲି । ମୋ ମତରେ ପ୍ରତ୍ୟେକ ଚରିତ୍ରକୁ ନିଖୁଣ ଭାବେ ଫୁଟାଇବା ଜଣେ କଳାକାରର ଧର୍ମ ।

**କ୍ୟାମେରା ସାମ୍ନାରେ ପ୍ରଥମେ ଝୁଣ୍ଟି ଥିଲେ ?**

● ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରାକୁ ପ୍ରଥମେ ସାମ୍ନା କରି ଟିକେ ଝୁଣ୍ଟି ଥିଲି । କାରଣ ମଞ୍ଚରେ ସଂଳାପ ପରିବେଷଣ ଶୈଳୀ ଭିନ୍ନ ଧରଣର ହୋଇଥାଏ । ତେବେ କ୍ୟାମେରା ସାମ୍ନାରେ ଆଖି, ଓଠ ଏବଂ ମୁହଁର ସମ୍ପୂର୍ଣ୍ଣ ଭାବ ମୁଖ୍ୟତଃ ଜରୁରି ହୋଇଥାଏ । ଲାଇଟ୍, କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହୁଏ ।

**‘କେଦାର ଗୌରୀ’ର କେଦାର ଚରିତ୍ରକୁ ନେଇ କ’ଣ କହିବେ ?**

● ‘କେଦାର ଗୌରୀ’ ଧାରାବାହିକରେ ମଣିଷ ଜୀବନରେ ଭକ୍ତି, ପ୍ରେମ ଓ ସଂଘର୍ଷର କେତେ ଗୁରୁତ୍ୱ ରହିଛି ତାହା ଦେଖିବାକୁ ମିଳୁଛି । ଏଥିରେ କେଦାର ସବୁ ପରିସ୍ଥିତିରେ ସାମଞ୍ଜସ୍ୟ ରକ୍ଷା କରି ଚାଲୁଛି । ଯେତେ ସମସ୍ୟା ଆସିଲେ ବି ସେ ତା’ ସମାଧାନର ବାଟ ଖୋଜୁଛି । ଅବଶ୍ୟ ଏଥିପାଇଁ ଗୌରୀଙ୍କ ସାହାଯ୍ୟ ରହିଛି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ’ଣ କରନ୍ତି ?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ଚତୁଃପାର୍ଶ୍ୱରେ ସମସ୍ତଙ୍କଠାରୁ କିଛି ନା କିଛି ଶିଖେ ।

**କେଉଁ ଚରିତ୍ରରେ ଅଭିନୟ କରି ଆପଣ ଅଧିକ ଦର୍ଶକଙ୍କ ସାଉଁଟିଛନ୍ତି ?**

● ‘ସିନ୍ଦୂରର ଅଧିକାର’ର ରକି ଚରିତ୍ର ମୋତେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି ।

**ସ୍ମରଣୀୟ ଅନୁଭୂତି ?**

● ‘ଅପରାଜିତା’ ଧାରାବାହିକରେ ଭଗବାନ ବିଷ୍ଣୁଙ୍କ ଭୂମିକାରେ ଅଭିନୟ କରିବା ମୋ’ ଜୀବନର ଏକ ସ୍ମରଣୀୟ ଅନୁଭୂତି ।

**ଆଗାମୀ ଯୋଜନା କ’ଣ ରହିଛି ?**

● ଏବେ ତ ଧାରାବାହିକରେ କାମ ଚାଲିଛି । ଆଗକୁ ଯାତ୍ରା ମଞ୍ଚରେ କାମ କରିବାକୁ ଇଚ୍ଛା ରଖିଛି । ଏହା ଏମିତି ଏକ ପ୍ଲାଟଫର୍ମ ଯେଉଁଠି ଜଣେ କଳାକାରକୁ ତାର ଜୀବନ୍ତ ଅଭିନୟ ଦେଖାଇବାକୁ ସୁଯୋଗ ମିଳେ ।

## ଟି-୨୦ ଚାମ୍ପିଅନଙ୍କୁ ମିଳିବ ୧୩୧ କୋଟି, ଦ୍ରାବିଡ ଓ ବିନ୍ନିଙ୍କୁ ଲାଇଫ୍ ଟାଇମ୍ ଆୱାର୍ଡ

# ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଆଜି

**ନୂଆଦିଲ୍ଲୀ,୧୪।୩(ଏଜେନ୍ସି):** ଭାରତୀୟ କ୍ରିକେଟର ଏକ ସଫଳ ବର୍ଷ ଶେଷ ହୋଇଛି। ଏହି ସିଜନରେ ବିସିସିଆଇ ଅଧିନରେ ଖେଳୁଥିବା ୫ଟି ଟିମ୍ ଆଇସିସି ଟାଇଟଲ ଏବଂ ବିଶ୍ୱକପ୍ ଚାମ୍ପିଅନ ହୋଇଛନ୍ତି। ଏମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ବିସିସିଆଇ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏହା ଛଡ଼ା ଅନ୍ତର୍ଜାତୀୟ ଓ ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୁଷ ଓ ମହିଳା ଖେଳାଳିଙ୍କୁ ମଧ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କ୍ରିକେଟକୁ ଆଜୀବନ ଅବଦାନ ନିମନ୍ତେ ଚଳିତବର୍ଷ ୩ଜଣ ପୂର୍ବତନ କ୍ରିକେଟରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେମାନେ ହେଲେ ୧୯୮୩ ବିଶ୍ୱକପ୍ ଚାମ୍ପିଅନ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୋଜର ବିନ୍ନି, ଦ ୱାଲ ଭାବେ ପରିଚିତ ରାହୁଲ ଦ୍ରାବିଡ। ପୁରୁଷ ବିଭାଗରେ ଏମାନଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାର ଦିଆଯିବ। ମହିଳା ବିଭାଗରେ ଭାରତୀୟ କ୍ରିକେଟକୁ ଶ୍ରେଷ୍ଠ ଅବଦାନ ଦେଇଥିବା ମିତାଲି ରାଜଙ୍କୁ ମଧ ଆଜୀବନ ଅବଦାନ କାଟାଗୋରୀରେ ସମ୍ମାନିତ କରାଯିବ ବୋଲି ବିସିସିଆଇ ପକ୍ଷରୁ ଦିଆଯାଇଥିବା ସୂଚନାରୁ ଜଣାଯାଇଛି। ଆସନ୍ତାକାଲି ବା ରବିବାର ନୂଆଦିଲ୍ଲୀରେ ଏକ ପଞ୍ଚତାରକା ହୋଟେଲରେ ବର୍ତ୍ତମାନ ଓ ପୂରାତନ ଖେଳାଳି, କର୍ମକର୍ତ୍ତା ଓ ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଖେଳାଳିମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ପ୍ରସ୍ତୁତିରେ ଲାଗିପଡ଼ିବେ। ଚଳିତବର୍ଷର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଣୁ ପୁରସ୍କାର ପାଉଥିବା ଖେଳାଳିମାନଙ୍କୁ ଅଧିକ ସଫଳତା ଲାଗି ଏହା ବେଶ ଉତ୍ସାହଜନକ ହେବ ବୋଲି ଆଶା କରାଯାଉଛି।

ଅନ୍ତର୍ଜାତୀୟ କ୍ରିକେଟରେ ୫ଟି ବିଶ୍ୱଟାଇଟଲ ଜିତିଥିବା ଭାରତୀୟ ଦଳଗୁଡ଼ିକୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନିକଟରେ ତୃତୀୟଥର ଲାଗି ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ପୁରୁଷ ଦଳକୁ ୧୩୧ କୋଟି ଟଙ୍କା ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ୧୫ ଜଣ ଖେଳାଳିଙ୍କୁ ୯୦ କୋଟି ବା ପ୍ରତ୍ୟେକ ଖେଳାଳିଙ୍କୁ ୬କୋଟି ଲେଖାଏଁ ଟଙ୍କା ଦିଆଯିବ। ଅବଶିଷ୍ଟ ୪୧ କୋଟିଏ ବିଭିନ୍ନ କୋଚ୍, ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନଙ୍କୁ ମିଳିବ। ଗତବର୍ଷ ନ୍ୟୁଜିଲାଣ୍ଡକୁ ହରାଇ ଭାରତର ପୁରୁଷ ଦଳ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଜିତିଥିଲା। ଏହି ଦଳକୁ ୫୮ କୋଟି ଟଙ୍କାର ପୁରସ୍କାର ଦିଆଯିବ। ଏହାପରେ ଘରୋଇ ମାଟିରେ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତର ମହିଳା ଦଳକୁ ୫୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏ ଥର ୧୯ ବର୍ଷରୁ କମ୍ ପୁରୁଷ ଓ ମହିଳା ଦଳ ଉଭୟ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଉଭୟ ଦଳକୁ ୭.୫ କୋଟି ଲେଖାଏଁ ଟଙ୍କା ପୁରସ୍କାର ଆକାରରେ ମିଳିବ ବୋଲି ଜଣାଯାଇଛି।

ଏହା ବ୍ୟତୀତ ଭାରତୀୟ କ୍ରିକେଟରୁ ଆଜୀବନ ଅବଦାନ ନିମନ୍ତେ ଏଥର ୨ଜଣ ପୁରୁଷ କ୍ରିକେଟର ରୋଜର ବିନ୍ନି ଓ ରାହୁଲ ଦ୍ରାବିଡ଼ଙ୍କୁ କର୍ଣ୍ଣେଲ ସିକେ ନାଇଡୁ ପୁରସ୍କାରରେ ସମ୍ମାନିତ କରାଯିବ। ମହିଳା ବିଭାଗରେ ଏହି ପୁରସ୍କାର ଲାଗି ମିତାଲି ରାଜଙ୍କୁ ମନୋନୀତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି କ୍ରମାଗତ ଦ୍ୱିତୀୟ ବର୍ଷ ଶୁବମନ ଗିଲ୍ ମନୋନୀତ ହୋଇଛନ୍ତି। ସେ ସମସ୍ତ ଫର୍ମାଟରେ ୪୯ ହାରରେ ୧୭୬୪ ରନ୍ କରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଶେଷ ମୁହୂର୍ତ୍ତରେ ଟି-୨୦ ଦଳରୁ ବାଦ୍ ଦିଆଯାଇଥିଲା। ମହିଳା ବିଭାଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ସେ ଏହି ପୁରସ୍କାର ତାଙ୍କ ଜୀବନକାଳରେ ୫ମଥର ଲାଗି ପାଇବାକୁ ମନୋନୀତ ହୋଇଛନ୍ତି। ଅର୍ନ୍ତଜାତୀୟ କ୍ରିକେଟରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ଖେଳାଳି ଭାବେ ପୁରୁଷ ବିଭାଗରେ ହର୍ଷିତ ରାଣା ଓ ମହିଳା ବିଭାଗରେ ଶ୍ରୀ ଚରଣି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।









| ଚାମ୍ପିଅନ ଟିମ୍‌କୁ ପୁରସ୍କାର | | |
|---|---|---|
| ଟି-୨୦ ବିଶ୍ୱକପ୍ | : | ୧୩୧ କୋଟି |
| ଚାମ୍ପିଅନ୍ସ ଟ୍ରଫି | : | ୫୮ କୋଟି |
| ମହିଳା ଦିନିକିଆ ବିଶ୍ୱକପ | : | ୫୧ କୋଟି |
| ପୁରୁଷ ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |
| ମହିଳା ଅଣ୍ଡର ୧୯ ବିଶ୍ୱକପ୍ | : | ୭.୫ କୋଟି |
| **କାହାକୁ କେଉଁ ପୁରସ୍କାର** | | |
| ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳି | : | ଶୁବମନ ଗିଲ୍ |
| ଶ୍ରେଷ୍ଠ ଅନ୍ତ. ମହିଳା ଖେଳାଳି | : | ସ୍ମୃତି ମନ୍ଧାନା |
| ଲାଇଫ ଟାଇମ୍ ଆୱାର୍ଡ-୧ | : | ରୋଜର ବିନ୍ନି |
| ଲାଇଫ ଟାଇମ୍ ଆୱାର୍ଡ-୨ | : | ରାହୁଲ ଦ୍ରାବିଡ଼ |
| ଲାଇଫ ଟାଇମ୍ ଆୱାର୍ଡ-୩ | : | ମିତାଲି ରାଜ |
| ଘରୋଇ କ୍ରିକେଟରେ ଶ୍ରେଷ୍ଠ | : | ଶେଫାଳି ବର୍ମା |
| ଘରୋଇ କ୍ରି. ଶ୍ରେଷ୍ଠ ଜୁନିଅର | : | ଇରା ଯାଦବ |
| ରଣଜୀ ଶ୍ରେଷ୍ଠ ଅଲରାଉଣ୍ଡର | : | ହର୍ଷ ଦୁବେ |
| ସୀମିତ ଓଭରରେ ଶ୍ରେଷ୍ଠ | : | ଆୟୁଷ ମାହତ୍ରେ |
| ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ | : | ମୁମ୍ବଇ ସିସି |

### ଘରୋଇ କ୍ରିକେଟ

ଘରୋଇ ମହିଳା କ୍ରିକେଟର ବରିଷ୍ଠ ବିଭାଗରେ ହରିୟାଣାର ଶେଫାଳି ବର୍ମା ଓ କନିଷ୍ଠ ବିଭାଗରେ ଇରା ଯାଦବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ରଣଜୀ ଟ୍ରଫିରେ ବିଦର୍ଭର ହର୍ଷ ଦୁବେ ଓ ସୀମିତ ଓଭର କ୍ରିକେଟରେ ମୁମ୍ବଇର ଆୟୂଷ ମାହତ୍ରେ ଶ୍ରେଷ୍ଠ ଅଲରାଉଣ୍ଡର ବା ଲାଲା ଅମରନାଥ ପୁରସ୍କାର ପାଇବେ। ମୁମ୍ବଇ କ୍ରିକେଟ ଆସୋସିଏସନକୁ ଘରୋଇ କ୍ରିକେଟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଟିମ୍ ଭାବେ ପୁରସ୍କୃତ କରାଯିବ। ଚଳିତ ସିଜନରେ ମୁମ୍ବଇ ୪ଟି ଟ୍ରଫି ଜିତିଥିଲାବେଳେ ଅନ୍ୟ ୨ଟିରେ ରନର୍ସ ଅପ୍ ହୋଇଥିଲା। ଏହା ଛଡ଼ା ବ୍ୟକ୍ତିଗତ ବିଭାଗରେ ଏକାଧିକ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାଯାଇଛି। ଆସନ୍ତାକାଲି ଖେଳାଳି ଓ କର୍ମକର୍ତ୍ତାମାନଙ୍କୁ ମିଳିତ ଭାବେ ୫୦୦ କୋଟି ଟଙ୍କାରୁ ଅଧିକ ପୁରସ୍କାର ଦିଆଯିବ ବୋଲି ଜଣାଯାଇଛି।

## ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର



**ଗୌହାଟୀ,୧୪।୩(ଏଜେନ୍ସି):** ଆସାମର ଯୁବ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ଭାରତର ୯୪ତମ ଚେସ୍ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଗତକାଲି ସ୍ୱିଡେନରେ ଶେଷ ହୋଇଥିବା ୟଙ୍ଗ ଟ୍ୟାଲେଣ୍ଟସ ଟୁର୍ଣ୍ଣାମେଣ୍ଟରେ ମୟଙ୍କ ତୃତୀୟ ତଥା ଶେଷ ଜିଏମ୍ ନର୍ମ ହାସଲ କରିଥିଲେ। ଏହା ଫଳରେ ୧୬ ବର୍ଷୀୟ ମୟଙ୍କ ମଧ ଉତ୍ତରପୂର୍ବାଞ୍ଚଳର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଲାଭ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୟଙ୍କଙ୍କୁ ୯ରାଉଣ୍ଡରୁ ୭ ପଏଣ୍ଟ ମିଳିଥିଲାବେଳେ ଗୋଟିଏ ରାଉଣ୍ଡ ପୂର୍ବରୁ ଉଭୟ ତୃତୀୟ ଜିଏମ୍ ନର୍ମ ଓ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିନେଇଥିଲେ। ଇଂଲଣ୍ଡର ଜୋନାଥ ୱିଲୋ ବି ରନର୍ସ ଅପ୍ ଓ ନରୱେର ଆକ୍‌ସେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଚାଇନିଜ୍ ଗ୍ରାଁ ପ୍ରି: ପୋଲ୍ ପୋଜିସନ୍‌ରେ କିମି ସର୍ବକନିଷ୍ଠ



**ସାଙ୍ଘାଇ,୧୪।୩(ଏଜେନ୍ସି):** ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଚାଇନିଜ୍ ଗ୍ରାଁ ପ୍ରି ଫର୍ମୁଲା ୱାନ୍ ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି। ଏହା ଫଳରେ ଫର୍ମୁଲା ୱାନ୍‌ରେ ପୋଲ ପୋଜିସନ ପାଇବାରେ ସେ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଇଟାଲୀର ଏହି ଟିନ୍‌ଏଜ୍ ଡ୍ରାଇଭରଙ୍କୁ ଏବେ ୧୯ ବର୍ଷ। ପୂର୍ବରୁ ୨୧ ବର୍ଷରେ ଜର୍ମାନୀ ଡ୍ରାଇଭର ସେବାଷ୍ଟିଏନ ଭେଟେଲଙ୍କ ନାମରେ ଏହି ରେକର୍ଡ ରହିଥିଲା। ଆଜିର ରେସ୍‌ରେ ଆଣ୍ଟୋନେଲିଙ୍କ ଟିମ୍ ମେଟ ତଥା ମର୍ସିଡିଜ୍ ଡ୍ରାଇଭର ଜର୍ଜ ରସେଲ ଦ୍ୱିତୀୟ, ଫେରାରୀର ଲୁଇସ ହାମିଲଟନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରିରେ ମର୍ସିଡିଜ୍‌ର ଦୁଇ ଡ୍ରାଇଭର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ଗତ ଦୁଇଟି ରେସ୍‌ରେ ମର୍ସିଡିଜ୍ ପ୍ରାଧାନ୍ୟ ବିସ୍ତାର କରିଛି।

## ନ୍ୟାସନାଲ ୟୁଥ୍ ଭଲିବଲ୍ ଚାମ୍ପିଅନ୍‌ସିପ୍ ଆଜିଠାରୁ

**ଭୁବନେଶ୍ୱର,୧୪।୩(ସମିସ):** କିଟ୍ ୟୁନିଭର୍ସିଟିଜ୍ ପରିସରରେ ଆସନ୍ତାକାଲିଠାରୁ ୨୬ତମ ନ୍ୟାସନାଲ ୟୁଥ୍ ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟ ଏକସଙ୍ଗେ ୬ଟି ଇନ୍‌ଡୋର କୋର୍ଟରେ ଖେଳାଯିବ। କିଟ୍ ପରିସରରେ ଥିବା ମଲ୍ଟିପର୍ପୋଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଓଡ଼ିଶା ଭଲିବଲ ସଂଘ ଓ କିଟ୍ ୟୁନିଭର୍ସିଟିଜ୍ ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତଭାବେ ଆୟୋଜନ କରୁଛି। ଏଥିରେ ୩୦ଟି ରାଜ୍ୟ ଓ ୨ଟ ସାଙ୍ଗଠନିକ ଟିମ୍‌ର ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏଠାରେ ପୂର୍ବରୁ ୩ଥର ଜାତୀୟ ସିନିୟର ଭଲିବଲ ଚାମ୍ପିଅନସିପ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

## ୧୬ରୁ ଜାତୀୟସ୍ତରୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

**ବାଲେଶ୍ୱର,୧୪।୩ (ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ନୂଆପାଢ଼ୀ କ୍ୟାମ୍ପସରେ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍ (ଏଆଇୟୁ) ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତାଏକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହେବାକୁ ଯାଉଛି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପାଇଁ ଶନିବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ପ୍ରତିଯୋଗିତା ଆୟୋଜନ ସହ ଜଡ଼ିତ ବିଭିନ୍ନ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସମ୍ପର୍କିତ ସବିଶେଷ ଆଲୋଚନା କରିଥିଲେ।

■ **ଜେକେ ବୋଷ ଆନ୍ତଃଜୋନ୍ କ୍ରିକେଟ**

## ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପରାସ୍ତ

**ଭୁବନେଶ୍ୱର,୧୪।୩(ସମିସ):** ଦିଲ୍ଲୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଜର୍ଣ୍ଣାଲିଷ୍ଟ ଫେଡେରେସନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ଆଜିଠାରୁ କ୍ରୀଡ଼ା ସାମ୍ବାଦିକ ମାନଙ୍କୁ ନେଇ ଆରମ୍ଭ ହୋଇଛି ଜେକେ ବୋଷ୍ ଆନ୍ତଃଜୋନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପୂର୍ବାଞ୍ଚଳ ତାହାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ନିକଟରୁ ୮ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ଶିବ କ୍ରିଷ୍ଣା ୫ ରନ୍ ଦେଇ ୪ ୱିକେଟ ନେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଉତ୍ତରାଞ୍ଚଳ ୯ ୱିକେଟରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଛି। ଉତ୍ତରାଞ୍ଚଳର ରିଷଭ ସିଂ ୧୦୨ ରନ୍ କରିଥିଲେ। ଆସନ୍ତାକାଲି ଉତ୍ତରାଞ୍ଚଳ ସହ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ମୁକାବିଲା ହେବ।

## ସେମି ଫାଇନାଲ୍‌ରେ ହାରିଲେ ଭାମ୍ବ୍ରୀ

**ଇଣ୍ଡିଆନ୍ ୱେଲ୍ସ, ୧୪।୩ (ଏଜେନ୍ସି):** ଭାରତର ଯୁକି ଭାମ୍ବ୍ରୀ ଓ ସ୍ୱିଡେନର ଆନ୍ଦ୍ରେ ଗୋରାନସନ ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଓପନ ପୁରୁଷ ଡବଲ୍ସ ସେମିରେ ପରାଜିତ ହୋଇଛନ୍ତି। ପ୍ରଥମଥର କୌଣସି ଏକ ଏଟିପି ମାଷ୍ଟର୍ସ-୧୦୦୦ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ଭାମ୍ବ୍ରୀ ସ୍ପେନ୍‌ର ମାର୍ସେଲୋ ଗ୍ରାନୋଲର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସଙ୍କ ଯୋଡିଠାରୁ ସିଧାସଳଖ ସେଟ୍‌ରେ ହାରିଯାଇଥିଲେ। ପରାଜୟ ପରେ ମଧ ଭାମ୍ବ୍ରୀ-ଗୋରାନସନ ଯୋଡି ସର୍ବଶେଷ ର୍ୟାଙ୍କିଙ୍ଗ୍‌ରେ ୧୪ ତମ ସ୍ଥାନକୁ ଉଠିବେ। ମହିଳା ବିଭାଗ ଫାଇନାଲରେ ଏଲିନା ରିବାକିନାଙ୍କ ସହ ଆରିନା ସାବାଲେଙ୍କାଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ସେମିଫାଇନାଲରେ ରିବାକିନା ୟୁକ୍ରେନ୍‌ର ଭିଟୋଲିଆନଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରେ ବିଜୟୀ ହୋଇଥିଲେ।

■ **ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଫାଇନାଲ୍**

## ଭାରତ-ଇଂଲଣ୍ଡ ଜୋର୍‌ଦାର୍ ମୁକାବିଲା

**ହାଇଦ୍ରାବାଦ୍,୧୪।୩(ଏଜେନ୍ସି):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ ହକି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଜୋରଦାର ଚାଲିଛି। ଶେଷ ଖବର ସୁଦ୍ଧା ଆଜି ଖେଳାଯାଇଥିବା ଫାଇନାଲରେ ଇଂଲଣ୍ଡ ୧-୦ ଗୋଲରେ ଆଗୁଆ ରହିଛି। ଗତକାଲି ସେମିଫାଇନାଲରେ ଇଟାଲୀକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ସ୍କଟଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗତକାଲିର ଦ୍ୱିତୀୟ ସେମିଫାଇନାଲରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ମନୀଷା ଚୋହାନ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ପୂର୍ବରୁ ଭାରତ ଓ ସ୍କଟଲାଣ୍ଡ ଗୋଟିଏ ଗ୍ରୁପ୍‌ରେ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ଭାରତ ଫାଇନାଲ ପୂର୍ବରୁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି।



**ଦଣ୍ଡିତ ହୋଇନାହାନ୍ତି ପାକିସ୍ତାନ ଖେଳାଳି**

**ଲାହୋର,୧୪।୩(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ପୁରୁଷ ଦଳ ପ୍ରବେଶ କରିପାରି ନ ଥିବାରୁ ପ୍ରତ୍ୟେକ ଖେଳାଳିଙ୍କୁ ୫୦ ଲକ୍ଷ ପାକିସ୍ତାନୀ ଟଙ୍କା ଦଣ୍ଡ ପ୍ରଦାନ କରାଯାଇଛି ବୋଲି ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ତାହାକୁ ଆଜି ପାକିସ୍ତାନୀ କ୍ରିକେଟ ବୋର୍ଡ ଅସ୍ୱୀକାର କରିଛି।

## ଗୋଟିଏ ଦିନ ପରେ ଓସିଏ କ୍ଲବ୍ ଲିଗ୍ କ୍ରିକେଟ

**ଭୁବନେଶ୍ୱର,୧୪।୩(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ସୋମବାର ମାର୍ଚ୍ଚ ୧୬ ତାରିଖରୁ ରାଜ୍ୟସ୍ତରୀୟ କ୍ଲବ୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଓସିଏ ସ୍ୱୀକୃତିପ୍ରାପ୍ତ ୨୦ଟି କ୍ଲବ୍ ଅଂଶଗ୍ରହଣ କରିବେ। ଏହି କ୍ଲବ୍ ଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ କ୍ଲବ୍ ସ୍ଥାନ ପାଇଛନ୍ତି ଓ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଗ୍ରୁପରୁ ଦୁଇ ଶ୍ରେଷ୍ଠ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୭ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମ୍ୟାଚ୍ ଗୁଡିକ ୫୦ ଓଭର ବିଶିଷ୍ଟ ହେବ। ପ୍ରତ୍ୟେକ ଦିନ ଖେଳ ସକାଳ ୮ଟା ୩୦ରୁ ଆରମ୍ଭ ହୋଇ ୧୨ଟା ଯାଏ ଚାଲିବ। ଏହା ପରେ ୪୫ ମିନିଟ୍‌ର ମଧ୍ୟାହ୍ନ ଭୋଜନ ହେବ।

**ଓଡ଼ିଶା ସ୍ପ୍ରିଣ୍ଟ ଆଥ୍‌ଲେଟିକ୍ସ ଆରମ୍ଭ**

## ଲାଲୁପ୍ରସାଦ, ମୌସୁମୀ ଦ୍ରୁତତମ

**ଭୁବନେଶ୍ୱର,୧୪।୩(ସମିସ):** ଓଡ଼ିଶା ସ୍ପ୍ରିଣ୍ଟ ଆଥ୍‌ଲେଟିକ୍ସ କଟକର ରିଜର୍ଭ ପୁଲିସ୍ ଗ୍ରାଉଣ୍ଡରେ ଆଜି ଆରମ୍ଭ ହୋଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ବରିଷ୍ଠ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରୁ ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ରେ କିଟ୍‌ର ଲାଲୁପ୍ରସାଦ ଭୋଇ ପ୍ରଥମ ଓ ଡିଏମ୍ ଜୟରାମ ଦ୍ୱିତୀୟ ହୋଇଥିଲେ। ପୁରୁଷ ୪୦୦ ମିଟର ଦୌଡ଼ରେ କଟକର ଆସ୍ତିକ ପ୍ରଧାନ ପ୍ରଥମ ଓ ବରଗଡ଼ର ମଳୟ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ବାଲେଶ୍ୱରର ସୋମନାଥ କର ପ୍ରଥମ ହୋଇଛନ୍ତି। ମହିଳା ୧୦୦ ମିଟର ଦୌଡ଼ରେ ବରଗଡ଼ର ମୌସୁମୀ ରୟ ଓ କଟକର ମନୀଷା ମେରେଲ, ୪୦୦ ମିଟର ଦୌଡ଼ରେ ଓଡ଼ିଶା ପୁଲିସ୍‌ର ସୁଖି ବାସ୍କେ ଓ କେନ୍ଦ୍ରାପଡ଼ାର ଦୀପ୍ତିରଞ୍ଜନ ସାହୁ, ୧୦୦ ମିଟର ବାଧାଦୌଡ଼ରେ ଓଡ଼ିଶା ପୁଲିସର ସବିତା ଟପ୍ପୋ ଓ କଟକର ଦୀପିକା ଦଳାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୦ ବର୍ଷରୁ କମ୍ ପୁରୁଷ ବିଭାଗରେ କେନ୍ଦ୍ରାପଡ଼ାର ଶୁଭମ ପ୍ରକାଶ ସାହୁ, ୪୦୦ ମିଟର ଦୌଡ଼ରେ ଯାଜପୁରର ବାପି ହାଁସ୍‌ଦା, ୧୧୦ ମିଟର ବାଧାଦୌଡ଼ରେ କେନ୍ଦୁଝରର ବିଶ୍ୱଜିତ୍ ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୨୦ ବର୍ଷରୁ କମ୍ ମହିଳା ବିଭାଗ ୧୦୦ ମିଟର ଦୌଡ଼ରେ ଜଗତସିଂହପୁରର ଶୁଭଶ୍ରୀ ପରିଡ଼ା, ୪୦୦ ମିଟର ଦୌଡ଼ରେ କଟକର ବାସନ୍ତୀ ମାଝୀ ଓ ୧୦୦ ମିଟର ବାଧାଦୌଡ଼ରେ ମୟୂରଭଞ୍ଜର ଡାଙ୍ଗୀ ମୁର୍ମୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।




**ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ**

## ବୃହତ ବିଜୟ ସହ କ୍ୱାର୍ଟରରେ ପାଓନିୟର

**ଭୁବନେଶ୍ୱର,୧୪।୩(ସମିସ):** ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ ଖିମଜୀ କପ୍ ମୁକ୍ତେଶ୍ୱର ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀର ପାଓନିୟର କ୍ଲବ ବୃହତ ୧୩୫ ରନରେ ଭୁବନେଶ୍ୱର ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ଟାଉନ୍ କ୍ଲବ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାଓନିୟର ନିର୍ଦ୍ଧାରିତ ୪୦ ଓଭରରେ ୨୩୬ ରନକରି ଆଉଟ ହୋଇଥିଲା। ଜବାବରେ ଟାଉନ୍ କ୍ଲବ ୨୨.୫ ଓଭରରେ ମାତ୍ର ୧୦୧ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ବିଜୟ ସହ ପାଓନିୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟାଉନ୍ କ୍ଲବ ତରଫରୁ ସରୋଜ ପଣ୍ଡା ୨୮, ଦୀପକ ମାଝି ୨୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାଓନିୟରର ମହେଶ ପ୍ରଧାନ ସର୍ବାଧିକ ୫ ଓ ଲାଲୁ ମହାନ୍ତି ୪ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପାଓନିୟର ତରଫରୁ ରାଜେଶ ବେହେରା ସର୍ବାଧିକ ୫୭, ସୌମ୍ୟ ବିଶ୍ୱାଳ ୪୯, ମହେଶ ପ୍ରଧାନ ୨୭, ବିଶାଲ ୨୪, ଅବଦୁଲ ଖାନ୍ ୨୨, ଦେବାଶିଷ ଦାଶ ୨୧ ରନ ସଂଗ୍ରହ କରିଥିଲେ। ବୋଲିଂ ଟାଉନ୍ କ୍ଲବ ତରଫରୁ ସୁମନ ମହାରଣା ସର୍ବାଧିକ ୩, ରାକେଶ ବାରିକ ଓ ରାକେଶ ବେହେରା ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମହେଶ ପ୍ରଧାନ ୫ ୱିକେଟ ନେବା ସହ ୩୧ ବଲରୁ ୨୭ ରନ ସଂଗ୍ରହ କରି ଅଲରାଉଣ୍ଡ ପ୍ରଦର୍ଶନ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପ-ସଭାପତି ପ୍ରଦୋଶ ମହାନ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ମହେଶଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତାକାଲି ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS